Split by PDF Splitter



## ପ୍ରେରିତପତ୍ର ।

To the Editor of the Utkal Dipica.

Sir,

I beg to take exception to the process of reasoning by means of which you arrive at the conclusion in your editorial of the 17th. December last, that the Joint Inspector of schools Orissa Division, deserves credit for passing this year a larger per-centage, than usually, of candidates in the Orissa Minor and Vernacular sholarship Examinations. Personally I have the highest regard for Babu Radhanath Rai, but for the sake of Justice and Fair play I am compelled to say that when the Joint Inspector himself fixes the text-books for the said examinations, appoints examiners who are mostly his subordinates or placehunters, when the Joint Inspector has a voice almost potential in the framing of the question-papers—often times directing an examiner who happens to set a little too stiff or other than ordinary questions, to alter such questions according to his own fancy and occasionally exercising his best influence over the examiners to allow liberal marks to candidates, and when the same Joint Inspector is said to have his own discretion in giving grace marks to candidates at the time of preparing result papers, that officer should not fairly be entitled to any credit in showing up his own arbitrary doings.

24—12—81. } Yours obediently X.

---

ମାନ୍ୟବର ଉତ୍କଳ ଦୀପିକା ଏଡିଟର ମହାଶୟେଷୁ

ମହାଶୟ !

ଏତନ୍ନିମ୍ନଲିଖିତ ପଂକ୍ତିମାନଙ୍କୁ ସ୍ଥାନଦାନ ଦେଲେ ବାଧିତ ହେବୁଁ ଚଳିତ ମାସ ତା ୩ ରିଖ ପାକ୍ଷିକ ଆପଣଙ୍କ ବିଖ୍ୟାତ ପତ୍ରିକାରେ ଆମ୍ଭେ ପାଠ କଲୁଁ ଯେ—ମାନ୍ଦ୍ରାଜ ଅଞ୍ଚଳର ଶିବଗିରିର ଜମିଦାର ଆପଣାର ଭଣିଞ୍ଜୀକୁ ବିବାହ ହେବାର କଥା ଅତ୍ୟନ୍ତାଶ୍ଚର୍ଯ୍ୟଜନକ ହୋଇ ଲେଖିଥିଲେ ଏତଦ୍ଦେଶୀୟ ଅନ୍ଧ୍ର ବ୍ରାହ୍ମଣମାନେ ( ତେଲଙ୍ଗା କମା ବ୍ରାହ୍ମଣ ) ଆପଣା ଭଣିଞ୍ଜୀକୁ ବିବାହ ହୋଇ ଅତ୍ୟନ୍ତାନନ୍ଦରେ କାଳକ୍ଷେପ କରୁଅଛନ୍ତି ତେଲଙ୍ଗା ଦେଶରେ ଉକ୍ତ ଜାତି ମନୁଷ୍ୟମାନଙ୍କ ଏ କଥାଟା କି ଆଶ୍ଚର୍ଯ୍ୟ । ଇତି । ତା ୧୬ ରିଖ ଡିସେମ୍ବର ୧୮୮୧ ମସିହା

ଶ୍ରୀ ନାରାୟଣ ବଉଡିଜେନା ସାମନ୍ତ ।

---

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତି ସାମାନ୍ୟ ମନେ ନ କରି ଆପଣଙ୍କ ପତ୍ରିକାରେ ସ୍ଥାନ ଦେଇ ବାଧିତ କରିବା ହେବେ ।

କମିଶ୍ନର ସାହେବ ବାଙ୍କିକି ଗସ୍ତ କରିବାକୁ ଆସିବା ପୂର୍ବରୁ ଏଠାରେ ଦ୍ରବ୍ୟ ସାମଗ୍ରୀର ନାନାପ୍ରକାର ଆୟୋଜନ ହେଉଥିଲା ତନ୍ମଧ୍ୟରେ କାଠର ଆବଶ୍ୟକ ଥିବାରୁ ତହସିଲଦାର କଟେରର ନିକଟବର୍ତ୍ତୀ ଗୋଟିଏ ସୁବୃହତ କଷା ଆମ୍ବଗଛ କଟାଇ ଦେଲେ । କେହି କାରଣ କଲେ ମଧ୍ୟ ତାହା ଶୁଣିଲେ ନାହିଁ ଉକ୍ତ ଆମ୍ବଗଛ ଯେତେବେଳେ ଶବ୍ଦ କରି ଭୂମିରେ ନିପତିତ ହେଲା ସେତେବେଳେ ଅନେକଙ୍କୁ ପୁତ୍ରଶୋକ ତୁଲ୍ୟ ବାଧକ ହୋଇଥିଲା ଚର୍ଚ୍ଚିକାରେ କାଠର ଦୋକାନ ଥିଲା ଏବଂ ଶତ୨ ଗୋଷ୍ଟକାଠ ଜମିପଡ଼ାରୁ ବିକ୍ରୟ ହେବାପାଇଁ ପ୍ରତିଦିନ ଚର୍ଚ୍ଚିକାକୁ ଆସୁଅଛି ତହସିଲଦାର ଦୃଷ୍ଟିର ଥିଲେ କାଠର ଅନ୍ୟ ବନ୍ଦୋବସ୍ତ ସହଜରେ କରି ପାରି ଥାନ୍ତେ ତାହା ନ କରି ସାଧାରଣଙ୍କ ଉପକାରୀ ସୁବିଖ୍ୟାତ ଆମ୍ବଗଛ କଟାଇ ଦେଇ ସର୍ବସାଧାରଙ୍କର ନିତାନ୍ତ ଅପ୍ରୀତିକର କାର୍ଯ୍ୟ କରିଅଛନ୍ତି । ନିକଟବର୍ତ୍ତୀ ଅନ୍ୟାନ୍ୟ ଲୋକଙ୍କୁ ଗଛ କଟାଇଥିଲେ ତେତେ ଦୁଃଖ ହୁଅନ୍ତା ନାହିଁ ଏହି ଘଟନାରେ ଅମ୍ଭମାନଙ୍କର ଅତ୍ୟନ୍ତ ଦୁଃଖ ଉପଜାତ ହୋଇଅଛି ଏହା ତହସିଲଦାରଙ୍କ ସୁବୁଦ୍ଧିର ପ୍ରତିପୋଷକତା କରୁ ନାହିଁ ଏବଂ ଯେଉଁମାନେ ତାହାଙ୍କୁ ଏଥିର ମନ୍ତ୍ରଣା ଦେଇଅଛନ୍ତି ସେମାନଙ୍କ ହୃଦୟ ଅବଶ୍ୟ ଅତ୍ୟନ୍ତ କଠିନ ହୋଇଥିବ ଅହା ! ଏହି ଆମ୍ବ ବୃକ୍ଷତଳେ ସ୍କୁଲର ବାଳକମାନେ ଆନନ୍ଦର ସହିତ ଉଠିବସି କରି ସୁସ୍ୱାଦୁ ଆମ୍ବ ଭକ୍ଷଣ କରୁଥିଲେ କେତେ ମନୁଷ୍ୟ କେତେ ପଶୁ ପକ୍ଷୀ ଅବାଧେ ସ୍ୱାଦ ଫଳ ଭକ୍ଷଣ କରି ସନ୍ତୋଷ ଲାଭ କରୁଥିଲେ । ଏ ବର୍ଷ ଆମ୍ବକଟା ହେଲେ ସେହି ଆମ୍ବ ପାଇଁ ସେମାନଙ୍କର ନିଃଶ୍ୱାସ ପ୍ରଖରରୂପେ ପ୍ରବାହିତ ହେବ ଅମ୍ଭେମାନେ ବିଶ୍ୱାସ କରୁଁ କମିଶ୍ନର ସାହେବଙ୍କ ଦୃଷ୍ଟି ଗୋଚରରେ ଏମନ୍ତ ସୁଦୃଶ୍ୟ ସ୍ଥଳରୁ ଏପରି ଉପକାରୀ ଓ ମନୋହର ବୃକ୍ଷ ଆମ୍ବଗଛ କଦାପି କଟା ଯାଇ ନ ଥାନ୍ତା । ଯାହା ହେଉ ଆମ୍ବଗଛ କଟା ହୋଇ ବେଠିଆ ଯୋବା ଓ ଶଅରଙ୍କ ଦ୍ୱାରା ତରା ଯାଇ ପଟ୍ଟଭଣ୍ଡାରରେ ଏତେ କାଠ ଜମା ହେଲା ଯେ ତହିଁରେ ଦୁଇ ତିନିଥର କମିଶ୍ନରଙ୍କ ଗସ୍ତ ଚଳିପାରେ ମାତ୍ର କମିଶ୍ନରଙ୍କ ଗସ୍ତ ଉତ୍ତାରୁ ସେହି କାଠଦ୍ୱାରା ଅନେକ କର୍ମଚାରୀଙ୍କ ଶୋଷାଇଘର ପୂର୍ତ୍ତି ହେଲା । ଅମ୍ଭେମାନେ ବୋଲୁଁ ଏ ସବୁକାଠ ନିଲାମ ନ ହେବ କାହିଁକି ? ଯେଉଁମାନେ କାଠ ନେଇ ବସାରେ ସାଇତିଲେ ସେମାନେ କି ଗବର୍ଣ୍ଣମେଣ୍ଟଙ୍କର ପୂଜ୍ୟପୁତ୍ର ? ।

। ନି । ଶ୍ରୀ——

---

## NOTICE.

The Cuttack Academy founded by the late lamented Baboo Piari mohan Acharyya will re-open on the 23rd January, 1882. The students of the institution are requested to be present on that date, the 23rd.

Every effort is being made to reconstitute the Academy on a permanent basis. It is particularly requested that the pupils, friends and admirers of the late Babu Piari mohan will co-operate with the undersigned in keeping alive the institution which for upwards of seven years he maintained.

Cuttack, 30—12—81. } Dinonath Banerjee.

---

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଉଲ୍ଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍‌ସକୁ ଟ ୭ଙ୍କା । ୮ ଅଉନ୍‌ସକୁ ଟ ୧୧ ଙ୍କା । ୧୬ ଅଉନ୍‌ସକୁ ଟ ୨୦॥ ମୂଲ୍ୟ ନଗଦ ।

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter


Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୭ ଶ
ସଂ ୨ ଖ୍ୟା

ତା ୧୪ ଜଣ ମାହେ ଜାନୁଏର ସନ ୧୮୮୨ ମସିହା । ମୂ । ମାଘ ଦ ୩ ନ ସନ ୧୨୮୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୷
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୷
ମଫସଲପାଇଁ ଡାକମାଶୁଲ ଟ ୧୷୵

ମାନ୍ଦ୍ରାଜ ପ୍ରଦେଶରେ ମଧ୍ୟମଶ୍ରେଣୀ ବିଦ୍ୟାଳୟର ପରୀକ୍ଷା ନିମିତ୍ତ ଅତୀତ ବାଳକ ପ୍ରାର୍ଥୀ ହୋଇ ଥିଲେ ତହିଁରୁ ପ୍ରାୟ ଜ ୧୬୦ଣ ବାଳକ ଉପସ୍ଥିତ ହେବାକୁ ଅନୁମତି ପାଇଲେ । ମାନ୍ଦ୍ରାଜରେ ସ୍ତ୍ରୀଶିକ୍ଷା କ ପ୍ରକାର ଉନ୍ନତ କରୁ ଅଛି ପାଠକମାନେ ଏଥିରୁ ବୁଝି ପାରିବେ । ମାନ୍ଦ୍ରାଜୀ ସ୍ତ୍ରୀଙ୍କ ସ୍ୱାଧୀନତା ଏଥିର ମୂଳବୋଲି ଆମ୍ଭେମାନେ ଅନୁମାନ କରୁ ଅଛୁଁ ।

---

ବାବୁ ବ୍ରଜବଲ୍ଲଭ ଦତ୍ତ କୃଷିବିଦ୍ୟା ଅଧ୍ୟୟନ ନିମନ୍ତେ ବିଲାତକୁ ଯିବାକୁ ଅସମ୍ମତ ହେବାରୁ ତାହାଙ୍କ ସ୍ଥାନରେ ବାବୁ ବ୍ୟୋମକେଶଚକ୍ରବର୍ତ୍ତୀ ଏମ୍,ଏ, ମନୋନୀତ ହୋଇ ଅଛନ୍ତି । ଏ ମହାଶୟ ହାବଡା ଇଞ୍ଜିନିୟରିଂ କଲେଜର ଜଣେ ଅଧ୍ୟାପକ ଅଟନ୍ତି ଏବଂ ସେ ବିଲାତକୁ ଯିବାକାରଣ ସମ୍ମତ ହୋଇ ଆଗାମୀ ସପ୍ତାହରେ ଯାତ୍ରା କରିବାର ସ୍ଥିର କରି ଅଛନ୍ତି ।

---

କଲିକତାର ଶିଳ୍ପପ୍ରଦର୍ଶନ ଗତ ସପ୍ତାହରୁ ଆରମ୍ଭ ହୋଇଅଛି । ଏଥିରେ ବଙ୍ଗପ୍ରଦେଶର ଶିଳ୍ପଜାତ ଦ୍ରବ୍ୟ ଅଧିକ ଥିଲେହେଁ ଭାରତବର୍ଷର ଅନ୍ୟାନ୍ୟସ୍ଥାନରୁ ମଧ୍ୟ ଅନେକ ପ୍ରକାର ଦ୍ରବ୍ୟ ଆସି ଅଛି । ସର୍ବସାଧାରଣ ସେ ସମସ୍ତ ବର୍ତ୍ତମାନ ଦେଖୁ ଅଛନ୍ତି । ଏଥିର ଫଳାଫଳ ଏ ପତ୍ରେ ପ୍ରକାଶ ପାଇବ । ଏଠାରୁ କେହି ଦେଖିବାକୁ ଇଚ୍ଛା କଲେ ଏତେବେଳେ ମଧ୍ୟ ଯାଇ ନିପୁନ ପ୍ରତିଷ୍ଠା କରି ଆସିପାରନ୍ତି । ଏପ୍ରକାର ପ୍ରଦର୍ଶନ ସତରାଚର ହେଟ ପଡ଼ଇ ନାହିଁ ।

---

/ ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି କି ଏଠା ରେଜିଷ୍ଟ୍ରୀ ମହକୁମାର ଜଣେ ଅମଲା ସାମାନ୍ୟ ଦୋଷରେ କର୍ମଚ୍ୟୁତ ହୋଇ ଥିଲା । ଅପିଲ୍‌ରେ ଇନ୍‌ସ୍ପେକ୍ଟର ଜେନରଲ ତାହାକୁ ନିର୍ଦ୍ଦୋଷୀ ବୋଲି ବ୍ୟକ୍ତ କଲେ କିନ୍ତୁ ଶ୍ରୀଯୁକ୍ତ କଲେକ୍ଟର ପସିସାହେବ ତାହାକୁ କର୍ମ ଦେବାକୁ ପ୍ରଥମେ ଆଜ୍ଞା ଦେଇ ସୁଦ୍ଧା ପଶ୍ଚାତ୍ ତାହା ରହିତ କଲେ । ଯେବେ ଏପରି ହୋଇ ଥାଏ ତେବେ ବଡ ଦୁଃଖର ବିଷୟ ଅଟଇ । ପସିସାହେବ ଏତେ ଦୟାଳୁ ହୋଇ ଯାହା ଏକ ବ୍ୟକ୍ତିକୁ ଅପଣା ହାତରୁ ବଞ୍ଚିତ କଲେ । ପୁଣି ଅପଣା ଆଜ୍ଞା ଫେରାଇ ନେବା ଅତ୍ୟନ୍ତ ମନ୍ଦ ଅଟଇ ।

---

ଗତମାସ ତା ୩୧ ଋଖର ଭୂମିକମ୍ପ ମାନ୍ଦ୍ରାଜରେ ସ ୭ା ୫ ମିନିଟଠାରେ ହୋଇଥିଲା ଏବଂ ସେଠାରେ ଭୂମିକମ୍ପର ବଳ ଅଧିକ ଥିଲା ଏବଂ ପ୍ରାୟ ୪ ମିନିଟ ରହିଥିଲା । କୋକନଦା ଇସାକପଟନ ଗୋପାଳପୁର ପଣ୍ଡିଚେରୀ ପ୍ରଭୃତି ସ୍ଥାନମାନଙ୍କରେ ସନ୍ଧ୍ୟା ପର୍ଯ୍ୟନ୍ତ ନାନା ସମୟରେ ଅନୁଭୂତ ହୋଇ ଥିଲା ଏବଂ କୌଣସିଠାରେ ମି ୫।୭ ନଟରୁ ଅଧିକ ନ ଥିଲା । ବନାରସର ପଶ୍ଚିମରେ ଏ ଭୂମିକମ୍ପ ଜଣା ପଡ ନାହିଁ । ଏଥିରୁ ବୋଧ ହୁଅଇ ଯେ ଭାରତସାଗରର କୌଣସି ସ୍ଥାନରେ ଏହା ଉତ୍ପନ୍ନ ହୋଇଥିଲା ଏବଂ ପୂର୍ବଭାରତ ଉପକୂଳରେ ଏହାର ବେଗ ଅଧିକ ହୋଇଥିଲା ।

---

ରଙ୍ଗୁନରୁ ଆସିଥିବା ଏକ ତାରସମ୍ବାଦରୁ ଜଣାଯାଏ ଯେ ବ୍ରହ୍ମଦେଶ ରାଜା ଥିବାଙ୍କ ଅସ୍ତିତ୍ୱ ବିଷୟରେ ବଡ଼ ସନ୍ଦେହ ପଡଅଛି । କେହି ବୋଲନ୍ତି ସେ ମରି ଯାଇଅଛନ୍ତି ଏବଂ କେହି ବୋଲନ୍ତି କି ସେ ବାତୁଳ ହୋଇ ମରଣାପନ୍ନ ଅବସ୍ଥାରେ ଅଛନ୍ତି । ରାଜପ୍ରାସାଦ ଚତୁପାର୍ଶ୍ୱରେ ସୈନ୍ୟ ପହରା ବସିଅଛି ଏବଂ ମନ୍ତ୍ରିମାନଙ୍କ ମଧ୍ୟରେ ମତଭେଦ ପଡ ଯାଇ ଅଛି । ରାଜା ଥିବ ରାଜ୍ୟ ପାଇ ଯେ ପ୍ରକାର ଅତ୍ୟାଚାର ଏବଂ ନିଷ୍ଠୁରତା ଦେଖାଇ ଅଛନ୍ତି ତହିଁରେ ତାହାଙ୍କର ଦୀର୍ଘାୟୁ ହେବା ସମ୍ଭବ ନୁହଇ । ତାହାଙ୍କ ବଂଶରେ ରାଜା ହେବାକୁ ଏକା କଲିକତାକୁ ପଳାଇ ଆସିଥିବା ରାଜପୁତ୍ର ଅଛନ୍ତି । ସମ୍ବାଦଟି ସତ୍ୟ ହେଲେ ଶୀଘ୍ର ଗୋଟିଏ ଗଣ୍ଡଗୋଳ ଲାଗିବ ।

---

ଏ ନଗରରେ ସ୍ଥାପିତ ହୋଇଥିବା ନୂତନ ପୁସ୍ତକାଳୟର ସାହାଯ୍ୟ ନିମିତ୍ତ ତଳଲିଖିତ ମହାଶୟମାନେ ଦାନ କରିଅଛନ୍ତି ।

| | |
|---|---|
| ବାବୁ ଗୋବିନ୍ଦଚନ୍ଦ୍ର ଦାସ | ଟ ୧୦୷ |
| ଡାକ୍ତର ଷ୍ଟିୱାର୍ଟ ସାହେବ | ଟ ୧୦୷ |
| କଟକ ଡବେଟିଂ କ୍ଲବର ସେକ୍ରେଟରୀ ବାବୁ ଅଘନାଥନ୍ଦ୍ର ଚଟ୍ଟୋପାଧ୍ୟା | ଟ ୨୦୷ |

Digitized by srujanika@gmail.com

Split by PDF Splitter



ବାବୁ କେଶବଚନ୍ଦ୍ର ମହାପାତ୍ର    ଟ ୨୯
ମୁନସି ମହମ୍ମଦ ମଜହର    ଟ ୧୯
ବାବୁ ରାମଯାଦବ ବସୁ    ଟ ୧୦୯
ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ପୁସ୍ତକ ଖ ୨୬ଖଣ୍ଡ

ପୁସ୍ତକାଳୟର ସମ୍ପାଦକଙ୍କ ସହିତ ଆମ୍ଭେମାନେ ଏ ମହାଶୟମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ । ଭରସା କରୁଁ ଅପର ଦେଶହିତୈଷିମାନେ ଏହିପ୍ରକାର ବଦାନ୍ୟତାଦ୍ୱାରା ଏ ନଗରର ଗୋଟିଏ ଅତି କଷ୍ଟକର ଅଭାବ ମୋଚନ ପକ୍ଷରେ କାରଣ ହେବେ ।

---

ଶ୍ରୀ ଶ୍ରୀ ମହୀସୂରାଧିପତି ମାନ୍ଦ୍ରାଜ ନଗରକୁ ଆମନ୍ତ୍ରିତ ହୋଇ ଯାଇଥିବା ସମ୍ବାଦ ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁଁ । ବର୍ତ୍ତମାନ ଅବଗତ ହେଲୁଁ ଯେ ସେଠାରେ ତାହାଙ୍କର ବିଶେଷ ସମ୍ମାନ ହୋଇଅଛି । ବିଜୟନଗର ମହାରାଜାଙ୍କର ଉକ୍ତ ନଗରରେ ସ୍ଥାପିତ ବାଳିକାବିଦ୍ୟାଳୟର ପାରିତୋଷିକ ବିତରଣ ସଭା ବିଦ୍ୟାଳୟ ଗୃହରେ ହୋଇଥିଲା ଏବଂ ମାନ୍ଦ୍ରାଜର ମହାମାନ୍ୟ ଗବର୍ଣ୍ଣର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଅନ୍ୟାନ୍ୟ ଇଉରୋପୀୟ ଏବଂ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରେ ମହୀସୂରରାଜା ଆମନ୍ତ୍ରଣମତେ ସେଠାରେ ଉପସ୍ଥିତ ଥିଲେ ଏବଂ ଗବର୍ଣ୍ଣର ସାହେବ ବାହାଦୂର ଓ ବିଜୟନଗରର ମହାରାଜାଙ୍କ ସହିତ ତାହାଙ୍କର ଆଳାପ ହେଲା । ରାଜାଙ୍କର ସୁଯୋଗ୍ୟ ଦେୱାନ ବଡ଼ଯେନା ସାମନ୍ତ ମଧ୍ୟ ଉକ୍ତ ସଭାକୁ ଆହୂତ ହୋଇଥିଲେ । ସଭାର କାର୍ଯ୍ୟ ଆରମ୍ଭ ହେଲାରୁ ବିଜୟନଗରର ମହାରାଜା ଏକ ଲିଖିତ ରିପୋର୍ଟ ପାଠ କଲେ ଏବଂ ଗବର୍ଣ୍ଣର ସାହେବ ବାହାଦୂର ପାରିତୋଷିକ ବିତରଣ କାର୍ଯ୍ୟ ଶେଷ କରି ବିଦ୍ୟାଳୟର ଫଳରେ ସନ୍ତୋଷ ହୋଇଥିବାର ବ୍ୟକ୍ତ କଲେ । ଏ ଉତ୍ତାରୁ ଶ୍ରୀ ଶ୍ରୀ ରାଜା ସାହେବ ଗବର୍ଣ୍ଣର ସାହେବଙ୍କ ଘରଠାରେ ତାହାଙ୍କର ସାକ୍ଷାତ ଲାଭ କରିଅଛନ୍ତି ଏବଂ ଅନ୍ୟାନ୍ୟ ସ୍ଥଳରେ ସମ୍ମାନିତ ହୋଇଅଛନ୍ତି ।

---

ଇଣ୍ଡିଆ ଗବର୍ଣ୍ଣମେଣ୍ଟର ମହକୁମାମାନଙ୍କରେ ଯେତେ ଫାରମ ଖର୍ଚ୍ଚ ହୁଅଇ ତାହା ଯୋଗାଇବା କାରଣ ସେଣ୍ଟ୍ରାଲପ୍ରେସ ନାମରେ ଗୋଟିଏ ସରକାରୀ ଛାପାଖାନା ଅଛି । ଦେଶୀୟଲୋକଙ୍କ ବ୍ୟବସାୟ ବଢ଼ିବାରେ ଉତ୍ସାହ ଦେବା ଉଦ୍ଦେଶରେ ଗବର୍ଣ୍ଣମେଣ୍ଟ ସେହି ଫାରମ ସମସ୍ତ ସରକାରୀ ଛାପାଖାନାରେ ନ ଛପାଇ ବ୍ୟକ୍ତିବିଶେଷର ଛାପାଖାନାରୁ କ୍ରୟ କରିବାକୁ ପ୍ରସ୍ତୁତ ହୋଇ ଥିଲେ ଏବଂ କେତେକ ଛାପାଖାନାର ଅଧିକାରୀ ମୂଲ୍ୟ ଫର୍ଦ୍ଦ ଦାଖଲ କରିଥିଲେ । ଏସମସ୍ତ ଫାରମ ଛପା ଓ ବନ୍ଧନରେ ସରକାରଙ୍କର ପ୍ରତିବର୍ଷ ପ୍ରାୟ ଟ ୧,୯୦,୦୦୦ ଙ୍କା ପଡ଼ଇ ମାତ୍ର ମୂଲ୍ୟ ଫର୍ଦ୍ଦ ଅନୁସାରେ ଖର୍ଚ୍ଚା ଅଧିକ ପଡ଼ଲା । ଅତଏବ ଗବର୍ଣ୍ଣମେଣ୍ଟ ଉକ୍ତ ଦରରେ ସମ୍ମତ ନ ହୋଇ ପୁନର୍ବାର ଆଜ୍ଞା ଦେଇ ଅଛନ୍ତି କି ସରକାରୀ ଦର ଯାହା ପଡ଼ୁଅଛି ସେହି ଦରରେ ଯେ କେହି ବ୍ୟକ୍ତି ବା ବ୍ୟକ୍ତିମାନେ ଉକ୍ତ ଫାରମମାନ ଛାପି କରି ଯୋଗାଇ ପାରିବେ ତାହାଙ୍କ ଏଡ଼ାହେଲକେ ଦଶବର୍ଷ ନିମିତ୍ତ ଠିକା ଦିଆଯିବ କାରଣ ଦୀର୍ଘକାଳର ଠିକା ପାଇଲେ କଳ ଇତ୍ୟାଦି ଖରିଦ ଓ ବସାଇବାରେ ପ୍ରଥମେ ଯେଉଁ ଅଧିକଖର୍ଚ୍ଚ ହେବ ତାହା ଆଦାୟ ହୋଇଯିବ । ଲର୍ଡରିପନଙ୍କ ବିଚାର ଯଥାର୍ଥ ଅଟଇ କିନ୍ତୁ ଦୁଃଖର ବିଷୟ ଯେ ବଙ୍ଗଳା ଗବର୍ଣ୍ଣମେଣ୍ଟ ସମସ୍ତଫାରମ ଜେଲ ପ୍ରେସରୁ ଯୋଗାଇବାର ବନ୍ଦୋବସ୍ତ କରି ଏବଂ ଛାପାରେ ଯେ ଗୋଟିଏ ମୁଦ୍ରାଯନ୍ତ୍ରର ସୃଷ୍ଟି ହେଉଥିଲା ତହିଁର ବାଟ ବନ୍ଦ କରିଅଛନ୍ତି ।

---

ଫାଷ୍ଟଆର୍ଟସ ଓ ପ୍ରବେଶିକା ପରୀକ୍ଷାର ଫଳ ।

ଫାଷ୍ଟଆର୍ଟସ ପରୀକ୍ଷାରେ ଗତବର୍ଷ ୩୯୮ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ପ୍ରଥମଶ୍ରେଣୀରେ ୪୩ ୨ୟରେ ୧୪୦ ଏବଂ ତୃତୀୟରେ ୧୭୫ ସର୍ବସୁଦ୍ଧା ୩୫୮ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ପରୀକ୍ଷାର୍ଥିଙ୍କ ସଂଖ୍ୟା ଉଭୟବର୍ଷ ପ୍ରାୟ ସମାନ ଅର୍ଥାତ୍ ଏକସହସ୍ରରୁ କିଞ୍ଚିତ୍ ଊଣା ।

ପ୍ରବେଶିକା ପରୀକ୍ଷାରେ ଗତବର୍ଷ ପ୍ରାୟ ୨୮୦୦ ଛାତ୍ର ମଧ୍ୟରୁ ୧୭୭୪ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ପ୍ରାୟ ୩୦୦୦ ଛାତ୍ର ମଧ୍ୟରୁ ୧ମ ଶ୍ରେଣୀରେ ୨୦୮, ୨ୟରେ ୭୫୭ ଏବଂ ୩ୟରେ ୪୯୪ ଅର୍ଥାତ୍ ସର୍ବସୁଦ୍ଧା ୧୪୫୯ ପାସ କରିଅଛନ୍ତି । ଅତଏବ ଉଭୟ ପରୀକ୍ଷାର ମୋଟଫଳ ଗତବର୍ଷାପେକ୍ଷା ସାମାନ୍ୟ ଊଣା ହୋଇଅଛି ।

ଓଡ଼ିଶାରେ ଫାଷ୍ଟଆର୍ଟସର ଫଳ ଉତ୍ତମ ହୋଇଅଛି । ୮ ଜଣ ଛାତ୍ର ମଧ୍ୟରୁ ପାଞ୍ଚଜଣ ପାସ କରିଅଛନ୍ତି ଏବଂ ତହିଁମଧ୍ୟରୁ ଦୁଇଜଣ ପ୍ରଥମଶ୍ରେଣୀରେ ସ୍ଥାନ ପାଇଅଛନ୍ତି । ରେଭେନସାକଲେଜ ପକ୍ଷରେ ଏହା ବିଲକ୍ଷଣ ପ୍ରଶଂସାର ବିଷୟ ଅଟଇ । ଗତବର୍ଷର ଫଳ ମଧ୍ୟ ଉତ୍ତମ ହୋଇଥିଲା । ଯୋଗ୍ୟତାନୁସାରେ ଏ କଲେଜ ୨୦ ସ୍ଥାନ ପାଇଅଛି ।

ପ୍ରବେଶିକା ପରୀକ୍ଷାର ଫଳ ଓଡ଼ିଶା ପ୍ରତି ଶୁଭକର ହୋଇ ନାହିଁ କାରଣ ଆଦୌ କେହି ୧ମ ଶ୍ରେଣୀରେ ସ୍ଥାନ ପାଇ ନାହାନ୍ତି । ଗତବର୍ଷ କଟକ ଏକାଡେମୀ ଏହା ଏଥିର ଟେକ ରଖିଥିଲା ଏ ବର୍ଷ ତାହା ନାହିଁ ।

କଟକ ଏକାଡେମିରୁ ୩ଜଣ ଛାତ୍ର ପରୀକ୍ଷା ଦେଇଥିଲେ ଏକଜଣ ମାତ୍ର ପାସ କରିଅଛି । ଏହା ମଧ୍ୟମ ଫଳ ଅଟଇ ।

ରେଭେନସା କଲେଜ ସ୍କୁଲର ୧୪ ଜଣ ମଧ୍ୟରୁ କେ ୭ ଣ ମାତ୍ର ପାସ କରିଅଛନ୍ତି । ଏ ଫଳ ମୋଟଫଳ ଏବଂ ଗତବର୍ଷ ଦୃଷ୍ଟିରେ ବଡ଼ ମନ୍ଦ ହୋଇଅଛି । ଓଡ଼ିଶାର ପ୍ରଥମ କଲେଜ ଏପରୁ ଫଳ ଜାତ କରିବା ଅତ୍ୟନ୍ତ ଅପ୍ରୀତିକର ଅଟଇ ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ।

ଅପେକ୍ଷାକୃତ ବାଲେଶ୍ୱରର ଫଳ ଉତ୍ତମ ହୋଇଅଛି କେ ୯ ଣ ଛାତ୍ର ମଧ୍ୟରୁ କେ ୭ ଣ ପାସ କରିଅଛନ୍ତି । ତଥାପି ଗତବର୍ଷ ଫଳଠାରୁ ଊଣା ପଡ଼ିଅଛି କାରଣ ଗତବର୍ଷ କେ ୮ ଣ ମଧ୍ୟରୁ ଏକା ୨ୟ ଶ୍ରେଣୀରେ ୭ଜଣ ପାସ କରିଥିଲେ ।

ପୁରୀରୁ ଗତବର୍ଷ କେ ୪ ଣ ପାସ କରିଥିଲେ ଏବର୍ଷ କେ ୫ ଣ ମଧ୍ୟରୁ କେ ୪ ଣ ପାସ କରିଅଛନ୍ତି ଏବଂ ୨ୟ ଶ୍ରେଣୀରେ ଗତବର୍ଷ ୨ ଜଣ ସ୍ଥଳେ ଏବର୍ଷ ୩ ଜଣ ଅଛନ୍ତି । ଏ ବିଦ୍ୟାଳୟର ଫଳ ଅବଶ୍ୟ ଉତ୍ତମ ହୋଇଅଛି ।

ଲକ୍ଷ୍ମଣନାଥ ସ୍କୁଲରେ ଗତବର୍ଷ ଏକ ଜଣ ପାସ କରିଥିଲା ଏ ବର୍ଷ ୨ ଜଣ ପାସ କରିଅଛନ୍ତି ସୁତରାଂ ଏହାର କ୍ରମଶଃ ଉନ୍ନତି ସୂଚକର ଅଟଇ ।

---

ବାଜି ।

ମହାମାନ୍ୟ ଲାଟ ସାହେବ ପ୍ରିନ୍ସର ଦ୍ୱାରା ବାଜି କଣ୍ଟାକୁ କଟକ ଜଲ ଅନ୍ତର୍ଗତ କରିବାର ଆଇନ ପ୍ରସ୍ତୁତ କରିଥିବା ବିଷୟ ପାଠକମାନେ ଅବଗତ ଅଛନ୍ତି । ବର୍ତ୍ତମାନ ଶୁଣିଲୁଁ ଶ୍ରୀଯୁକ୍ତ କମିଶ୍ନର ସାହେବ ଏଥିରେ ଆପତ୍ତି କରିବାରୁ ଲେପ୍‌ଟନେଣ୍ଟ ଗବର୍ଣ୍ଣର ସାହେବ ହୁକୁମ ଦେଇଅଛନ୍ତି କି ବାଜି ଖେଳା କଟକ ଅନ୍ତର୍ଗତ ହେଲେ ଶାସନକାର୍ଯ୍ୟରେ ବିଶେଷ ଅସୁବିଧା ହେବାର ଜଣାଇଲେ ସେ ଉକ୍ତ ଆଇନ ରହିତରେ ବାଜିକୁ ପୁଣି ଜଲ ଅନ୍ତର୍ଗତ କରିବା କାରଣ ଲାଟ ସାହେବଙ୍କୁ ଅନୁରୋଧ କରିବେ । ଆମ୍ଭମା-

Digitized by srujanika@gmail.com

Split by PDF Splitter



ନଙ୍କ ବିବେଚନାରେ ବାଙ୍କି କଟକ ଅନ୍ତର୍ଗତ ହେଲେ ଶାସନକାର୍ଯ୍ୟରେ କିଛି ଅସୁବିଧା ନ ହୋଇ ବରଂ ସୁବିଧା ହେବ । ଆମ୍ଭେମାନେ ଏ ବିଷୟରେ ଏଥିପୂର୍ବେ ପୁନଃପୁନ ଲେଖି ଅଛୁଁ ଓ ବାଙ୍କିବାସିମାନେ ଏହା ଆପଣା ଆବେଦନରେ ସ୍ପଷ୍ଟରୂପେ ଦେଖାଇ ଅଛନ୍ତି ଓ ମଧ୍ୟ ଲାଟ ସାହେବ ତାହା ଯୁକ୍ତିଯୁକ୍ତ ବୋଲି ସେହା ଜଣାଇଅଛନ୍ତି ତଥାଚ କମିଶ୍ନର ସାହେବଙ୍କର ଭ୍ରମ ଭାଙ୍ଗୁ ନାହିଁ ଆଶ୍ଚର୍ଯ୍ୟର ବିଷୟ । ବାଙ୍କି ପୁରୀ ଜିଲାନ୍ତର୍ଗତ ହେଲେ ଶାସନ କାର୍ଯ୍ୟରେ କଟକ ଅପେକ୍ଷା କି ଅଧିକ ସୁବିଧା ହେବ ? ଶାସନର ସୁବିଧା ବିଷୟ ସଙ୍ଗେ ପ୍ରଜାଙ୍କର ସୁବିଧା ଓ ସୁବିଧା ପ୍ରତି ଦୃଷ୍ଟି ରଖିବାର ଅବଶ୍ୟକ ବାଙ୍କି ପୁରୀ ଅନ୍ତର୍ଗତ ହେଲେ ଯେ ପ୍ରଜାଙ୍କର ଅସୀମ ଅସୁବିଧା ଓ କଷ୍ଟ ହେବ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ଓ ଏହା ସେମାନଙ୍କ ଆବେଦନରେ ଏବଂ ଆମ୍ଭମାନଙ୍କ ପୂର୍ବ ପ୍ରବନ୍ଧରେ ଉତ୍ତମରୂପେ ଦର୍ଶିତ ହୋଇଅଛି । କଟକ ସହିତ ବାଙ୍କିର ସମ୍ବନ୍ଧ ପୂର୍ବରୁ ରହିଅଛି । ପୂର୍ବେ ବାଙ୍କିର ଯେତେ ଥର ବନ୍ଦୋବସ୍ତ ହୋଇଅଛି ସେତେ ଥର ଏହି କଟକ ଜିଲା ଓ ଏଠାର ଡେପୁଟୀ କଲେକ୍ଟରଙ୍କଦ୍ୱାରା ହୋଇଅଛି ଓ ସେ ସମସ୍ତ କାଗଜପତ୍ର ଏଠା କଲେକ୍ଟରୀରେ ଏପର୍ଯ୍ୟନ୍ତ ଅଛି । ବାଙ୍କିରୁ କଟକ ଅନେକ ବଡ଼ ଓ ଅତି ଗଣ୍ଡଗୋଳ ଅବସ୍ଥାରେ ଥିଲା । କଟକ କର୍ମଚାରୀମାନେ କଟକକୁ ସୁଧାରି ସେ କଷ୍ଟରୁ ମୁକ୍ତ ଓ କମା ପ୍ରାୟ ଦୁଇଗୁଣ ବୃଦ୍ଧି କଲେ ଓ ତହିଁର କାର୍ଯ୍ୟ ସନ୍ତୋଷଜନକ ମତେ ଚଳାଇ ଅଛନ୍ତି ସେମାନେ କି କ୍ଷୁଦ୍ର କଥା ବାଙ୍କିର କାର୍ଯ୍ୟ ଉତ୍ତମରୂପେ ଚଳାଇ ନ ପାରିବେ ? ଅତଏବ ଆମ୍ଭେମାନେ କମିଶ୍ନର ସାହେବଙ୍କ ଆପତ୍ତିର ଯଥେଷ୍ଟ କାରଣ ଦେଖୁ ନାହୁଁ । କେବେ ତାଙ୍କ କଥା ନ ରହି ସାର ବାଙ୍କିବାସିଙ୍କ କଥା ରହିଲା ଏଥିପାଇଁ ତାଙ୍କର ଲଘୁ ହୋଇଅଛି କି ? କମା ବାଙ୍କି କଟକ ଅନ୍ତର୍ଗତ ହେଲେ ତହସିଲ ଖର୍ଚ୍ଚ କିଛି ଅଧିକ ପଡ଼ିବ ଏହାଇ ତାଙ୍କ ମନକୁ ବଡ଼ ଯେନ ଅଛି କି ? ଆମ୍ଭମାନଙ୍କ ବିବେଚନାରେ ଉକ୍ତ କାରଣ ମହତ ଓ ଯୁକ୍ତିଯୁକ୍ତ ବା କମିଶ୍ନରଙ୍କର ଉପଯୁକ୍ତ ନୁହେ । ଅତଏବ ଆମ୍ଭେମାନେ ତାଙ୍କୁ ଅନୁରୋଧ କରୁଅଛୁଁ ଯେ ବାଙ୍କିବାସିଙ୍କ ଇଚ୍ଛା ପ୍ରତି ଆସ୍ଥା ଓ ସେମାନଙ୍କ ହିତ ପ୍ରତି ଦୃଷ୍ଟି କରି ଉକ୍ତ ଆପତ୍ତିରୁ କ୍ଷାନ୍ତ ରହନ୍ତୁ ।

---

## ଅନଗୁଳ ।

ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଗତ ଡିସେମ୍ବର ମାସ ତା ୩୧ ରିଖରେ ଅନଗୁଳ କଛା ପୁରୁଣାଗଡ଼ଠାରେ ପହୁଞ୍ଚି ଦ ୩ ନ ମୁକାମ କଲେ । ସାହେବ ମହୋଦୟ ଏ ବର୍ଷ ପୂର୍ବାପେକ୍ଷା ଅନେକ ସନ୍ତୋଷ ଲାଭ କରିଅଛନ୍ତି । ବାସ୍ତବରେ ଅନଗୁଳ ଅନେକ ପ୍ରକାରରେ ଉନ୍ନତ ହୋଇଅଛି । ଚତୁର୍ଦ୍ଦିଗରେ ସଡ଼କମାନ ନିର୍ମିତ ହୋଇ ଯାତାୟାତର ଅନେକ ସୁବିଧା ହୋଇ ଅଛି । ଦେଉଳବନ୍ଧ ନାମକ ଏକ ବୃହତ ପୁଷ୍କରଣୀ କି ଯହିଁର ଜଳ ନିତାନ୍ତ ଅସ୍ୱାସ୍ଥ୍ୟକର ଥିଲା ତାହା ବର୍ତ୍ତମାନ ଖୋଳା ହେବାରୁ ତହିଁର ଜଳ ସର୍ବତ୍ର ବ୍ୟବହୃତ ହେଉଅଛି । ନାନାସ୍ଥାନରେ ବନ୍ଧ ଓ ସଡ଼କ ନିର୍ମାଣ ଏବଂ କେନାଲ ଖନନ ଇତ୍ୟାଦିରେ ଏହା ସଦର ମୁକାମ କାହିଁକି ସମସ୍ତ ଅନଗୁଳର ଶ୍ରୀବୃଦ୍ଧି ହେଉଅଛି । ଶ୍ରୀଯୁକ୍ତ ବଳଭଦ୍ର ପଟ୍ଟନାୟକ ତହସିଲଦାରଙ୍କର ଏତାଦୃଶ ଶ୍ରମ ସ୍ୱୀକାର ଓ ଲୋକଙ୍କର ସୁଖସ୍ୱଚ୍ଛନ୍ଦତା ନିମନ୍ତେ କାଯିକ ସ୍ୱାସ୍ଥ୍ୟ ଲଙ୍ଘନ କରି ସୁଦ୍ଧା ନାନାବିଧ ଉପାୟ ଖୋଜିବାରେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ତନ୍ନିମିତ୍ତ ବାବୁଙ୍କୁ ଶତଥର ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ଅନଗୁଳର ଅଧିକାଂଶ ସରବରାକାର ପଧାନ ଓ ଭଦ୍ରଲୋକମାନେ ଚଳିତମାସ ତା ୬ ରିଖ ସନ୍ଧ୍ୟା ସମୟରେ ସ୍କୁଲ ଗୃହରେ ଏକ ସଭା ରଚନା କରି ସାହେବ ମହୋଦୟଙ୍କୁ ଆମନ୍ତ୍ରଣ କରିଥିଲେ । ସଭାରେ ଏକ ଆବେଦନପତ୍ର ପାଠ କଲେ ତହିଁର ମର୍ମ ଏହି କି ସେମାନେ ଏକହଜାର ଟଙ୍କା ଚାନ୍ଦା କରି ତଦ୍ଦ୍ୱାରା ବାର୍ଷିକ ଟ ୬୦୦୦ ଙ୍କା ସୁଧ ଆୟ କରିବାର ସ୍ଥିର କରି ଅଛନ୍ତି । ଏଥିରେ ପୁରୁଣାଗଡ଼ ସ୍କୁଲର ଗୋଟିଏ ଛାତ୍ର କଟକରେ ପଢ଼ିବା ନିମନ୍ତେ ମାସିକ ଟ ୪ ଙ୍କା ଲେଖାଁଏ ବୃତ୍ତି ପାଇବେ । ସୁତରାଂ ଏଥିରେ ପ୍ରତିବର୍ଷ ଟ ୧୫୬ ଙ୍କା ଖର୍ଚ୍ଚ ହୋଇ ବାକି ଯାହା ଟ ୮ ଙ୍କା ବଳିବ ତହିଁରେ ଗୋଟିଏ ମେଡେଲ ପ୍ରସ୍ତୁତ ହୋଇ ସମସ୍ତ ଗଡ଼ଜାତରେ ଯେଉଁ ଛାତ୍ର ଛାତ୍ରବୃତ୍ତି ପରୀକ୍ଷାରେ ପ୍ରଥମ ହେବ ତାହାକୁ ଦିଆ ଯିବ ଏବଂ ଉକ୍ତ ବୃତ୍ତି ଓ ମେଡେଲ 'ସ୍ମିଥ୍ ବୃତ୍ତି' ଓ 'ସ୍ମିଥ୍ ମେଡେଲ' ନାମରେ ଅଭିହିତ ହେବ । ଗତବର୍ଷ ପୁରୁଣାଗଡ଼ ସ୍କୁଲର ଗୋ ୬ ଟ ଛାତ୍ର ଛାତ୍ରବୃତ୍ତି ପରୀକ୍ଷାରେ ପାସ କରି ସୁଦ୍ଧା ଉପାୟାଭାବରୁ ଆଉ ପଢ଼ି ପାରିଲେ ନାହିଁ । ଏଥି ନିମନ୍ତେ ଏପରି ଚାନ୍ଦା ସଂଗୃହୀତ ହୋଇଅଛି । ଆବେଦନପତ୍ର ପାଠ ହେଲା ଉତ୍ତାରୁ ସାହେବ ମହୋଦୟ ଗୋଟିଏ ସାରଗର୍ଭ କ୍ଷୁଦ୍ର ବକ୍ତୃତା ପ୍ରଦାନ କଲେ ଏବଂ ଗତବର୍ଷମାନଙ୍କ ଅପେକ୍ଷା ଏ ବର୍ଷ ଅନଗୁଳର ସମସ୍ତ ପ୍ରକାର କାର୍ଯ୍ୟ ଏବଂ ଶିକ୍ଷାର ଉନ୍ନତି ଦେଖି ଆନନ୍ଦ ପ୍ରକାଶ ପୂର୍ବକ କହିଲେ କି "ଗତବର୍ଷ ବାଳକମାନଙ୍କର ହୀନାବସ୍ଥା ଦେଖି ଯେ ଏଠାବର ଲୋକେ ଏକବାକ୍ୟ ହୋଇ ଆପଣା ମଧ୍ୟରେ ଟ ୧୦୦୦ ଙ୍କା ଚାନ୍ଦା ଉଠାଇ ଏପ୍ରକାର ଉନ୍ନତି ସାଧନର ଚେଷ୍ଟା କରିଅଛନ୍ତି ଏଥିରୁ ସେମାନଙ୍କର ଦେଶର ହିତାକାଂକ୍ଷାର ପରିଚୟ ମିଳୁଅଛି । ସରକାରରେ ଏ ଟଙ୍କା ଜମା କରିଥିଲେ ଏ କାର୍ଯ୍ୟ ଚିରସ୍ଥାୟୀ ହୋଇ ପାରନ୍ତା ମାତ୍ର ତହିଁରୁ ଏତେ ଅଧିକ ସୁଧ ମିଳନ୍ତା ନାହିଁ ତଥାଚ ଯେତେବେଳେ ତୁମ୍ଭେମାନେ ସମସ୍ତେ ଆପଣା ସୁଖେ ଏ କାର୍ଯ୍ୟର ଅନୁଷ୍ଠାନ କରିଅଛ ତହିଁରେ ସେପରି ଆଶଙ୍କା କରିବାର ଉଚିତ ନୁହେ । ଆମ୍ଭେ ଏ କାର୍ଯ୍ୟ ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଦେଉଅଛୁଁ ଏବଂ ଭରସା କରୁଁ ଏହା ଚିରସ୍ଥାୟୀ କରିବା ନିମନ୍ତେ ସମସ୍ତେ ଯତ୍ନ ସ୍ୱୀକାର କରିବେ" ଆମ୍ଭେମାନେ ଅନଗୁଳବାସିଙ୍କର ଏତାଦୃଶ ସଦିଚ୍ଛା ଦେଖି ଅତ୍ୟନ୍ତ ଆନନ୍ଦିତ ହେଲୁଁ ଏବଂ ଭରସା କରୁଁ ସମସ୍ତେ ସାହେବ ମହୋଦୟଙ୍କ ମତରେ ଐକ୍ୟ ହୋଇ ଏ ବୃତ୍ତିକୁ ଚିରସ୍ଥାୟୀ କରିବା ନିମନ୍ତେ ଉଦ୍‌ଯୋଗୀ ହେବେ ।

---

# ସାପ୍ତାହିକସଂବାଦ ।

ଶ୍ରୀଯୁତ କମିଶନର ସାହେବ ଗତ ରବିବାର ଏଠାରେ ପ୍ରବେଶ ହୋଇଅଛନ୍ତି । ଆଗାମୀ ମଙ୍ଗଳବାର ଢେଙ୍କାନାଳ ଯିବେ ଓ ସେଠାରୁ ଫେରି ଆସି ଏଠାରେ କେତେକଦିନ ରହି ବାଲେଶ୍ୱର ଓ ମେଦିନୀପୁର ଯିବେ ।

ଆମ୍ଭମାନଙ୍କର କଲେକ୍ଟର ସାହେବ ଆଗତ କାଲି କଡ଼ିଆଣା ଯିବେ ଓ ସେଠାରେ କତିପୟ ଦିନ ରହି ଯାଜପୁର ଇତ୍ୟାଦି ସ୍ଥାନକୁ ଯିବେ ।

ଶୁଣିଲୁଁ ଯେ ବର୍ତ୍ତମାନର କମିଶ୍ନର ଶ୍ରୀଯୁତ ବମସ୍ ସାହେବ ଏଠା ଅଫିସିଏଟ କମିଶ୍ନର ଶ୍ରୀ ବାବୁ ଅନ୍ନଦାପ୍ରସାଦ ଘୋଷଙ୍କୁ ଏପଦରେ ଅଫିସିଏଟ କରିବାକୁ ଗବର୍ଣ୍ଣମେଣ୍ଟଙ୍କୁ ଚିଠି ଲେଖିବାକୁ ଏଠା କମିଶ୍ନରଙ୍କର ଅନୁମତି ପ୍ରାର୍ଥିତ ହୋଇ-

Digitized by srujanika@gmail.com

# ପୁରସ୍କାର ନୋଟିସ ।

———

ଗତ ଡିସମ୍ବର ମାସ ତା ୨୬ ରିଖ ସୋମବାର ରାତ୍ର ପ୍ରାୟ ସମୟରେ ସେଲ୍‌ସସ୍ ଡଚେସା ଘରେ ଯେ ବ୍ୟକ୍ତି ଦାହ କରିବା ଇଚ୍ଛାରେ ନିଆଁ ଲଗାଇ ଦେଇଅଛି ସେ ବ୍ୟକ୍ତିକୁ ଯେକେହି ଅନୁସନ୍ଧାନ କରି ଧରାଇ ଦେବା ବିଷୟରେ ବିଶ୍ୱାସଯୋଗ୍ୟ ସମ୍ବାଦ ଦେବ ତାକୁ ଟ ୨୫୦ ଙ୍କା ଓ ସେ ଅପରାଧରେ ଦୋଷିବ୍ୟକ୍ତି ସଜା ପାଇଲେ ଅନ୍ତର ଟ ୨୫୦ ଙ୍କା ପୁରସ୍କାର ଦିଆଯିବ ।

Cuttack Magistrate's Court
The 12th January, 1882.

R. H. Pawsey.
*Magistrate.*

---

ସନ ୧୮୮୧ ମସିହାର ଫାଷ୍ଟଆର୍ଟସ୍ ଓ
ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ
ହୋଇଥିବା ଛାତ୍ରମାନଙ୍କ ନାମ ।

ଫାଷ୍ଟଆର୍ଟସ

୧ମ ଶ୍ରେଣୀ

ଓଦ୍ୱାରିସ ଅଲି । ଗଣପତି ଦାସ

୨ୟ ଶ୍ରେଣୀ

ବୈକୁଣ୍ଠନାଥ ଦତ୍ତ । ଜଗମୋହନ ଘୋଷ

୩ୟ ଶ୍ରେଣୀ

ମଣିଚରଣ ମହାପାତ୍ର

ପ୍ରବେଶିକା

କଟକ ଏକାଡେମୀ

୨ୟ ଶ୍ରେଣୀ—ଭଗବାନ ମହାପାତ୍ର

ରେଭେନସା କଲେଜ ।

୨ୟ ଶ୍ରେଣୀ

ହାରଗୁନ ଘୋଷ । ପୂର୍ଣ୍ଣଚନ୍ଦ୍ର ମୁଖର୍ଯ୍ୟା

୩ୟ ଶ୍ରେଣୀ

ରମାନାଥ ବୋଷ । ନେତ୍ରମୋହନ ଘୋଷ

ନୀଳମଣି ମିଶ୍ର । ଶରତଚନ୍ଦ୍ର ମୁଖର୍ଯ୍ୟା

ବାଲେଶ୍ୱର

୨ୟ ଶ୍ରେଣୀ

ଭଗବତୀପ୍ରସାଦ ମହାପାତ୍ର । ଯଦୁନାଥ ମିତ୍ର

୩ୟ ଶ୍ରେଣୀ

ଭୋଲାନାଥ ଦାସ । ହୃଦୟଚନ୍ଦ୍ର ଦେ

ଭଗବତୀଚରଣ ଗୁପ୍ତ । ଗୋପୀମୋହନ ରାୟ

ଲଲମୋହନ ସେନାପତି ।

ପୁରୀ

୨ୟ ଶ୍ରେଣୀ

ମୃଗାଙ୍କଧରରାୟ ଚୌଧୁରୀ । କୃଷ୍ଣଚନ୍ଦ୍ର ମିଶ୍ର

ଗୋପାଳଚରଣ ବାନର୍ଜ୍ୟା ।

୩ୟ ଶ୍ରେଣୀ

ଜଗନ୍ନାଥପ୍ରସାଦ ବୋଷ

ଲକ୍ଷଣନାଥ ।

୩ ୟ ଶ୍ରେଣୀ ।

ଈଶାନଚନ୍ଦ୍ର ମିତ୍ର । ହରିନାରାୟଣ ରାୟ ।

---

☞ ମୂଲ୍ୟ ଦେବ ।

Digitized by srujanika@gmail.com

Split by PDF Splitter


Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଖଣ୍ଡ ୧୭ ଶ
ସଂ ୩ ଖ୍ୟା

ତା ୨୧ ତଗ ମାହେ ଜାନୁଆରୀ ସନ ୧୮୮୨ ମସିହା । ମୁ । ମାଘ ଦ ୧୦ ଅ ସନ ୧୨୮୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ୧।୵

ଉଡ଼ିଶା ବିଭାଗରେ ନିମ୍ନଲିଖିତ ଛାତ୍ରମାନେ ନିମ୍ନଶ୍ରେଣୀର ୨ ୟ ବିଭାଗର ବୃତ୍ତି ପାଇଅଛନ୍ତି । ଏ ବୃତ୍ତିର ମୂଲ୍ୟ ଟ ୨୦୯ ଅଟଇ ।—

ଓ୍ୱାଇସ ଅଲି ।
ଗଣପତି ଦାସ ।
ବୈକୁଣ୍ଠନାଥ ଦତ୍ତ ।

ଏ ବୃତ୍ତିମାନ କଟକ ରେଭେନ୍ସା କଲେଜରେ ଖଞ୍ଜା ହୋଇଅଛି ।—

---

ଏ ବର୍ଷଠାରୁ ସ୍କୁଲଅଇନ୍ସପେକ୍ଟର ନିମନ୍ତେ ନୂଆ ପ୍ରସିଦ୍ଧ ହୋଇଥିବାର ଜଣା ଯାଏ । ବର୍ତ୍ତମାନ ଏବଂ ବସେବାର ଅଇନ୍ସପେକ୍ଟରମାନ ହୋଇଗଲା । ସମ୍ପ୍ରତି ଡୋମଗ୍ରାଉର ମହାଶୟଙ୍କ ଅଇନ୍ସପେକ୍ଟ ଆଗାମୀମାସ ତା ୭ ଖରେ ଦେବା[illegible] ହୋଇ ସ୍ତ୍ରୀ ସମାବେଶ ସହିତ ଉଦ୍ଯୋଗମାନ [illegible] ଅଛି । ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର [illegible] ଇଡ଼େନ ସାହେବଙ୍କ କର୍ତ୍ତୃତ୍ୱ[illegible] ଏ ଶୁଭକାର୍ଯ୍ୟ ସମାଧା ହେବ ।

---

ଘଣ୍ଟା ବାନ୍ଧି ଅଇନ ପ୍ରଚଳିତ ସ୍ଥଳ୍ୟ ହୋଇ କଟକ ଜଜ ସଙ୍ଗେ ମିଶିବାର ଅଇନ ଗତ ଡିସେମ୍ବର ମାସରେ ବିଧିବଦ୍ଧ ହୋଇଥିଲା । ଏହା ସନ ୧୮୮୧ ମସିହାର ୨୫ ଅଇନ ଅଟଇ । ଅମ୍ଭେମାନେ ଗତ ସାପ୍ତାହରେ ବାକିର ପ୍ରସ୍ତାବ ଲେଖିବାବେଳେ ଭ୍ରମବଶତଃ ପାଠକମାନଙ୍କୁ ଏ କଥା ଜଣାଇ ପାରି ନ ଥିଲୁଁ ବର୍ତ୍ତମାନ ଉକ୍ତ ଭ୍ରମ ସଂଶୋଧନ କଲୁଁ । ଉକ୍ତ ୨୫ ଆଇନ ଆଗାମୀ ଅପ୍ରେଲ ମାସ ତା ୧ ଦିନଠାରୁ ପ୍ରଚଳିତ ହେବ ।

---

ଗତ ଫାଷ୍ଟଆର୍ଟସ ଏବଂ ପ୍ରବେଶିକା ପରୀକ୍ଷାରେ କେବଳ ଏକ ଜଣ ବାଳିକା କୁମାରୀ ଓ ଏବ ଫାଷ୍ଟଆର୍ଟସ ୨ୟ ଶ୍ରେଣୀରେ ପାସ କରି ଅଛନ୍ତି ଏଥର ଏ ପରୀକ୍ଷାରେ ବଙ୍ଗାଳୁଣୀ କେହି ନାହାନ୍ତି । ପ୍ରବେଶିକା ପରୀକ୍ଷାରେ କୁମାରୀ ଅବଳା ଦାସ, କୁମୁଦିନୀ ସେନ, ପି ଜନଷ୍ଟନ, ମେରୀ ମିତ୍ର, ନର୍ମଦବାଳା ମୁଖୁର୍ଯ୍ୟା, ଇ ପର୍ଭସ ଏବଂ ଏଲ ମ୍ୟୁଅ ୨ୟ ଶ୍ରେଣୀରେ ଏବଂ ବିଧୁମୁଖୀବସୁ ଓ ପ୍ରିୟତମା ଦତ୍ତ ୩ୟ ଶ୍ରେଣୀରେ ପାସ କରି ଅଛନ୍ତି ବଙ୍ଗଳାରେ ସ୍ତ୍ରୀ ଶିକ୍ଷାର ଦିନ ଦିନ ଉନ୍ନତି ଅତ୍ୟନ୍ତ ପ୍ରୀତିକର ଅଟଇ ।

---

ଜେଲଖାନାରୁ କାଗଜ କଲ ଅସିବା ସମ୍ବାଦ ଏଥିପୂର୍ବ ପାଠକମାନଙ୍କୁ ଜଣାଇଥିଲୁଁ । ଉକ୍ତ କଳ ବସି କର୍ମ ହେବା ଆରମ୍ଭ ହୋଇଅଛି ଏବଂ ଅମ୍ଭେମାନେ ଜେଲରଙ୍କଠାରୁ ଏକ ଖଣ୍ଡ କାଗଜ ନମୁନା ସ୍ୱରୂପ ପାଇଅଛୁଁ । ଏ ନମୁନା ଦେଖି ଏତିକ ଜଣା ଯାଉଅଛି ଯେ ଏ କଳରେ ମସଲା ଭଲ କୁଟା ହେବାରୁ ପୂର୍ବର ଖଦଡ଼ିଆ କାଗଜ ପରିବର୍ତ୍ତରେ ଚିକ୍କଣ ଦ୍ରବ୍ୟ ପ୍ରସ୍ତୁତ ହେଉଅଛି କିନ୍ତୁ ନମୁନା କାଗଜ ଅତି ପାତଳ ଏବଂ ତହିଁରେ କାଳି ବୁଡ଼ ଯାଉଅଛି । ଭଲ କାଗଜକୁ ଆଦର୍ଶ କରି ପ୍ରଥମେ ଦ୍ରବ୍ୟ ପ୍ରସ୍ତୁତ କରିବାର ଉଚିତ ପଦ୍ଧତିକୁ ତଦପେକ୍ଷା ଭଲ ହେଲେ ଆମ୍ଭର ସୁଖର ବିଷୟ ହେବ ।

---

ଭାରତବର୍ଷୀୟ ଅଦାଲତର ଜଣେ ବିଚାରକର୍ତ୍ତା ସିଦ୍ଧାନ୍ତ କରିଅଛନ୍ତି କି କେହି ଯଦି ଉର୍ଦ୍ଦୁଭାଷାରେ ଯୋବାନବନ୍ଦୀ ଦେଲେ ଯଦ୍ୟପି ତାହାର କଥା ପ୍ରକୃତକଥା ସଙ୍ଗେ ମେଳ ନ ହେବ ତେବେ ତହିଁପାଇଁ ସେ ଦାୟୀଗ୍ରସ୍ତ ହେବ ନାହିଁ କାରଣ ଉର୍ଦ୍ଦୁଭାଷା ଏମନ୍ତ ଅଭ୍ୟନ୍ତରିକ ଦୋଷରେ ପରିପୂର୍ଣ୍ଣ ଯେ ତହିଁରେ ନିଶ୍ଚୟରୂପେ ସତ୍ୟକଥା କହିବା ଅସମ୍ଭବ ଅଟଇ । ଏପରି ସୂକ୍ଷ୍ମବସ୍ତୁର ଦୃଷ୍ଟିରେ ଉର୍ଦ୍ଦୁଭାଷାରେ ଯୋବାନବନ୍ଦୀ ଦେଇ ଯେତେ ଲୋକ ମିଥ୍ୟା ଶପଥ ଅପରାଧରେ ଦଣ୍ଡ ପାଇ ଅଛନ୍ତି ସେମାନଙ୍କୁ ମୁକ୍ତି ଦେବା ଉଚିତ । ଅମ୍ଭେମାନେ ବୋଧ କରୁଁ ଉର୍ଦ୍ଦୁଭାଷାରେ ଅନ୍ୟାନ୍ୟ ଭାଷାପେକ୍ଷା ବଡ଼ାଣିଆ କଥା କହିବାର ବିଶେଷ ସୁବିଧା ଅଛି ଏବଂ ତାହାଇ ଦେଖି ବିଚାରକର୍ତ୍ତାଙ୍କର ଉପରଲିଖିତ ଭାବ ଉଦୟ ହୋଇଅଛି ।

---

ସମ୍ପ୍ରତି କଥିତ ହୁଅଇ ଯେ ମହାମାନ୍ୟ ଲର୍ଡ ରିପନ ସାହେବ ଇନ୍‌କମ୍ ଟାକ୍ସ ବସାଇବାର ପ୍ରସ୍ତାବକୁ ମନରୁ ଅନ୍ତର କରି ଅଛନ୍ତି । ଉକ୍ତ ଘୃଣିତ ଟାକ୍ସର ଅନିଷ୍ଟକାରିତା ଲର୍ଡ ରିପନଙ୍କପରି ସୁବୁଦ୍ଧି ବ୍ୟକ୍ତି ବୁଝି ନ ପାରିବେ

Digitized by srujanika@gmail.com

Split by PDF Splitter



ଏହା ଅସମ୍ଭବ । ତାହାଙ୍କର ଏହି ସ୍ୱବର୍ଗର ଅତ୍ୟନ୍ତ ସ୍ୱଖକର ଅଟଇ । ଅତଏବ କଥିତ ହୁଅଇ ଯେ ଲାଇସେନ୍ସ ଟାକ୍ସ ଅନ୍ୟାନ୍ୟ ଶ୍ରେଣୀର ଲୋକଙ୍କ ପକ୍ଷରେ ବିସ୍ତାର କରିବାର କଳ୍ପଣାକୁ ମଧ୍ୟ ଆମ୍ଭମାନଙ୍କର ଧନମନ୍ତ୍ରୀ ଅନୁମୋଦନ କରୁ ନାହାନ୍ତି । କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ଏତିକି ଯଥେଷ୍ଟ ନୁହଇ । ଏହି ସାମାନ୍ୟ ଟାକ୍ସକୁ ମଧ୍ୟ ଉଠାଇ ଦେବାର ଉଚିତ ତାହା ନ ହେଲେ ପ୍ରଜାଙ୍କର ନିଶ୍ଚିନ୍ତ ହେବାର ଉପାୟ ନାହିଁ । ଲାଇସେନ୍ସ ଟାକ୍ସ ଏଦେଶରେ ଚଳାଇବା କେମନ୍ତ କଠିନ ଏବଂ ଅସମ୍ଭବ ତାହା ଗତ ବାର୍ଷିକ ବିଜ୍ଞାପନୀରେ ଆମ୍ଭମାନଙ୍କର ଲେଫ୍ଟେନାଣ୍ଟ ସାହେବ ସ୍ୱୟଂ ସ୍ୱୀକାର କରି ଅଛନ୍ତି । ସେ ପକ୍ଷରେ ଅନ୍ୟ ହେତୁ ଦର୍ଶାଇବା ଅନାବଶ୍ୟକ ଅଟଇ । ବାସ୍ତବରେ ଏ ଟାକ୍ସ ଆଇନର ଉଦ୍ଦେଶ୍ୟ ମତେ ଧାର୍ଯ୍ୟ କରିବା ଅଧିକାଂଶ ସ୍ଥଳରେ ଅସମ୍ଭବ । ହାକିମବିଶେଷ ଅପଣା ମିଜାଜ ଅନୁସାରେ କୌଣସିଠାରେ କଡା ଏବଂ କୌଣସିଠାରେ କୋହଳ ଜମା ବସାନ୍ତି ଓ ପ୍ରଜାମାନେ ଯେତେ ରଡ କୋବାଳ ଦଅନ୍ତି କେହି ଶୁଣନ୍ତି ନାହିଁ ।

---

## ଢେଙ୍କାନାଳ ।

ସନ ୧୮୮୪।୮୫ ମସିହାର ଓଡ଼ିଶା ଗଡ଼ଜାତ ମହାଲମାନଙ୍କର ବାର୍ଷିକ ଶାସନ ସମ୍ବନ୍ଧୀୟ ରିପୋର୍ଟ ବାହାରିଅଛି ଏବଂ ତହିଁରେ ଢେଙ୍କାନାଳର ପ୍ରଶଂସା ଭଲ ଲିଖିତ ପ୍ରକାର ହୋଇଅଛି ଯଥା ;—

ମେନେଜର ବାବୁ ଶ୍ରୀ ବନମାଳୀ ସିଂହ ଯତ୍ନ ଓ ପରିଶ୍ରମ ସହିତ ନୂତନ୨ ପ୍ରଣାଳୀରେ କଚେରୀ ଇତ୍ୟାଦି କାର୍ଯ୍ୟମାନ ସନ୍ତୋଷ ଓ ପ୍ରଶଂସାଜନକ ଶୃଙ୍ଖଳାମତେ ନିର୍ବାହ କରି ଅଛନ୍ତି । ଏ ରାଜ୍ୟର ବନ୍ଦୋବସ୍ତ କାର୍ଯ୍ୟ ଅତି ସୁନ୍ଦର ହୋଇଅଛି । ଗୋ ୨୪ ଟି ଗ୍ରାମ ମଧ୍ୟରୁ ଗୋ ୧୩ ଟି ଗ୍ରାମର ବନ୍ଦୋବସ୍ତକାର୍ଯ୍ୟ ଶେଷ ହୋଇଅଛି । ଏଥିରୁ ଜଣାଯାଏ ଯେ ଟ ୬୪୭୮୫ ଙ୍କାରୁ ଟ ୭୩୧୯୬ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ମଧ୍ୟ ଏହାର କାଗଜପତ୍ର ବିଚକ୍ଷଣରୂପେ ପ୍ରସ୍ତୁତ ହୋଇଅଛି । ଏଠାର ବିଦ୍ୟାର ଚର୍ଚ୍ଚା ସର୍ବୋତ୍କୃଷ୍ଟ ଅଟେ ଶିକ୍ଷାବିଭାଗର ଶ୍ରୀବୃଦ୍ଧି ସାଧନ ନିମିତ୍ତ ସନ୍ତୋଷଜନକ ଉପାୟ କରା ଯାଇଅଛି । ଢେଙ୍କାନାଳ କେବଳ ଶିକ୍ଷାବିଭାଗର ଉନ୍ନତି ଲାଭ ପକ୍ଷରେ ଯେ ସବୁ ଗଡ଼ଜାତ ଅପେକ୍ଷା ଶ୍ରେଷ୍ଠ, ଏହା ନହେ, ଆହୁରି ମଧ୍ୟ କାରକମାସ୍ତ୍ରୀ ଇଲାକା ଥିବାରୁ ସଡ଼କ ଓ ବନ୍ଧ ଇତ୍ୟାଦି ଯୋଗେ ସର୍ବସାଧାରଣଙ୍କର ସୁଖ ସ୍ୱଚ୍ଛନ୍ଦତା ଦିନକୁଦିନ ବୃଦ୍ଧି ହେଉଅଛି । ଏ କାର୍ଯ୍ୟରେ ବର୍ଷକୁ ଅନେକ ଟଙ୍କା ବ୍ୟୟିତ ହୁଅଇ । ଆହୁରି ମଧ୍ୟ ଏହି ରାଜ୍ୟର ଗଡ଼ ମଧ୍ୟରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ଥିବାରୁ ଏତଦ୍ଦ୍ୱାରା ସ୍ୱଦେଶୀ ଓ ବିଦେଶୀୟମାନଙ୍କ ସ୍ୱାସ୍ଥ୍ୟଲାଭ ପକ୍ଷରେ ଯଥେଷ୍ଟ ସୁବିଧାଜନକ ହୋଇଅଛି । ପ୍ରାୟ ୮୦୦୦ ରୁ ଅଧିକ ରୋଗୀ ଔଷଧ ସେବନ କରି ଆରୋଗ୍ୟଲାଭ କରୁ ଅଛନ୍ତି । ଏଥିରେ ବାର୍ଷିକ ଟ ୪୬୦୦ ବ୍ୟୟ ହୋଇ ଅଭିଜ୍ଞ ସର୍ଜନଙ୍କଦ୍ୱାରା କାର୍ଯ୍ୟ ନିର୍ବାହ ହୁଏ । ଏ ରାଜ୍ୟର ଉପରୋକ୍ତ ମେନେଜର ମହାଶୟଙ୍କ ଆନ୍ତରିକ ଯତ୍ନଦ୍ୱାରା ଢେଙ୍କାନାଳ ପୂର୍ବାପେକ୍ଷା ଉନ୍ନତି ଲାଭ କରିଥିବାର ସ୍ପଷ୍ଟ ପରିଚୟ ମିଳିଅଛି । ଏଥିନିମିତ୍ତ ମହାମାନ୍ୟ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଅତିଶୟ ସନ୍ତୋଷଲାଭ କରିଅଛନ୍ତି ଇତି ।

---

## ମୟୂରଭଞ୍ଜର ଦେୱାନୀ ।

ବାବୁ ଗୟାନାଥ ରାୟଙ୍କର ମୟୂରଭଞ୍ଜକୁ ଯିବା ବିଷୟରେ ଯେମନ୍ତ ଖଣ୍ଡିଏ ପତ୍ର ଅମ୍ଭେମାନେ ଏଥିପୂର୍ବେ ପ୍ରକାଶ କରିଥିଲୁଁ ବାବୁ ନନ୍ଦକିଶୋର ଦାସଙ୍କ ସମ୍ପର୍କରେ ସେହିପରି ଖଣ୍ଡିଏ ପତ୍ର ପାଇଅଛୁଁ । ଉଭୟ ପତ୍ରର ଭାବ ଏକପ୍ରକାର ଏବଂ ଶେଷଲିଖିତ ପତ୍ରଖଣ୍ଡି ଦୀର୍ଘ ଥିବାରୁ ସ୍ଥାନାଭାବରୁ ପ୍ରକାଶ କରିବାରୁ କ୍ଷାନ୍ତ ହେଲୁଁ । ପତ୍ରର ମର୍ମ ଏହି କି ନନ୍ଦକିଶୋର ବାବୁ ଦେୱାନୀ ଗ୍ରହଣ କଲେ ତାହାଙ୍କର ମର୍ଯ୍ୟାଦା ଊଣା ହେବ ଏବଂ ଓଡ଼ିଶାବାସିଙ୍କର ତାହାଙ୍କଦ୍ୱାରା ଯେ ସମସ୍ତ ଉପକାରର ସୁଯୋଗ ଅଛି ତହିଁରୁ ସେମାନେ ବଞ୍ଚିତ ହେବେ ।

ଅମ୍ଭେମାନେ ଏପ୍ରକାର ଆପତ୍ତିକୁ ଅସାର ବୋଲି ଜ୍ଞାନ କରୁଁ । ଅମ୍ଭମାନଙ୍କର ମତରେ ଯେ ବ୍ୟକ୍ତି ଆପଣା କର୍ତ୍ତବ୍ୟକର୍ମ ଯଥାର୍ଥରୂପେ ପ୍ରତିପାଳନ କରଇ ତାହାର ମର୍ଯ୍ୟାଦା ବଢଇ । ସାମାନ୍ୟ ଜମିଦାରର ନାଏବ ସୁଦ୍ଧା ଆପଣା କାର୍ଯ୍ୟରେ ବିଶେଷ ଯୋଗ୍ୟତା ଦେଖାଇଲେ ସର୍ବସାଧାରଣ ତାହାକୁ ମାନ୍ୟ କରୁଅଛନ୍ତି । ଯେଉଁମାନେ ମନେ କରନ୍ତି କି ହାକିମ ହେଲେ ମାନ୍ୟ ହୁଅଇ ସେମାନେ ମର୍ଯ୍ୟାଦା କି ତାହା ଜାଣନ୍ତି ନାହିଁ ଅଥବା ସ୍ୱାର୍ଥ ଖିଲଗାରେ କୃତ୍ରିମ ଭାବ ଦେଖାନ୍ତି । ଆଉ ଓଡ଼ିଶାର ଉପକାର ସମ୍ପର୍କରେ ବକ୍ତବ୍ୟ ଏହି କି ମୟୂରଭଞ୍ଜ ଓଡ଼ିଶାର ପ୍ରଧାନ ରାଜ୍ୟ ଅଟଇ । ମହାରାଜା ଆପଣା କର୍ତ୍ତବ୍ୟକର୍ମ ଅନୁଭବ କରି ପାରୁ ନ ଥିବାରୁ ତାହାଙ୍କ ପ୍ରଜାଙ୍କର ଉନ୍ନତି ହୋଇ ପାରୁ ନାହିଁ । ପ୍ରଧାନ ରାଜ୍ୟର ଶାସନପ୍ରଣାଳୀ ସର୍ବାଙ୍ଗସୁନ୍ଦର ହେଲେ ଅନ୍ୟାନ୍ୟ ଗଡ଼ଜାତ ପକ୍ଷରେ ତାହା ଆଦର୍ଶ ହେବ ଏବଂ ତଦ୍ଦ୍ୱାରା ସାଧାରଣରୂପେ ଓଡ଼ିଶାର ଉପକାର ହେବ । ଏପରି ମୟୂରଭଞ୍ଜର ଯେମନ୍ତ ଆୟବୃଦ୍ଧିର ସମ୍ଭାବନା ଅଛି ମହାରାଜା ସଦ୍ବ୍ୟୟ କରିବାକୁ ଶିକ୍ଷା କଲେ ଯେ ତଦ୍ଦ୍ୱାରା ଓଡ଼ିଶାର ଟେକ ରହିବ ଏକଥା ବୋଲିବା ବାହୁଲ୍ୟ । ଅତଏବ ଏମନ୍ତ ମହାରାଜା ଆଗ୍ରହ ସହିତ ଯେଉଁ ଯୋଗ୍ୟବ୍ୟକ୍ତିକୁ ଲେଉତେ ଗବର୍ଣ୍ଣମେଣ୍ଟଙ୍କର ତହିଁରେ ବାଧା ଦେବାର କର୍ତ୍ତବ୍ୟ ନୁହଇ କାରଣ ମୟୂରଭଞ୍ଜର ସୁଶାସନ ସଙ୍ଗରେ ଗବର୍ଣ୍ଣମେଣ୍ଟଙ୍କର ସ୍ୱାର୍ଥ ଜଡ଼ିତ ରହିଅଛି । ରାଧାନାଥ ବାବୁ କିମ୍ବା ନନ୍ଦକିଶୋର ବାବୁ ଆପଣା୨ କାର୍ଯ୍ୟ ଛାଡି ମୟୂରଭଞ୍ଜରେ ଚାକିରି କଲେ ଓଡ଼ିଶାର କ୍ଷତି ହେବ ବୋଲି ଯେ କେହି୨ ଆଶଙ୍କା କରନ୍ତି ଅମ୍ଭମାନଙ୍କର ତହିଁରେ ସହାନୁଭୂତି ନାହିଁ । ଅବଶ୍ୟ ଏମାନେ ଆପଣା୨ କାର୍ଯ୍ୟ ପ୍ରଶଂସା ସହିତ କରୁଅଛନ୍ତି କିନ୍ତୁ ଏହା ବୋଲି ଓଡ଼ିଶାରେ କେବଳ ଯୋଗ୍ୟଲୋକ ଆଉ ନାହିଁ ଏମନ୍ତ ବୋଲିବା ନିତାନ୍ତ ଅସଙ୍ଗତ ଅଟଇ । ଅମ୍ଭମାନଙ୍କର ଦୁଃଖ ଏହି ଯେ ସ୍ଥାନୀୟ ହାକିମମାନେ ଓଡ଼ିଆଙ୍କୁ ଉଚ୍ଚପଦ ଦାନ ବିଷୟରେ ନିତାନ୍ତ ଉଦାସୀନ ଅଟନ୍ତି ତାହା ନ ହେଲେ ଅଦ୍ୟାବଧି କେତେକଜଣ ଓଡ଼ିଆ ଡେପୁଟୀ କଲେକ୍ଟର ପ୍ରଭୃତି ଉଚ୍ଚ ଆସନ ଗ୍ରହଣ କରି ଓଡ଼ିଶାର [illegible] ଉଜ୍ଜ୍ୱଳ କରୁଥାନ୍ତେ ଏବଂ ପତ୍ରପ୍ରେରକମାନଙ୍କର ହତାଶ ହେବାର କୌଣସି କାରଣ ନ ଥାନ୍ତା । ଅମ୍ଭେମାନେ ବିନୀତଭାବରେ ଛୋଟଲାଟ[illegible] ଏବଂ କମିସନରଙ୍କଠାରେ ଏତିକି ପ୍ରାର୍ଥନା କରୁଅଛୁଁ କି ସେମାନେ ଏକମନ ହୋଇ କେତେଗୁଡ଼ିଏ ଯୋଗ୍ୟ ଓଡ଼ିଆଙ୍କୁ ଉଚ୍ଚପଦ ପ୍ରଦାନ କରନ୍ତୁ ତାହା ନ ହେଲେ ଓଡ଼ିଶାର ଦଶା ସରିଲା । ଜଗମୋହନ ବାବୁଙ୍କର ପେନସନ କାଳ ନିକଟରେ ଉପସ୍ଥିତ ହେବ ଏବଂ ନନ୍ଦକିଶୋର ବାବୁ ସ୍ଥାନାନ୍ତରିତ ହେଲେ ଆଉ ତାହାଙ୍କୁ ଦେଖି ଓଡ଼ିଆ ଗୌରବାନ୍ୱିତ ହେବ ।

---

Digitized by srujanika@gmail.com

## ଓଡ଼ିଶାରେ ରେଲବାଟ ।

ଓଡ଼ିଶା ରେଲ ଏତେକାଳ ସ୍ୱପ୍ନର ବିଷୟ ଥିଲା ସମ୍ପ୍ରତି ରାଜକର୍ମଚାରୀଙ୍କର ଏଥି ପକ୍ଷରେ ଦୃଷ୍ଟି ପଡ଼ିଥିବାରୁ ଆଶା ହେଉଅଛି କି ଏ ବାଟ ଅଳ୍ପ କାଳମଧ୍ୟରେ ଫିଟିପାରେ । ପୂର୍ବ ଗବର୍ଣ୍ଣରମାନଙ୍କର କଥା ଥିଲା କି ଓଡ଼ିଶାକୁ ନାଲ ଦିଆଗଲା ଆଉ ରେଲର ଆବଶ୍ୟକ କି ? ଏବେ କେବଳ ଗବର୍ଣ୍ଣମେଣ୍ଟ ସେ କଥାର ବଚନ ଛାଡ଼ି କେଉଁ ମାର୍ଗରେ ଓଡ଼ିଶାକୁ ରେଲବାଟ ଫିଟିବା ଅଧିକ ସୁବିଧାଜନକ ତହିଁର ବିଚାର କରୁଅଛନ୍ତି ଏବଂ ଏଥିର ଅନୁସନ୍ଧାନ ଆରମ୍ଭ ହୋଇ ଅଛି । ଏ ସମୟରେ ଆମ୍ଭମାନଙ୍କର କର୍ତ୍ତବ୍ୟ ଯେ କେଉଁବାଟ ଓଡ଼ିଶା ପକ୍ଷରେ ଅଧିକ ମଙ୍ଗଳପ୍ରଦ ହେବ ତାହା କର୍ତ୍ତୃପକ୍ଷଙ୍କୁ ଜଣାଇବା ।

ପାଠକମାନଙ୍କର ସ୍ମରଣ ଥିବ ଯେ ସନ ୧୮୭୪ ସାଲରେ ଯେତେବେଳେ ସେ ସମୟର ଲେପ୍ଟନେଣ୍ଟ ଗବର୍ଣ୍ଣର ସର ରିଚାର୍ଡଟେମ୍ପଲ ଓଡ଼ିଶାକୁ ଶୁଭାଗମନ କରି ଥିଲେ ସେତେବେଳେ ଏ ନଗରରେ ସମବେତ ହୋଇଥିବା ରାଜା ଜମିଦାର ଏବଂ ଅପର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସମ୍ବଲପୁର ବାଟେ ଓଡ଼ିଶାକୁ ରେଲ ଫିଟାଇବା ନିମିତ୍ତ ତାହାଙ୍କ ନିକଟରେ ଏକ ଆବେଦନପତ୍ର ଉପସ୍ଥିତ କରିଥିଲେ । ଯଦ୍ୟପି କ ସାହେବ ମହୋଦୟ ତହିଁର କୌଣସି ସାକ୍ଷାତ ଉତ୍ତର ଦେଇ ନ ଥିଲେ ମାତ୍ର ସେ ଆବେଦନପତ୍ର ଅବଶ୍ୟ ଗବର୍ଣ୍ଣମେଣ୍ଟ ଅଫିସରେ ଥିବ କାରଣ ସେ ତାହା ସଙ୍ଗରେ ଯେଉଁ ଚିଠି ପକ୍ଷରେ ଦେଲା କର ନ ଥିଲେ । ଉକ୍ତ ଆବେଦନପତ୍ରରେ ସମ୍ବଲପୁରଠାରୁ ଓଡ଼ିଶାକୁ ରେଲ ହେଲେ କି ଫଳ ହେବ ତାହା ବିସ୍ତାରିତରୂପେ ଲେଖା ଥିଲା ଏବଂ ଏହି ଆବେଦନ ପୂର୍ବ ଅର୍ଥାତ ସନ ୧୮୭୪ ସାଲ ସେପ୍ଟମ୍ବର ମାସର ଏକଖଣ୍ଡ ଉତ୍କଳ ଦୀପିକାରେ ଆମ୍ଭେମାନେ ସେ ସମସ୍ତ ପ୍ରତି ସର୍ବସାଧାରଣଙ୍କ ମନ ଆକର୍ଷଣ କରିଥିଲୁଁ । ଏଥିମଧ୍ୟରେ ଆଠବର୍ଷ କାଳ ଗତ ହୋଇ ଗଲା କିନ୍ତୁ ଯେ ସମସ୍ତ କାରଣରୁ ସେତେବେଳେ ସମ୍ବଲପୁର ବାଟର ଉପଯୋଗିତା ଅଧିକ ପରିମାଣରେ ଦେଖା ଯାଇଥିଲା ଅଦ୍ୟ ସେହି କାରଣମାନ ବର୍ତ୍ତମାନ ରହିଅଛି । ବାସ୍ତବରେ ସେ ସମସ୍ତ କାରଣ ଦେଶର ପ୍ରାକୃତିକ ଅବସ୍ଥା ସଙ୍ଗରେ ସମ୍ବନ୍ଧ ରଖେ ସୁତରାଂ ତହିଁର ପରିବର୍ତ୍ତନ ନାହିଁ । ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଓଡ଼ିଶାର ଜଣେ ଅତି ପ୍ରାଚୀନ ଏବଂ ବହୁଦର୍ଶୀ ଇଞ୍ଜିନିୟର ଶ୍ରୀଯୁକ୍ତ ବଣ୍ଡସାହେବ ଏହି ମାର୍ଗର ପୋଷକତା କରୁଅଛନ୍ତି ଏବଂ ଆମ୍ଭମାନଙ୍କର କମିସନର ଶ୍ରୀଯୁକ୍ତ ସ୍ମିଥ୍‌ସାହେବ କ ସେ ଗଡ଼ଜାତମାନ ବୁଲିଛନ୍ତି ଥର ବୁଲି ଦେଖି ଉତ୍ତମ ବିଚାର କରିବାକୁ ସକ୍ଷମ ହୋଇ ଅଛନ୍ତି ଏହି ମାର୍ଗର ଅନୁମୋଦନ କରନ୍ତି । ଫଳ କଥା ଏହି କି ଯେବେ ରେଲବାଟଦ୍ୱାରା ଓଡ଼ିଶାର ପ୍ରକୃତ ଉପକାର ହେବ ତେବେ ତାହା ଓଡ଼ିଶାର ଗଡ଼ଯାତମାନ ଭେଦ କରି ନ ଗଲେ କଦାଚ ସମ୍ଭବ ନୁହଇ । ସମୁଦ୍ର କୂଳ ନିକଟରେ କଟକଠାରୁ କଲିକତାକୁ ରେଲ ଫିଟିଲେ କେବଳ ଏକପାଖିଆ ବାଟଟିଏ ହେବ ଏବଂ ଓଡ଼ିଶାର ପ୍ରଧାନ ଅଂଶ ଗଡ଼ଜାତର ସ୍ଥିତାବସ୍ଥା କୌଣସିରୂପେ ବଦଳ ହେବ ନାହିଁ । ମୋଗଲବନ୍ଦିରେ ଯେ ପରିମାଣରେ ପଣ୍ୟ ଦ୍ରବ୍ୟ ଉତ୍ପନ୍ନ ହୁଅଇ ତହିଁପାଇ ସମ୍ପ୍ରତି ସମୁଦ୍ରବାଟ ଯଥେଷ୍ଟ ଅଟଇ ଏବଂ ମୋଗଲବନ୍ଦିରେ ଶୂନ୍ୟଭୂମି ପ୍ରାୟ ପଡ଼ିଆ ନାହିଁ ଯେ ଏଣିକି ଅଧିକ ଫସଲର ଆଶା ହେବ । କିନ୍ତୁ ଗଡ଼ଜାତରେ ସୁଯୋଗ ବହୁତେ ସହସ୍ର ମାଣ ଭୂମି ପଡ଼ିଆ ପଡ଼ି ରହିଅଛି । ଏବଂ ସେ ସମସ୍ତରେ ଏପରି ମୂଲ୍ୟବାନ୍ ଫସଲ ହୋଇ ପାରେ କି ଯାହା ମୋଗଲବନ୍ଦୀ ପକ୍ଷରେ କୌଣସିରୂପେ ସମ୍ଭବ ନୁହଇ । ଏପର ଗଡ଼ଜାତ ଖଣିଜ ଓ ଉଦ୍ଭିଦ ପଦାର୍ଥରେ ପରିପୂର୍ଣ୍ଣ । କେବଳ ବାଟର ସୁବିଧା ନ ଥିବାରୁ ବ୍ୟବସାୟିଲୋକଙ୍କର ଦୃଷ୍ଟିରୁ ଅନ୍ତରରେ ରହିଅଛି । ଏ ସମସ୍ତ ବ୍ୟବସାୟରେ ଲାଗିଲେ କେତେ ଲୋକର ଉପକାର ହେବ ଏବଂ ତଦ୍ଦ୍ୱାରା ଓଡ଼ିଶାର କେତେପରିମାଣରେ ସାଧାରଣ ଧନ ବୃଦ୍ଧି ହେବ ତାହା ଅନାୟାସରେ ଚିନ୍ତାଶୀଳ ବ୍ୟକ୍ତିମାନେ ପ୍ରତ୍ୟକ୍ଷ କରି ପାରିବେ । ଗଡ଼ଜାତଲୋକମାନେ ଅତ୍ୟନ୍ତ ବଳିଷ୍ଠ ଏବଂ ସାହସୀ ଦୁଃଖର ବିଷୟ ଯେ ସେମାନେ ବ୍ୟବସାୟ ନ ପାଇବାରୁ କ୍ରମଶଃ ଅନ୍ନମୁଖ ହୋଇ ଯାଉଅଛନ୍ତି ଏବଂ କେତେଲୋକ ରାଜାଙ୍କ ଅବସ୍ଥାର ଯୋଗ୍ୟ ଧନ ଅର୍ଜ୍ଜନ କରିବାକୁ ସୁଦ୍ଧା ଭୟ କରନ୍ତି । ଏମାନଙ୍କ ରାଜ୍ୟ ମଧ୍ୟରେ ରେଲବାଟ ଫିଟିଲେ ଏହାଙ୍କ ପରିଶ୍ରମର ମୂଲ୍ୟ ବଢ଼ିବ ଏବଂ ସମ୍ପ୍ରତି ଯେଉଁ ଅସ୍ୱଚ୍ଛଳତା ଭୋଗ କରୁଅଛନ୍ତି ତାହା ଦୂରୀଭୂତ ହେବ କାରଣ ରାଜାମାନେ ଦୁର୍ଭେଦ୍ୟ ଗଡ଼ ମଧ୍ୟରେ ବସିଅଛନ୍ତି ବୋଲି ନିଃଶଙ୍କଚିତ୍ତରେ ଯେଉଁ ଅତ୍ୟାଚାର କରିବାକୁ ସାହସ କରନ୍ତି ତାହା ଆଉ ହୋଇ ପାରିବ ନାହିଁ ।

ଏହିରୂପେ ଦେଖାଯାଏ ଯେ ସମ୍ବଲପୁର ବାଟଟି ଅତ୍ୟନ୍ତ ବାଞ୍ଛନୀୟ ଏବଂ ସର୍ବାଗ୍ରେ ତାହା ଫିଟାଇବାର ଉଚିତ । ଏ ଉକ୍ତିରୁ ଯେବେ ଦେଖାଯିବ କି ମୋଗଲବନ୍ଦୀ ବାଟରେ ରେଲ ଫିଟିଲେ ମଧ୍ୟ ଲାଭ ଅଛି ତେବେ ସେ ବାଟ ସୁଦ୍ଧା ଫିଟି ପାରେ ଏବଂ ଦେଶରେ ଯେତେ ରେଲବାଟର ବିସ୍ତାର ହେବ ସେତେ ଉପକାରର ବିଷୟ ଅଟଇ ।

---

# ସାପ୍ତାହିକସଂବାଦ ।

ଏଠା ଡେପୁଟି କଲେକ୍ଟର ବାବୁ ବରଦାକାନ୍ତ ମଜୁମଦାର ପୁନର୍ବାର ପ୍ରାର୍ଥନା କରି ଏକ ମାସର ଛୁଟି ପାଇ ଗତ ମଙ୍ଗଳବାର ସ୍ୱଦେଶକୁ ଯାଇଅଛନ୍ତି ।

ଶ୍ରୀଯୁକ୍ତ କମିଶନର ସାହେବ ଢେଙ୍କାନାଳରୁ କାଲି ଫେରି ଆସିଅଛନ୍ତି । ବାଲେଶ୍ୱର ଯିବା ସମୟରେ କେନ୍ଦ୍ରାପଡ଼ା, ଯାଜପୁର ପ୍ରଭୃତି ସବଡିଭିଜନମାନ ଦେଖି ଯିବେ ।

କଟକର ନୂତନ ଏକଟିଂ ଜଜ ଶ୍ରୀଯୁକ୍ତ ଓରଗାନ ସାହେବ ଗତ ସୋମବାର ଦିନରେ ଏଠାରେ ପ୍ରବେଶ ହୋଇ ମଙ୍ଗଳବାର ପ୍ରାତଃକାଳରେ କାର୍ଯ୍ୟ ନେଲେ ଏବଂ ସେହିଦିନ ଶ୍ରୀଯୁକ୍ତ ବେଭରଲି ସାହେବ କଲିକତାକୁ ଯାତ୍ରା କଲେ । ସେ କେଉଁ ଜିଲ୍ଲାକୁ ପ୍ରେରିତ ହେବେ ନିଶ୍ଚୟ ହୋଇ ନାହିଁ ।

ପଞ୍ଜାବ ଗଣ୍ଡି ଓ ତରବାଇ ପୁଲିସର ସଦସର ତଲାସ ମତେ ହାବଡ଼ରେ ବନ୍ଦୀହୋଇ ଏ ମାସ ତା ୧୮ ରିଖ ଧାର୍ଯ୍ୟ ହୋଇଥିବ ସେଠାର ସମ୍ବାଦ କାଗଜ ନ ପହୁଞ୍ଚିବାରୁ ସେମାନେ ଜାମିନରେ ଖଲାସ ହୋଇଗଲେ ।

ଜଣେ ବୈଜ୍ଞାନିକ ପରୀକ୍ଷା କରି ଦେଖିଅଛନ୍ତି କି ଗାଈ ଦୁଧ ପିଇ ଏବଂ ଦୁର୍ବଳ ମନୁଷ୍ୟଙ୍କ ପକ୍ଷରେ ଘିଅ ଏବଂ ଓଷଧ ଦୁଧଠାରୁ ଅଧିକ ଉପକାରୀ ଅଟଇ । କିନ୍ତୁ ସର୍ବସାଧାରଣଙ୍କର ଏଥିରେ କି ଫଳ ? ତୁହାଲ ହାଟରେ ଘିଅର ମୂଲ୍ୟ ନୁହନ୍ତି ।

ଜୟପୁରର ମହାରାଜା ଆପଣା ପରିବାରବର୍ଗ ସହିତ ତୀର୍ଥ କରି ବୁଲୁଅଛନ୍ତି । ତାହାଙ୍କ ସଙ୍ଗରେ ପ୍ରାୟ ଏକସହସ୍ର ଲୋକ ଅଛନ୍ତି । ମହାରାଜା ଏହିମାସର ଦରବାର ସ୍ଥଳରେ କଲିକତାକୁ ଉପସ୍ଥିତ ହେବେ ।

ଗୁଜୁରାଟ ଭକ୍ତ ଓରେଷ୍ଟେକ ଉପଲକ୍ଷରେ ସର ମାଧୋ ରାଓ ବରୋଦା ମହାରାଣୀ ଯମୁନାବାଈଙ୍କଠାରୁ ଲୋହିଏ ... ଏବଂ ସ୍ୱୟଂ ଗାଇକୱାଡ଼ଙ୍କଠାରୁ ନଗଦ ... ଟଙ୍କା ପାରିତୋଷିକ ପାଇଅଛନ୍ତି ।

କଲିକତା ସହର ମଧ୍ୟରେ ବର୍ତ୍ତମାନ ଭୂମିର ମୂଲ୍ୟ ଏକ କଟାକୁ ପ୍ରାୟ ... ହୋଇଅଛି । ... ପୂର୍ବେ ଏହି ମୂଲ୍ୟରେ ଏକମାଣ ଜମି ମିଳୁଥିଲା ।

ବମ୍ବେର ମହାମାନ୍ୟ ଗବର୍ଣ୍ଣରଜେନେରଲ ମୋଫସଲ ଭ୍ରମଣ କରୁଥିବା କାଳରେ ତାହାଙ୍କର ସହଧର୍ମିଣୀ ଲେଡ଼ି ... ସନ୍ତାନ ପ୍ରସବ କରି ସେହି ଦିନ (ଗତ ମାସ ତା ୮ ରିଖ) ରେ ଓରଣ୍ଡଠା ସ୍ଟେସନରେ କାଳପ୍ରାପ୍ତ ହେଲେ । ପିଲାଟି ସେଠାର ପ୍ରକୋପରେ ଆଠମାସରେ ଜନ୍ମ ହୋଇଥିଲା । ଲେଡ଼ି ... ମୃତ୍ୟୁ ସାଧାରଣ ଶୋକର ବିଷୟ ହୋଇଅଛି । ସନ ... ମୃତ୍ୟୁରେ ରହି ଦେଇ ନାହିଁ ।

ପୁନା ନଗରର ମିଉନିସିପାଲିଟି ମନୁଷ୍ୟ ବଧ୍ୟାରେ ଯେଉଁ

କେଉ ପ୍ରସ୍ତୁତ କରୁଅଛନ୍ତି ତାହା ବଡ ମୂଲ୍ୟବାନ ହୋଉ-ଅଛି । ସମ୍ପ୍ରତି ଜର୍ମ୍ମନୀର ଶତ ବର୍ଷୀୟ ହୋଇ ୧୨୭୪ଟଙ୍କ ଅସୁ ହୋଇଅଛି ।

ଟିକାରି ରାଜଘରର ମୋକଦ୍ଦମା ହାଇକୋର୍ଟରେ ଅତିଲ ସ୍ୱରୂପ ଉପସ୍ଥିତ ହୋଇଅଛି । ପୁଣି ଶୁଣାଏ ଟଙ୍କ ର ପ୍ର ଶ୍ନ ହେବ । ମୋକଦ୍ଦମା ଶେଷରେ ବାରିଷ୍ଟରଙ୍କର ଖର୍ଚ୍ଚ ଟଉଠ ଅଳ୍ପ ଲାଗିବ ନାହିଁ ।

ସର ରୁମିକର୍ଣ୍ଣ ନେପାଳର ସନ୍ଧିପତ୍ରରେ ଏଥପାଇଁ ସ୍ଥିର ଅନୁଭବ ହୋଇଅଛି ।

ତ୍ରିବାଙ୍କୁରର ମହାରାଜା ଦେଶ ଭ୍ରମଣ ନିମିତ୍ତ ବାହାରୁ-ଅଛନ୍ତି । ମାନ୍ଦ୍ରାଜ, ବମ୍ବେ, କଲିକତା, ଅନ୍ୟ ଦୁଇଟି ସ୍ଥାନ ମାତ୍ର ଦର୍ଶନ କରି ତିନିମାସରେ ସ୍ୱଦେଶକୁ ଫେରି ଯିବାର ହବକ୍ଷ କରିଅଛନ୍ତି ।

କାବୁଲର ଅମୀର ହୁଇଜଣ ସରଦାରଙ୍କୁ ସ୍ୱାଭିକଣାନଙ୍କ ସହିତ ଯୋଗ ରଖିଥିବା ଅପରାଧରେ କାରାବାସ ଦେଇଥିଲେ ସନ୍ଧ୍ୟା ସେମାନଙ୍କୁ ଗୁପ୍ତଭାବେ ମାରି ପକାଇବାର କଥିତ ହୁଅଇ । ଅସମ୍ଭୂଷ୍ଟ ଖାନ ନାମରେ ଏକବ୍ୟକ୍ତି ମଧ୍ୟ ଗିରଫ୍ତାର କରି ତାହାର ୫୦ ହଜାର ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ କରିଅଛନ୍ତି । ଶୀଘ୍ର ଏହାଙ୍କର ପ୍ରାଣଦଣ୍ଡ ହେବା-ର ସମ୍ଭାବନା ।

ବେହାରରେ ପ୍ରତ୍ୟେ ମହର ଲକ୍ଷ ବୋତଲ ୫୦୮ ଅଳ ସରର ଉପର କାଶ ହେବାରୁ ବୋତଲ ପଡପରଗ୍ମା ଲେଖାଏ ରକ୍ଷମ୍ବୁ ହେଉଅଛି ଏଥରେ ଯେବେ ମଦ୍ୟଙ୍କ ଦର ବୃଦ୍ଧି ନ ହେବ ତେବେ ଅଳ କ ନ ହେବ ।

କଲିକତା ମିଉନିସିପାଲିଟିର କମିଶନର ଏବଂ କର୍ମ୍ମଚାରୀ-ମାନେ ସେମାନଙ୍କ ବଦଳ ଚେୟାରମାନ ସ୍ମିଥ ସାହେବଙ୍କୁ ଏମନ୍ତ ପ୍ରେମ କରୁଥିଲେ ଯେ ତାହାଙ୍କର ସ୍ମରଣାର୍ଥ ସଙ୍ଗିନ ପ୍ରତିମୂର୍ତ୍ତି ଅଥବା ପ୍ରସ୍ତରମୟ ମୂର୍ତ୍ତି ନିର୍ମାଣ ନିମିତ୍ତ ଅପଥା ମଧ୍ୟରେ ଚେଷ୍ଟା କରିବାକୁ ସ୍ଥିର କରିଅଛନ୍ତି ।

କଲିକତାର ସ୍ୱର୍ଣ୍ଣ ସେଣ୍ଟରେଲ ନାମକ ପ୍ରସିଦ୍ଧ କୋଠି ବସିଯିବାର ସମ୍ବାଦ ଆସିଅଛି । ଲକ୍ଷ କେ ଠିକ କହେ ଅଂଶୀ ଯୋଗାଡ ସେଥିମଧ୍ୟ ଗଠିଏଲେ ଟଙ୍କାର ଲେଣଦେଣ ହୋଇ ଲୁଚ ରହିଅଛନ୍ତି । ସ୍ୱର୍ଣ୍ଣ ସେଣ୍ଟ୍ରେଲ ପ୍ରଥମେ ଏ ନଗରରେ ଉତ୍ତମ କାର୍ଯ୍ୟ ଆରମ୍ଭ କରି ବଡରେ କରିଥିଲେ ।

କଣ୍ଟକ ଜିଲ୍ଲାରେ ଯେ ସ୍ତ୍ରୀ ସ୍ୱଦେଶୀୟ ସଙ୍ଗ ଦାଗଣ ସ୍ତ୍ରୀକୁ କରମାଳ ରୁଷିସ୍ଥା ଏବଂ ଅନେକଭାବରେ ଦଣ୍ଡାଦେଇ କରିବା ନିମିତ୍ତ ପ୍ରବର୍ତ୍ତ ଲେଖକ ଲେଖିଅଛନ୍ତି । ଏ ଘଟକନ୍ତି ସ୍ଥିର ହୋଇ ପାରିଲେ ବଡ ଭଲ ହେବ ।

ଭାରତର ସରକାରଙ୍କର ଦକ୍ଷିଣ ସମାଜର ସ୍ୱର୍ଣ୍ଣ ଜୟନ୍ତୀ କାର୍ଯ୍ୟର ସାହାଯ୍ୟ ନିମିତ୍ତ ଦଶହଜାର ଟଙ୍କା ଦ୍ୱାରକାନାଥ ସ୍ମୃତି ନାଥ ବାବୁ ପଦ୍ମମୋହନ ନାମ୍ନୀ ଏକଶହ ଟଙ୍କା ଦାନ କରିଅଛନ୍ତି ।

ଲଣ୍ଡନର ପ୍ରକାଶ୍ୟ ସ୍ତ୍ରୀମାନଙ୍କ ସମ୍ବନ୍ଧରେ ବିର୍ଦ୍ଧମାନ ବାସ୍ତୁକର-ରେ ସଲ୍ଲଅଛି । ପରସ୍ପରମାନେ ପାଲିଙ୍ଗମଣ୍ଡଳରେ ଏକତ୍ର ହୋଇଲେ ସେ ପ୍ରକାର ଗାଳି ତଳାଇବାକୁ ଚିନ୍ତା କରୁଅଛନ୍ତି ।

ଲଣ୍ଡନରେ ଏକଟି ଗତତ କଥାର ଶୀତ ଚଳାଇବା ଚୀନ ଏବଂ କୋଖାର ମହାବିଶେଷ ଅନୁମତ ଆଣିବାର ଚେଷ୍ଟା କରୁଅଛନ୍ତି । ମନ୍ତ୍ରୀମଣ୍ଡଳ ମହାରାଜାଙ୍କ ସମ୍ବନ୍ଧରେ କର୍ତ୍ତବ୍ୟତାରୁ ଉତ୍ତରଦାଶେଷରେ ଅପେକ୍ଷିତ ହେବ ।

କଲିକତାର ପ୍ରସ୍ତୁତ ହେବାରେ ସଂସ୍କୃତ ଶିକ୍ଷକଙ୍କର ଗୁଣରେ ପ୍ରଦର୍ଶନ ହୋଇ ରହିଅଛି । ଏହି ପାଠଶାଳାରେ ୫୦୦୦ ଟଙ୍କାର ହିସାବ ରକ୍ଷା ହୋଇଥିଲା । ସମ୍ବାଦରେ ପ୍ରକାଶିତ ଉପାସିକର ବର୍ଣ୍ଣ ଗତ ସୋମବାର ରାତ୍ରିରେ ବର ସେ ଟଙ୍କା ନେଇ ପଳାୟନ କରିଅଛି ।

ଜର୍ମାନଦେଶର ଏକସ୍ଥାନରେ ସମ୍ପତି ଗୋଟିଏ ପ୍ରତିଦ୍ୱନ୍ଦ୍ୱୀ ଅସ୍ୱାଭାବିକ କାର୍ଯ୍ୟ ଦେଖିବା ଯାଉଅଛି । ପକ୍ଷୀମାନେ ଜଙ୍ଗଲ ପିମ୍ପୁଡ଼ିରେ ଗୋଟିଏ ସେ ହୋଇ ଦେଶାନ୍ତରର ଅନୁରୂପ ପ୍ରତି ହୋଇଅଛନ୍ତି । ଯେତେବେଳେ ସେମାନେ ଉଡ଼ିବା ଉଚିତ ସେତେବେଳେ ମାଟିରେ ଏକପ୍ରକାର ବସିଲେ ଜମା ହୋଇ ଗଲେ ।

କେଶାବୃକ୍ଷରେ ଗୋଟିଏ ବାଘର ବାଛୁରୀ ହୋଇ ଅନେକ ଲୋକଙ୍କ ଚିତ୍ତ ଆକର୍ଷଣ କରୁଅଛି । ସେ ଯେଉଁଠା-କୁ ଯାଉଅଛି ସେଠାରୁ ପଲପଲ ଲୋକ ଯାଉଅଛନ୍ତି । ଯେ ଯାହା ଖାଇବାକୁ ମାଗୁଅଛି ତାହାକୁ ସେ ତାହା ଆଣିକରି ଦେଉଅଛି । ଲୋକେ କହୁଅଛନ୍ତି ସେ କୌଣସି ଉପ-ଦେବତା ଦେହରେ ଏହା ସବୁ କରୁଅଛି । ଏ ସବୁ ଅସ୍ୱାଭାବିକ ବ୍ୟାପାର ଶୁଣି ପ୍ରେତତତ୍ତ୍ୱବାଦୀମାନେ ଜୟ କରନ୍ତୁ ! ଅଛି କାହିଁ ସେମାନଙ୍କ ମଧ୍ୟରେ ଅନେକ ଅନ୍ଦୋଳନ ହେଉଅଛି । ଯେବେ ଗୋଟିଏ ବୈଜ୍ଞାନିକ ଦେଖାଇଲେ ସତ୍ୟ ବୋଲି ପ୍ରମାଣ କରିଯାଏ ତେବେ ପ୍ରେମ କି ପଣ ପ୍ରେତତତ୍ତ୍ୱ-ବାଦର ଆଉ ନାହିଁ । ବୃଦ୍ଧମାନ ସେ କେବଳ ଦେଖ ଅଦୃଷ୍ଟ ମନୁଷ୍ୟମାନଙ୍କୁ ଅଲ୍ପସଂଖ୍ୟକରେ ତାହା ବୋଲି ଯାଇ ନ ପାରେ ।

ମୁସଲମାନମାନଙ୍କର ତୀର୍ଥସ୍ଥାନ ମକ୍କା ଏବଂ ମଦିନାରେ ଏଥର ମହାମାରୀ ଉପସ୍ଥିତ ହୋଇଅଛି । ପ୍ରତିବର୍ଷ ହଜାର ଯାତ୍ରୀ ସେଠାକୁ ଯାଆନ୍ତି; କିନ୍ତୁ ସେମାନଙ୍କର ରହିବା ଥାନ ଭଲସ୍ଥାନ ନାହିଁ ଖାଦ୍ୟ ଅଛି ଯାହାରେ ମନୁଷ୍ୟ ଭଲ ଥାଇ-ପାରନ୍ତି ନାହିଁ । ଲୋକଙ୍କର ଗହଳରେ, ଖାଦ୍ୟ ଦୁର୍ଭିକ୍ଷରେ, ଅସ୍ୱାସ୍ଥ୍ୟ ତୃଷ୍ଣାର ଅଭାବରେ ସମସ୍ତେ ରୋଗାକ୍ରାନ୍ତ ହେଉଅଛନ୍ତି ଓ ହୁଏ । ସମ୍ପ୍ରତି ଏହି ସବୁ କାରଣରୁ ପ୍ରତିଦିନ ଅନେକ ଲୋକ ମରିବାରୁ ଅଶାନ୍ତ ହୋଇଅଛି । ଏ ବିଷୟ ଅବଶ୍ୟ ଶୋଚନୀୟ ସନ୍ଦେହ ନାହିଁ । ଏହାର ପ୍ରତିକାର କରନ୍ତୁ—ତୁରନ୍ତ ଉପାୟ କିଛି ଉପାୟ ଗ୍ରହଣ କରାଯିବା ଦରକାର ଏହି ସମୟ ।

ଶ୍ରୀଯୁକ୍ତ ଉକିଲର ଦ୍ୱାରା ସମ୍ବାଦ ପଠାଇଲେ ଯେ ନେଚରର ଜଣେ ଚାଷୀ ଫସଲ କାଟୁଥିଲା ଏବଂ ହଠାତ୍ ମୃତ୍ୟୁ ହୋଇ ଅଛନ୍ତି ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ସମ୍ପାଦକ ମହାଶୟ !

କଟକ ସହରରେ କୌଣସି ନୂଆକଥା ନାହିଁ ବୋଲିଲେ ହୁଏ ସମ୍ପ୍ରତି ଗୋଟିଏ ନୂଆ ଘଟଣା ଘଟିଅଛି । ତାହା ଆପଣଙ୍କୁ ଜଣାଉଅଛି ଯଦି ଉଚିତ ବିବେଚନା କରନ୍ତି ଆପଣଙ୍କ ପତ୍ରି-କାର ଏକ ପାର୍ଶ୍ୱରେ ଟିକିଏ ସ୍ଥାନଦାନ କରି ବାଧିତ କରିବେ ।

ଅବଶ୍ୟ ଜଜ ସାହେବଙ୍କର ଉକିଲମାନେ ଅଛନ୍ତି ଉଦ୍ରସନ୍ତାନ-ଅଧିକାଂଶ ବି ଏ, ବି ଏଲ୍ ହାଇକୋର୍ଟର ଉକିଲ । ଶୁଣିଲୁଁ ଗୁଡ଼ଫ୍ରେ ଜଜ ସାହେବ ଏ ସ୍ଥାନକୁ ପ୍ରତ୍ୟାଗମନ କରିବାର ପୂର୍ବଦିନ ଏମାନେ ଦଳବଦ୍ଧ ହୋଇ ସାହେ-ବଙ୍କଠାରୁ ମେଲାଣି ନେବା କାରଣ ତାଙ୍କ କୋଠିକୁ ଯାଇଥିଲେ । ଜଜ ସାହେବଙ୍କ ସାର୍-ଜେଣ୍ଟ ଗୋଟି ଉକିଲ ବାବୁଙ୍କର ଗାଡ଼ି କାର୍-ଖାନାକୁ ଯାଇ ନ ପାରେ, ସଡ଼ସଡ଼ ଶବ୍ଦ ହେଲେ ସାହେବ ଅସନ୍ତୁଷ୍ଟ ହେବେ । ଏଣୁ ବାବୁମାନେ ସଡ଼କରେ ଗାଡ଼ି ଠିଆ କରି ସମସ୍ତେ ଏକତ୍ର ହୋଇ ଦରୱାନଙ୍କୁ ଗଲେ । ତପସ୍ୱୀ ସେମା-ନଙ୍କର ଆଗମନବାର୍ତ୍ତା ସାହେବଙ୍କଠାରେ ଜଣାଇଲା ଏବଂ ଆସି କହିଲା ଯେ ସାହେବଙ୍କର 'ଇନ୍‌ଫର୍ମ ଅଲ୍ ନେହିଁ' ଅର୍ଥାତ୍ ବାବୁମାନେ ନଇଁପିର ହୋଇ ବାହାର ଆସି-ଲେ ଶୁଣିଲୁଁ କେହି 'ଯାଆ ଉକୀଲମାନ ହୁଏ' ବୋଲି କହିଛି ସାହେବଙ୍କର ଚରଣ ଦର୍ଶନ କରି ପାରିଲୁ ଗଲେ । ସାବଜଜ ସା-ହେବଙ୍କ ସମ୍ବନ୍ଧରେ ଏହିପରି । ପୁଣି ଶୁଣିଲୁଁ ଗତ କାଲି ସେହି ଉକିଲମାନେ ନୂତନ ଜଜ ସାହେବଙ୍କ ସମ୍ମୁଖରେ ମୁଲାକାତ କରିବା କାରଣ ଏକ ଦଳବଦ୍ଧ ହୋଇ ତାଙ୍କ କୋଠି-ଠାକୁ ଯାଇଥିଲେ ମାତ୍ର ଲଗଡାଇଲର ଦରୱାନ ସେଠା ଫାଟକ ନିକଟରୁ ଫେରି ଆସିଲେ ! ହା ଅଦୃଷ୍ଟ ! କାଳର କି ମହିମା ! ବାବୁମାନେ ସେଭଳି ସାହେବମାନଙ୍କୁ ସମ୍ମାନ କରିବାକୁ ଗଲେ, ସେମାନେ ଟିକିଏ ମାତ୍ର ବାବୁମାନଙ୍କ ପ୍ରତି ବିବେଚନା କଲେ ନାହିଁ ! କୋଧହୁଏ ବାବୁମାନ-ଙ୍କର କର୍ତ୍ତବ୍ୟ ଜ୍ଞାନ, ଆସ୍ଥା ଓ ଶ୍ରଦ୍ଧା ଶୁଦ୍ଧ ନୂତନ ଜଜଙ୍କ ସେମାନେ ସମସ୍ତେ ସେହିପରି ଦଳ-ବଦ୍ଧ ହୋଇ ଥରେ ଥରେ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇ ମହାପ୍ରଭୁଙ୍କର ଦର୍ଶନ ଓ ଇଚ୍ଛା ମହାପ୍ରସାଦ ସେବନ କରନ୍ତୁ ଆଜ୍ଞା ? ନିର୍ମାଲ୍ୟ ସେବନରେ ଅଭିଷ୍ଟ ସିଦ୍ଧ ହେବାର ସମ୍ଭାବନା ନାହିଁ ।

ଆପଣଙ୍କର
ଅନୁଗତ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଚନ୍ଦ୍ରଶେଖର ସେଣ | ମୋକାମ | କଟକ | ୫ ୨ |
| " ଶିବଚରଣ ପାଣି | " | " | ୫ ୨ |
| " ହରମୋହନ ଦାସ | " | " | ୫ ୨ |
| " ବଦ୍ରେଶ୍ୱର ସେଣ | " | " | ୫ ୨ |

☞ ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳ ପତ୍ରିକା ତା ୨୧ ରଖ ମାହେ ଜାନୁଏରୀ ସନ ୧୮୮୨ ମସିହା ।

## ବିଜ୍ଞାପନ

ନାଟକାଭିନୟ ।

ମାହୁଦାସ ବଜାର ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ କୋଠା ନିକଟ ବାବୁ ହରିଧନ ଘୋଷଙ୍କ କୋଠାଠାରେ ଫେବୃଏରୀମାସ ତା ୪ ରଖ ଶନିବାର ରାତ୍ର ନଅ ଘଣ୍ଟା ସମୟରେ ଏ ନୂତନ ଓଡ଼ିଆ ନାଟକର ଅଭିନୟ ହେବ । ବିନା ଟିକଟରେ କେହି ଦେଖି ପାରିବେ ନାହିଁ ଟିକଟ କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଅଭିନୟ ଦିନ ଅଭିନୟ ସ୍ଥାନରେ ପ୍ରାପ୍ତବ୍ୟ । ଶୁଣାଦାତାମାନଙ୍କ ନିକଟକୁ ପୂର୍ବରୁ ଟିକଟ ପଠା ଯିବ ।

ପ୍ରଥମ ଶ୍ରେଣୀ ଟ ୧ ୲

ଦ୍ୱିତୀୟ ଶ୍ରେଣୀ ଟ ° ୫

କଟକ ୨୦।୧।୮୨ } ଶ୍ରୀ ଗୋପାଳଚନ୍ଦ୍ର ଦତ୍ତ, ସମ୍ପାଦକ

## ADVERTISEMENT.

Wanted an experienced Head Pundit for the Cuttack Hindu Girls, School on a salary Rs. 15 a month. He shall be on probation for sometime, and if during that period he can give satisfaction, he shall be confirmed. Candidates are requested to state their age. All applications to reach the undersigned before the 31st January.

CUTTACK 9—1—82. } Ramdas Chuckerburty, *Secretary Cuttack Hindu Girls School.*

## ବିଜ୍ଞାପନ ।

ବ୍ରାହ୍ମସମାଜର ଦ୍ୱିପଞ୍ଚାଶତ୍ ସାମ୍ବତ୍ସରିକ ଉତ୍ସବ ଉପଲକ୍ଷେ ଗଙ୍ଗାମଣ୍ଡପର ନିକଟରେ ଥିବା ଉପାସନାଗୃହରେ ଆସନ୍ତା ସୋମବାର ଦିନ ପ୍ରାତଃକାଳ ଏବଂ ସନ୍ଧ୍ୟାସମୟରେ ବ୍ରହ୍ମୋପାସନା ହେବ ।

କଟକ ଶୁକ୍ରବାର ୨୦।୧।୮୨ } ଶ୍ରୀ ମଧୁସୂଦନ ରାଓ, ଉତ୍କଳ ବ୍ରାହ୍ମସମାଜର ସମ୍ପାଦକ

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍ତମ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକାଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା,—

ଡାକମାସୁଲ ସହିତ ୪ ଅଉନ୍ସର ଟ ୭ଙ୍କା । ୮ ଅଉନ୍ସର ଟ ୧୧ ଙ୍କା । ୧୬ ଅଉନ୍ସର ଟ ୨୦୷ ମୂଲ୍ୟ ନଗଦ ।

## ବିଜ୍ଞାପନ ।

ପ୍ରସ୍ତାବିତ କୃଷିଶିକ୍ଷାସମ୍ବନ୍ଧୀୟ ପ୍ରଥମ ପୁସ୍ତକର ଯେଉଁ ୨ ଅଧ୍ୟାୟରେ ଯେଉଁ ୨ ବିଷୟ ଲେଖିବାକୁ ହେବ ତାହା ତଳେ ପ୍ରକାଶ କରାଗଲା । ଯଥା,

### ପ୍ରଥମ ଅଧ୍ୟାୟ ।

ଏହି ଅଧ୍ୟାୟରେ ଚାଷର ବ୍ୟବହାର ଓ ତହିଁର ଫଳଦାୟକତା ସମ୍ବନ୍ଧରେ ଓ ଏଦେଶର ବ୍ୟବହାରନିମିତ୍ତ ଯାହା ନିତାନ୍ତ ପ୍ରୟୋଜନ ତହିଁ ଅପେକ୍ଷା ଆଉ ୨ ଫସଲ ଉତ୍ପନ୍ନ କରିବାର ବାଞ୍ଛନୀୟତା ସମ୍ବନ୍ଧରେ ସଂକ୍ଷେପ ବିବରଣ ଲେଖିବାକୁ ହେବ, କାରଣ ଅଳ୍ପ କାଳ ସମୟରେ ବାଟଘାଟ ସୁବିଧା ଦୃଷ୍ଟିରେ ପ୍ରାୟ ପ୍ରତ୍ୟେକ ଗ୍ରାମ ରପ୍ତାନୀର ପ୍ରଧାନ ୨ କେନ୍ଦ୍ର ମଧ୍ୟରେ ବିକ୍ରୟଯୋଗ୍ୟ ସ୍ଥାନର ଅନ୍ତର୍ଗତ ପଡ଼ୁଥିବାରୁ ସେହି ୨ ଫସଲମାନଙ୍କ ଦ୍ୱାରା ଉଚିତ ଲାଭ ପ୍ରାପ୍ତିର ନିତାନ୍ତ ସମ୍ଭାବନା ।

ଏହି ଅଧ୍ୟାୟଟି ଭୂମିକାସ୍ୱରୂପେ ଲେଖା ଯାଇ ତାହା ଦୁଇ ପୃଷ୍ଠାରୁ ଅଧିକ ହେବ ନାହିଁ ।

### ଦ୍ୱିତୀୟ ଅଧ୍ୟାୟ ।

ଚାଷର ଉପକରଣ ।

ସଚରାଚର ଚାଷର ଯେଉଁ ଅସ୍ତ୍ରଶସ୍ତ୍ର ବ୍ୟବହାର ହେଉଥାଏ ତାହା ଯେପରି ଉତ୍କୃଷ୍ଟ ହୋଇ ପାରେ ତାହା ସବୁ ଏହି ଅଧ୍ୟାୟରେ ଲେଖିବାକୁ ହେବ ବାଷ୍ପୀୟ ହଳ ଓ ସେହିପରି ଅନ୍ୟାନ୍ୟ ଚାଷ ସମ୍ପର୍କୀୟ ବିଦେଶୀୟ ଅସ୍ତ୍ରଶସ୍ତ୍ର ଯାହା ପାଠକେ ବୁଝି ପାରିବେ ନାହିଁ ସେହି ସବୁ ବିଷୟରେ ପଦେଶୁଦ୍ଧା ଲେଖିବାର ପ୍ରୟୋଜନ ନାହିଁ । କିନ୍ତୁ ଯେଉଁ ୨ ଅସ୍ତ୍ର ସବୁ ଏହି ପ୍ରଦେଶରେ ବ୍ୟବହୃତ ହେଉଅଛି ତାହା ସବୁ ନିକଟବର୍ତ୍ତୀ ଅନ୍ୟାନ୍ୟ ଜିଲ୍ଲାର ବ୍ୟବହୃତ ଅସ୍ତ୍ରର ସଙ୍ଗେ ତୁଳନା କରି ପ୍ରତ୍ୟେକର ଉତ୍କୃଷ୍ଟତା ଦେଖାଇବାକୁ ହେବ ।

### ତୃତୀୟ ଅଧ୍ୟାୟ ।

ଏହି ଅଧ୍ୟାୟରେ ମୃତ୍ତିକାର ପ୍ରକୃତି ଓ ଶ୍ରେଣୀବନ୍ଧନ ଓ ପ୍ରସ୍ତୁତ ଓ ତହିଁର ଉନ୍ନତିସାଧନ ଏବଂ ଉପରିସ୍ଥ ମୃତ୍ତିକା ଓ ତଳର ଜୀବନ ଉପରେ ନିମ୍ନସ୍ଥ ମୃତ୍ତିକାର ଯେଉଁ ବଳ ଏହି ୨ ସମ୍ବନ୍ଧରେ ସଂକ୍ଷେପ ବିବରଣ ଲେଖିବାକୁ ହେବ ଏବଂ ଚାଷ ଜମିର ପ୍ରକୃତ ବିଭାଗ ଓ ମୃତ୍ତିକା ଓ ସ୍ଥାନ ଓ ଜଳସେଚନ ଓ ଭୂମିକୁ ଚଉରସ କରିବା

Digitized by srujanika@gmail.com

Split by PDF Splitter



ଓ ହୁଡ ବାନ୍ଧିବା ଓ ପାଣିନିଗିଡଘିବା ଦୃଷ୍ଟିରେ ଯେଉଁ ୨ ଫସଲ ଉପଯୋଗୀ ହୋଇ ପାରେ ତାହା ଲେଖିବାକୁ ହେବ, ମଧ୍ୟ ନାଳକଳ କିମ୍ବା ଅନ୍ୟ ପ୍ରକାରେ ମଡାଇବା ଜଳ ସାହାଯ୍ୟରେ ଫସଲ ସବୁ କିପରି ଶୀଘ୍ର ବୁଣା ଯାଇ ପାରିବ କି ଯେପରି ଘୋର ବୃଷ୍ଟି ସମୟରେ ଛଳ ଗଛ ସବୁ ବିନଷ୍ଟ ହୋଇ ନ ପାରିବ ଏହା ସବୁ ଦେଖାଇବାକୁ ହେବ । ପୁନଶ୍ଚ ବିହନ ବୁଣିବାର ଓ ଛନ ରୁଆଇବାର ଏହି ଦୁଇଙ୍କର ଗୁଣ ତୁଳନା କରିବାକୁ ହେବ ।

---

## ଚତୁର୍ଥ ଅଧ୍ୟାୟ ।

### ନାନାବିଧ ସାର ଓ ତହିଁର ପ୍ରକୃତି ଓ ଗୁଣ ଏବଂ ପ୍ରୟୋଗର କଥା ।

ଜାନ୍ତବସାର, ଅର୍ଥାତ୍ ଜନ୍ତୁମାନଙ୍କ ମଳ ମାଂସ ଓ ମତ୍ସ୍ୟ ଓ ଚରବି, କେଶ, ଶୃଙ୍ଗ, ପକ୍ଷ, ହାଡଗୁଣ୍ଡିପ୍ରଭୃତି ।

ଉଦ୍ଭିଦସାର ଅର୍ଥାତ୍ ହଳ ହୋଇ ଶୁଖି ସଡ ଯାଇଥିବା ଶାକଶବଜ ଓ ଘାସପ୍ରଭୃତି ଓ କଳକାତ ଦଳପ୍ରଭୃତି, ପିଡିଆ, ପତ୍ର ଓ ଶସ୍ୟର ମୂଳପ୍ରଭୃତି ।

ମିଶ୍ରିତସାର, ଅର୍ଥାତ୍ ଗଡଆ ବା ନଦୀର ପଙ୍କ, ସାମୁଦ୍ରିକ ପଙ୍କପ୍ରଭୃତି ।

ଉପରୋକ୍ତ ସାର ଛଡା ଖଡି ଓ ଚୂନ ଓ ପଥର ଓ କାଦୁଅ ଓ ପଟୁ ଏହା ସବୁ ସାର ମଧ୍ୟରେ ଯୋଗ କରିବାକୁ ହେବ ଏବଂ କେଉଁ ସମୟରେ ଓ କେଉଁ ନିୟମରେ ଓ କେଉଁ ପରିମାଣରେ ଓ କିପରି ସାର ପ୍ରସ୍ତୁତ କରି ପ୍ରୟୋଗ କରିବାକୁ ହେବ ତାହାସବୁ ଲେଖିବାକୁ ହେବ ।

ଉପରୋକ୍ତ ସାର ବିଷୟ ସକଳ ଉପଲକ୍ଷରେ ସାଧାରଣ ବିବରଣ ଲେଖିନ ଉତ୍ତାରେ ବର୍ତ୍ତମାନରେ ଯେଉଁ ସାରର ବ୍ୟବହାର ହେଉଅଛି ତହିଁର ବିବରଣ ଓ ତାହା କିପରି ଆହୁରି ଉତ୍ତମରୂପେ ସଞ୍ଚୟ ହୋଇ ବ୍ୟବହୃତ ହୋଇପାରିବ ତାହା ଲେଖିବାକୁ ହେବ । ମଧ୍ୟ ଆଉ କେଉଁ ୨ ପଦାର୍ଥ ସବୁ ସ୍ଥାନବିଶେଷରେ ମିଳ ସାରସ୍ୱରୂପେ ବ୍ୟବହୃତ ହୋଇ ପାରିବ ତାହା ସବୁ ବ୍ୟବହାର କରିବାର ନିୟମ ଏହି ୨ ବିଷୟରେ ବିସ୍ତୃତ ଉଲ୍ଲେଖ କରିବାକୁ ହେବ ।

---

## ପଞ୍ଚମ ଅଧ୍ୟାୟ ।

### ଫସଲର କୃଷି ।

ଦେଶର ଭିନ୍ନ ୨ ଅଞ୍ଚଳରେ ଯେଉଁ ଶସ୍ୟ ସବୁ ଉତ୍ପନ୍ନ ହୁଅଇ ପ୍ରତ୍ୟେକ ଫସଲ ପକ୍ଷରେ କେଉଁ ୨ ମୃତ୍ତିକା ଉତ୍ତମରୂପେ ଉପଯୋଗୀ ଅଟଇ ଓ କାହିଁକି ।

କେଉଁ ୨ ଫସଲ କି ବର୍ତ୍ତମାନ ଯେଉଁ ୨ ଫସଲର କୃଷି ହେଉ ନାହିଁ ସେହି ୨ ଫସଲର କୃଷି ଉତ୍ତମରୂପେ କେଉଁ ୨ ଠାରେ ହୋଇ ପାରେ । ବର୍ତ୍ତମାନ ପ୍ରଚଳିତ କୃଷିର ପ୍ରଣାଳୀ ଓ ତହିଁର କି କି ଉନ୍ନତିର ଆବଶ୍ୟକ ଓ କୃଷକମାନଙ୍କର ଥିବା ସଙ୍ଗତି ଦୃଷ୍ଟିରେ ତାହା କି ପର୍ଯ୍ୟନ୍ତ ହୋଇ ପାରେ ।

ଧାନ୍ୟାଦି ଖାଦ୍ୟ ଫସଲ ।—ଧାନ, ଗହମ, ଯଅ, ଓଟନାମକ ଶସ୍ୟ ( ଅର୍ଥାତ୍ ଏକ ପ୍ରକାର ଇଂଲଣ୍ଡୀୟ ଯଅ ), ମକ୍କା ଓ ବାଜରା, ଭିନ୍ନ ୨ ପ୍ରକାର ଡାଲି ଫସଲପ୍ରଭୃତି । ଓଡିଶାର ପ୍ରଧାନ ଶସ୍ୟସ୍ୱରୂପେ ଧାନ୍ୟ ଫସଲର କୃଷି ଅର୍ଥାତ୍ ବିଆଳି, ଶାରଦ ଓ ଦାଳୁଅ ଏହି ତିନ ଫସଲର କୃଷିବିଷୟକ ସମ୍ପୂର୍ଣ୍ଣ ବିବରଣ ପୃଥକ୍ ୨ କରି ଲେଖିବାକୁ ହେବ ।

ପନଅଶ୍ରି ପ୍ରଭୃତି ଫସଲ ।—ବାଇଗଣ, କଦଳୀ, ଦେଶୀଆଳୁ, ପଟୋଳ, ସାରୁ, ଗୋଲଆଳୁ, ମୂଳା, ସାଲଗମ, ଗାଜର, ବନ୍ଧ, ହଳଦୀ, ପିଆଜ, ଲାଉ, କଖାରୁ, କାକୁଡି, ଫୁଟି, କୋଷା, ଅସ୍ୱବୁଟି, ଅଦା, ଅଖୁ, ଲଙ୍କାମରିଚ, ପାନ, ଧୂଆଁପତ୍ର ପ୍ରଭୃତି ।

ତୈଳଜ ଫସଲ ।—ସୋରିଷ, ରାଶି, ପେଶିଂ ଗବପ୍ରଭୃତି ଫସଲର କୃଷି ବିବରଣ ।

ଝୋଟ ଫସଲ ।—କପା, ନଳିତା, ଛଣପଟ, ଧନିଗୁପ୍ରଭୃତି ଫସଲର କୃଷି ବିବରଣ ।

ରଙ୍ଗ ସକାଶେ ଯେଉଁ ୨ ଫସଲ କରା ଯାଏ ।—ଅଳୁ, କୁସୁମ, ନୀଳପ୍ରଭୃତି ଫସଲର କୃଷି ବିବରଣ ।

ପଶୁମାନଙ୍କ ଖାଦ୍ୟ ଘାସପ୍ରଭୃତିର ଫସଲର କୃଷି ବିବରଣ ।

ଜାଳିବା କାଷ୍ଠାଦି ଫସଲର କୃଷି ବିବରଣ ।

ଫଳ ବୃକ୍ଷାଦିର କୃଷି ।—ନଡିଆ, ଅମ୍ବ, ପଣସପ୍ରଭୃତି ।

ସୁବିଧା ପାଇଁ ଦେଖିବା ସକାଶେ ଏଠାରେ ଗୋଟିଏ ନକ୍ସା ଦେବାକୁ ହେବ ଯେ ତହିଁରେ ପ୍ରତ୍ୟେକ ଫସଲର ବୁଣିବା ଓ କାଟିବାର ସମୟ ସଂକ୍ଷେପରେ ଦେଖାଇବାକୁ ହେବ ।

---

## ଷଷ୍ଠ ଅଧ୍ୟାୟ ।

ବିହନକୁ ମଜୋଗାର ଓ ରକ୍ଷାକରିବା ଓ ଶସ୍ୟ କ୍ଷେତରେ ଥିବା ସମୟରେ ଅଥବା ତାହା ଅମାରରେ ଥିବା ସମୟରେ ପୋକ ଲାଗିଲେ ସେହି ପୋକ କେଉଁ ଉତ୍ତମ ଉପାୟଦ୍ୱାରା ନଷ୍ଟ ହୋଇ ପାରିବ ଏହି ସବୁ ବିଷୟ ଏହି ଅଧ୍ୟାୟରେ ଲେଖିବାକୁ ହେବ ।

---

## ସପ୍ତମ ଅଧ୍ୟାୟ ।

ଫସଲମାନଙ୍କର ପରିବର୍ତ୍ତନ ।—ଭିନ୍ନ ୨ ଅଦ୍ଭୁତ ଓ ପୋଷକ ଶକ୍ତିବିଶିଷ୍ଟ ବୃକ୍ଷସବୁ କିପରି ଓ କେତେ ୨ ଅଂଶରେ ମୃତ୍ତିକାର ଶକ୍ତି ହ୍ରାସ କରନ୍ତି ଓ ଏକ ଶସ୍ୟ ପରେ ଅନ୍ୟ ଶସ୍ୟ ବପନଦ୍ୱାରା କେଉଁ ଉତ୍ତମ ଉପାୟରେ ସେହି ମୃତ୍ତିକାର ଶକ୍ତି ହ୍ରାସ ନିବାରଣ ହୋଇ ପାରିବ ଏହି ୨ ବିଷୟ ସବୁ ଏହି ଅଧ୍ୟାୟରେ ଲେଖିବାକୁ ହେବ ।

---

## ଅଷ୍ଟମ ଅଧ୍ୟାୟ ।

କୃଷିକାର୍ଯ୍ୟର ଉପଯୋଗୀ ପଶୁ ।—ଅର୍ଥାତ୍ ବଳଦ ଓ ମଇଁଷି ଏହିମାନଙ୍କର ଭିନ୍ନ ୨ ଜାତି ଓ ସେମାନଙ୍କର ଉତ୍ତମ ଗୁଣ ଓ ଦୋଷାଦିର ଲକ୍ଷଣ ଓ ସେମାନଙ୍କର ଅପକୃଷ୍ଟତାର କାରଣ ଓ କେଉଁ ଉତ୍ତମ ଉପାୟଦ୍ୱାରା ସେମାନଙ୍କ ବଂଶର ଉନ୍ନତି ହୋଇ ପାରିବ ଓ ସେମାନଙ୍କୁ ଉତ୍ତମ ଆହାର ଦିଆ ଯାଇ ପାରିବ ଏବଂ ଉତ୍ତମସ୍ଥାନରେ ରଖାଯାଇ ପାରିବ ଏହି ୨ ବିଷୟ ସବୁ ଏହି ଅଧ୍ୟାୟରେ ଲେଖିବାକୁ ହେବ ।

ରୋଗ ସମୟରେ ହିଫାଜତ ଓ ଚିକିତ୍ସାର ନିୟମ ।—ଫାଟୁଆ ରୋଗର ଚିକିତ୍ସାସମ୍ବନ୍ଧରେ ଷ୍ଟୁଲିଙ୍ଗ ସାହେବଙ୍କ ନିୟମ ଓ ପଶୁମାନଙ୍କ ମଧ୍ୟରେ ଉଁ ଅରୋଗ ଉପସ୍ଥିତ ହେଲେ ସେମାନଙ୍କୁ ପୃଥକ୍ ୨ କରି ରଖିବାର ଉପକାରିତା ପର ଦୃଷ୍ଟି ରଖି ବିଶେଷରୂପେ ଉଲ୍ଲେଖ କରି ଲେଖିବାକୁ ହେବ ।

---

[illegible]ମୁଦ୍ର ପତ୍ର ଦେଖ ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୧୭ ଶ
ସ ୪ ର୍ଥ

ତା ୨୮ ଫେବ୍ରୁଆରି ସନ ୧୮୮୨ ମସିହା । ମୁ । ମାଘ ବ ୧୭ ଶ ସନ ୧୨୮୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬॥
ମଫସଲପାଇଁ ଡାକମାସୁଲ ଟ ୧୵


ଏବର୍ଷ ପ୍ରୟାଗର କୁମ୍ଭମେଳାରେ ପ୍ରାୟ ଦଶ-ଲକ୍ଷ ଯାତ୍ରୀ ହୋଇଅଛନ୍ତି । ଭିଡ଼ର ସୀମା ନାହିଁ ଏବଂ ନଦୀକୂଳରେ ଏକ ନଗର ବସିଅଛି ମେଳାର ନାନାଜିନ୍ଧ୍ୱା ମଧ୍ୟରେ ବୈରାଗିଙ୍କର ସମାଗମ ବଡ଼ ସୁନ୍ଦର ହୋଇଥିଲା । ଗତ ମାଘ ତା ୧୯ ରିଖରେ ବୈରାଗିମାନେ ହାତୀ ଘୋଡ଼ା ପତାକା ଇତ୍ୟାଦି ନେଇ ସ୍ନାନ କରିବାକୁ ବାହାରିଲେ ପ୍ରଥମେ ନାଗା ତହିଁ ପଛେ ବୈଷ୍ଣବ ତହିଁ ପଛେ ଉଦାସୀ ଏବଂ ତହିଁଉତ୍ତାରୁ ନିର୍ମଳମାନେ ଥିଲେ ନାଗାଙ୍କ ଦଳ ପ୍ରାୟ ଏକ ସହସ୍ର ହେବ ଏବଂ ତାହାଙ୍କ ମଧ୍ୟରେ ଏକଶତ ଲୋକ ଖଣ୍ଡିଏ କୌପୀନ ସୁଦ୍ଧା ପିନ୍ଧି ନ ଥିଲେ । ଆଉ ଏକଦଳ ନଙ୍ଗୂଳ ବାବାଜିଙ୍କ ସଂଖ୍ୟା ଉ ୫୦ ଣ ହୋଇଥିଲା ।

---

ଗତମାସ ତା ୧୭ ରିଖରେ ନର୍ଥ ଇଣ୍ଡିୟା ରେଲ ବାଟରେ ସିକୋ ଆବାଦଠାରେ ଗୋଟିଏ ଭୟଙ୍କର ଦୁର୍ଘଟଣା ହୋଇ ଯାଇଅଛି । ପଶ୍ଚିମକୁ ଯିବା ମେଲଟ୍ରେନ ସଙ୍ଗେ ପୂର୍ବକୁ ଆସୁଥିବା ମେଲଟ୍ରେନର ଧକ୍କା ଲାଗିବାରେ ଏ ଦୁର୍ଘଟଣା ହୋଇ ଥିଲା । ଖ ୧୨ ଣ ଗାଡ଼ି ବଶେଷ ଆଘାତ ପାଇ ଅଛି ଏବଂ ଭଙ୍ଗା ଗାଡ଼ି ଇତ୍ୟାଦିରେ ବାଟ ବନ୍ଦ ହୋଇ ଯାଇ ଥିବାରୁ ସତ୍ତରରେ ଆଉ ଗୋଟିଏ ବାଟ ତିଆରି ତହିଁରେ କାର୍ଯ୍ୟ ଚଳୁ ଅଛି । ଜ ୧୨ ଣ ଦେଶୀୟଲୋକ ମୃତ୍ୟୁପାଇବାର ଏବଂ ଜ ୧୯ ଣ ଆଘାତ ପାଇ-ବାର ଜଣା ଯାଇ ଅଛି । ମୃତ ଏବଂ ଆହତ ବ୍ୟକ୍ତିଙ୍କ ସଂଖ୍ୟା ଏଥିରୁ ବହୁତ ଅଧିକ ଥିବାର ଅନୁମିତ ହୁଅଇ କାରଣ ଖ ୧୨ ଣ ଗାଡ଼ିରେ ଅନ୍ୟୂନ ଜ ୩୦୦ ଣ ଆରୋହୀ ଥିବେ ।

---

ବ୍ରହ୍ମଦେଶର ରାଜା ଥିବଙ୍କର ମୃତ୍ୟୁ ସମ୍ବାଦ ମିଥ୍ୟା ହେଲା ଏବଂ ତାହାଙ୍କର ପୀଡ଼ା ମଧ୍ୟ ଯେମନ୍ତ ସାଂଘାତିକ ଅନୁମାନ ହୋଇ ଥିଲା ସେ ପ୍ରକାର ନ ଥିଲା । ବର୍ତ୍ତମାନ ସେ ଆରୋଗ୍ୟ ଲାଭ କରି ବାଣ୍ଡକୁ ବାହାରି ଆପଣା ସେନା ଦର୍ଶନ କରି ବୁଲୁ ଅଛନ୍ତି । ସେ ଆପଣା ରାଜ୍ୟର ଅନେକ ବାଣିଜ୍ୟ ଦ୍ରବ୍ୟ ଏକ ହାତିୟା କରି ନେବାରେ ବର୍ତ୍ତମାନ ପ୍ରବୃତ୍ତ ଅଛନ୍ତି ଏବଂ ଏଥିରେ ଇଂରାଜ ଅଧିକୃତ ବ୍ରହ୍ମ ରାଜ୍ୟର ବଣିକଙ୍କର ବଶେଷ ଅସୁବିଧା ହେଉଥିବାରୁ ସେ ବିଷୟରେ ଗବର୍ଣ୍ଣମେଣ୍ଟ ଇଣ୍ଡିୟା ତାହାଙ୍କ ନିକଟକୁ ଏକ ପ୍ରତିବାଦ ପତ୍ର ପଠାଇ ଅଛନ୍ତି । ଏଥିର ଉତ୍ତର ଆସିବାର ସମୟ ହୋଇ ନାହିଁ । ରାଜା ସଦୁତ୍ତର ଦେଇ ନ ପାରିଲେ ଏବଂ ସନ୍ଧିର ନିୟମ ଲଙ୍ଘନ କରି ଥିଲେ ଗଣ୍ଡଗୋଳ ଲାଗିବାର ସମ୍ଭାବନା ।

---

✓ଓଡ଼ିଶାର ନିମ୍ନଲିଖିତ ଛାତ୍ରମାନେ ଯୁକ୍ତଅର୍ଥାତ୍ ନିମ୍ନଶ୍ରେଣୀର ଛାତ୍ରବୃତ୍ତି ପାଇ ଅଛନ୍ତି ଯଥା;

୨ ୟ ଶ୍ରେଣୀ ।

| | |
|---|---|
| ମୃତ୍ୟୁଞ୍ଜୟର ରାୟ ଚୌଧୁରୀ | ପୁରୀଜିଲା ସ୍କୁଲ |
| ଯଦୁନାଥ ମିଶ୍ର | ବାଲେଶ୍ୱର ସ୍କୁଲ |
| ଭଗବାନ ମହାପାତ୍ର | କଟକ ଏକାଡେମି |
| ହରଚାନ୍ଦ ଘୋଷ | ରେଭେନ୍ସା କଲେଜ |

୩ ୟ ଶ୍ରେଣୀ ।

| | |
|---|---|
| କୃଷ୍ଣଚନ୍ଦ୍ର ମିଶ୍ର | ପୁରୀଜିଲା ସ୍କୁଲ |
| ଭଗବତ୍ପ୍ରସାଦ ମହାପାତ୍ର | ବାଲେଶ୍ୱର ,, |
| ପୂର୍ଣ୍ଣଚନ୍ଦ୍ର ମୁଖୋପାଧ୍ୟାୟ | ରେଭେନ୍ସା କଲେଜ କଟକ |
| ଗୋପାଳଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ | ପୁରୀଜିଲା ସ୍କୁଲ |
| ଶରତ୍‌ଚନ୍ଦ୍ର ମୁଖୋପାଧ୍ୟାୟ | ରେଭେନ୍ସା କଲେଜ କଟକ |
| ହେରମ୍ବନାରାୟଣ ରାୟ | ଲକ୍ଷଣନାଥ ସ୍କୁଲ |

ଏଥିରୁ ଜଣାଯାଏ ଯେ ପୁରୀସ୍କୁଲ ଏଥର ଓଡ଼ିଶାରେ ସର୍ବୋଚ୍ଚସ୍ଥାନ ପାଇଅଛି ଏହା ବଡ଼ ପ୍ରଶଂସାର ବିଷୟ ଅଟଇ କିନ୍ତୁ କଟକ କଲେଜିଏଟସ୍କୁଲ ଏକାବେଳେକେ ରସାତଳରେ ପଡ଼ିଯିବା ବଡ଼ ଦୁଃଖ ଓ ଆଶ୍ଚର୍ଯ୍ୟର ବିଷୟ ଅଟଇ ଓଡ଼ିଶାର ସର୍ବପ୍ରଧାନ ବିଦ୍ୟାଳୟର ଏପରି ଶୋଚନୀୟ ଅବସ୍ଥା କି ହେତୁରୁ ଘଟିଲା ତହିଁର ବିଶେଷ ଅନୁସନ୍ଧାନ ଆବଶ୍ୟକ ହୋଇଅଛି ।

---

ନେପାଳର ଗୁରଖା ସେନାର କମାଣ୍ଡିଂଜେନେରଲ ଶ୍ରୀଯୁକ୍ତ ଜେନେରଲ ଜଗତଜଙ୍ଗ ବାହାଦୁର ରଣାବାହାଦୁର ପ୍ରାୟ ଜ ୨୦୦ ଣ ଲୋକ ସମଭିବ୍ୟାହାରରେ ସରକାରୀରେଲ୍ଲ ନାମକ ଜାହାଜ ଦ୍ୱାରାହିଁ ଗଙ୍ଗାସାଗର ତୀର୍ଥ ହୁଗ୍ଳିକୁ

Digitized by srujanika@gmail.com

ଚଳିତମାସ ତା ୧୩ ରିଖରେ ପୁରୁଷୋତ୍ତମକୁ ଆସିଥିଲେ ଏବଂ ତା ୧୭ ରିଖରେ ପ୍ରତ୍ୟାଗମନ କଲେ । ନେପାଳର ରାଜଧାନୀ ଖାଟମାଣ୍ଡୁରୁ କୌଣସି ଅଶୁଭବାର୍ତ୍ତା ଆସିଥିବାରୁ ତାହାଙ୍କର ତୀର୍ଥଯାତ୍ରା ଭଙ୍ଗ ହେଲା । ଅଶୁଭବାର୍ତ୍ତା ଏହିକି ପ୍ରଧାନ ସୈନ୍ୟାଧ୍ୟକ୍ଷ ଏବଂ ରାଣା ବଂଶର ଅନ୍ୟାନ୍ୟ ଲୋକ ବିରୁଦ୍ଧରେ ଏକ ଷଡ଼ଯନ୍ତ୍ର ହୋଇଥିଲା ମାତ୍ର ବିଦ୍ରୋହିଙ୍କ ମଧ୍ୟରୁ ଏକ ବ୍ୟକ୍ତି ସମ୍ବାଦ ଦେବାରେ ଜ ୨୧ ଣ ବିଦ୍ରୋହୀ ଧରାପଡିଲେ । ଏମାନେ ସୈନିକ ବିଭାଗରେ ଉଚ୍ଚପଦ ଭୋଗକରୁ ଥିଲେ । ସେମାନେ ସୈନ୍ୟାଧ୍ୟକ୍ଷ ସହିତ ଅପର ରାଜକର୍ମଚାରୀଙ୍କୁ ଏକାବେଳକେ ବଧକରିବାର ସଙ୍କଳ୍ପ କରିଥିଲେ । ଈଶ୍ୱରଙ୍କ ଇଚ୍ଛାରେ ସେ ଅନିଷ୍ଟ ନିବାରଣ ହେଲା ଏବଂ ବିଦ୍ରୋହିମାନଙ୍କ ଅପରାଧ ପ୍ରମାଣ ହେବାରୁ ଚଳିତମାସ ତା ୧୬ ରିଖରେ ସେମାନଙ୍କର ପ୍ରାଣଦଣ୍ଡ ହେଲା । ବର୍ତ୍ତମାନ ଆଉ କିଛି ଗୋଳ ନାହିଁ । ତେବେ ସମସ୍ତଙ୍କୁ ଶାସନରେ ରଖିବା ନିମିତ୍ତ କଠିନ ନିୟମମାନ ଅବଲମ୍ବିତ ହୋଇଅଛି ଏବଂ ପ୍ରାଣରକ୍ଷା ନିମିତ୍ତ ପୁରୋହିତ ଏବଂ ଦରିଦ୍ରଙ୍କୁ ବହୁତ ଧନ ଦାନ ହୋଇଅଛି ।

---

ଦେଶୀୟ ମୁଦ୍ରାଯନ୍ତ୍ର ଆଇନର ସମାଧି ।

ସନ ୧୮୭୮ ସାଲରେ ଦେଶୀୟ ମୁଦ୍ରାଯନ୍ତ୍ର ସମ୍ପର୍କୀୟ ୯ ଆଇନ ରୂପରେ ଯେଉଁ ରାକ୍ଷସଟି ଭାରତବର୍ଷରେ ଜନ୍ମଗ୍ରହଣ କରିଥିଲା ଏବଂ ଯାହାର ଉଗ୍ର ମୂର୍ତ୍ତି ଦେଖି ଭାରତବାସିମାନେ ସ୍ୱଦେଶକୁ କଲିତ ପର୍ଯ୍ୟନ୍ତ ଶାହି ଡାକ ଛାଡୁଥିଲେ ଗତ ସପ୍ତାହ ବୃହସ୍ପତିବାର ତାହାର ବିନାଶ ପ୍ରାପ୍ତି ହେଲା । ଏ ରାକ୍ଷସର ଜନ୍ମ ମୃତ୍ୟୁ ବିପର୍ଯ୍ୟୟ ବ୍ୟାପାର ଅଟଇ । ଏହାର ଜନ୍ମ ପୂର୍ବକୁ କେହି ଜାଣି ନ ଥିଲେ ଯେ ଏପରି ରାକ୍ଷସ ଅକସ୍ମାତ ଅବତୀର୍ଣ୍ଣ ହୋଇ ସାଧାରଣ ମଙ୍ଗଳ ପ୍ରତି କଣ୍ଟକ ଏବଂ ଭାରତବର୍ଷର ଶାସନ ପ୍ରଣାଳୀର କଳଙ୍କ ହେବ । ଏକା ରାତ୍ରରେ ଏହାର ମୂର୍ତ୍ତି ଓ ଜନ୍ମ ହେଲା ଏବଂ ଜନ୍ମ ମାତ୍ରକେ ମୁଖବ୍ୟାଦାନ କରି ଦୁଇ ଏକ ପ୍ରଧାନ ସମ୍ବାଦପତ୍ରଙ୍କୁ ଗିଳି ପକାଇଲା ଏବଂ ଆଉ କେତେ ପତ୍ରିକାର ଅଧିକାରୀଙ୍କୁ କବଳିତ କରିବ ବୋଲି ମୁଖ ବ୍ୟାଦାନ କଲା । ଏହାର ଏପରି ପ୍ରଚଣ୍ଡ ମୂର୍ତ୍ତି ଦେଖି ଜନ୍ମଦାତା ଲର୍ଡଲିଟନ୍ ସାହେବ ସ୍ୱୟଂ ଭୀତ ହୋଇ ମହା ବିବ୍ରତରେ ପଡିଲେ । ଏପରି ଅସୁରକୁ ଶୀଘ୍ର ନାଶ ନ କଲେ ରକ୍ଷା ନାହିଁ ଏହି ଧୃତ କଲିତ ପର୍ଯ୍ୟନ୍ତ ଉତ୍ଥିତ ହେଲା କିନ୍ତୁ ଏପରି ଅସୁରକୁ ସଂହାର କରିବାକୁ ସମର୍ଥ କିଏ ? ଦେବ ଅଂଶରେ ଗଠିତ ବ୍ୟକ୍ତି ବିନା ସାମାନ୍ୟ ଲୋକର କାର୍ଯ୍ୟ ଏହା ନୁହଇ । ଭଗବାନ୍ ଦୟାବହି ମହାମାନ୍ୟ ଲର୍ଡରିପନଙ୍କୁ ଭାରତବର୍ଷର ପ୍ରତିନିଧି ପଦରେ ପଠାଇଲେ ଏବଂ ସେକ୍ରେଟେରି ଅବଷ୍ଟେଟ ଏ ଶୁଭଘର ଭାର ତାହାଙ୍କ ହସ୍ତରେ ଅର୍ପଣ କରିବାରେ ସେ ଏମନ୍ତ ଧର୍ମନ୍ୟାୟ ଏବଂ ବଦାନ୍ୟତା ସହିତ ଅସୁରକୁ ନାଶକଲେ ଯେ ତାହା ଦେଖି ଭାରତବାସିମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଏକତାନରେ ତାହାଙ୍କୁ ଧନ୍ୟବାଦ ପ୍ରଦାନକର ତାହାଙ୍କର ଯଶୋଗାନରେ ମତ୍ତ ଅଛନ୍ତି । ଲର୍ଡରିପନଙ୍କ କୌଶଳରେ ଏହାର ମୃତ୍ୟୁ ସିମଲାପର ନିର୍ଜନସ୍ଥାନରେ ନହୋଇ ଭାରତବର୍ଷର ରାଜଧାନୀରେ ହେଲା ଏବଂ ଏହା ଜନ୍ମପର କଠାତ୍ ମୃତ୍ୟୁ ହୋଇ ନାହିଁ । ଯେଉଁ ବ୍ୟବସ୍ଥାପକ ସଭାରେ ଏହାର ଜନ୍ମ ହୋଇଥିଲା ସେହିସଭାରେ ଏହାର ମୃତ୍ୟୁର ବ୍ୟବସ୍ଥା ଯଥା ନିୟମରେ ଦୀର୍ଘକାଳରେ ଏମନ୍ତ ଭାବରେ ହେଲା ଯେ ପୁନର୍ଜନ୍ମର ଲେଶମାତ୍ର ସମ୍ଭାବନା ରହିଲା ନାହିଁ । ମୃତ୍ୟୁକାଳରେ କେହିଜଣେ ଦୁଃଖ ନ କଲେ ନାହିଁ ବରଂ ସମସ୍ତେ ହର୍ଷ ପ୍ରକାଶ କଲେ ଏବଂ ମହାମାନ୍ୟ ଲର୍ଡରିପନ ଏ ଆଇନର ଜନ୍ମ ବୃତ୍ତାନ୍ତ ପ୍ରକୃତ କଥା ବିନ୍ଦୁମାତ୍ର ଉଲ୍ଲେଖ ନକରି ଅତି ସରଳରୂପେ ଏତିକି କହିଲେ ଯେ ତାହାଙ୍କ ପ୍ରତିନିଧିତ୍ୱ କାଳରେ ଏ ଆଇନଟି ଭାରତବର୍ଷର ବ୍ୟବସ୍ଥା ପଦ୍ଧତିରୁ ଅନ୍ତର ହୋଇଗଲା ଏକଥା ସେ ସର୍ବଦା ଅତ୍ୟନ୍ତ ଆନନ୍ଦ ସହିତ ସ୍ମରଣ କରୁଥିବେ ।

---

ଭୁବନେଶ୍ୱର ରାସ୍ତା ।

ଗ୍ରାମସ୍ଥାନରେ ସଡକ ବା ରାସ୍ତା ହେବ ଓ ଉଦ୍ଧାସ୍ତ ଲୋକମାନଙ୍କର ଗତାୟାତର ସୁବିଧା ହେବ ଏହି ଉଦ୍ଦେଶ୍ୟରେ ପଥକର ଦୁଃଖି ପ୍ରଜାଙ୍କଠାରୁ ସଂଗ୍ରହ ହେଉଅଛି ଓ ମଧ୍ୟ ଏ ଉଦ୍ଦେଶ୍ୟ ସାଧନ ନିମିତ୍ତ ଗବର୍ଣ୍ଣମେଣ୍ଟରୁ କେତେକେତ ଥର ଆଦେଶ ହୋଇ ଅଛି କିନ୍ତୁ କାର୍ଯ୍ୟରେ ତାଦୃଶ କିଛି ଦେଖା ଯାଉ ନାହିଁ ଯେଉଁ ବର୍ଷ ପଥକର ପ୍ରଥମେ ଗ୍ରହଣ ହେଲା ସେ ବର୍ଷ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ କଲେକ୍ଟର କର୍ମଚାରୀମାନଙ୍କୁ ଉପଦେଶ ଦେଇ ଥିଲେ କି ପ୍ରତ୍ୟେକ ଗ୍ରାମରେ ଗ୍ରାମ ରାସ୍ତାମାନ ସୁଧରିବାକୁ ହେବ । ଏ କାର୍ଯ୍ୟ ଜମିଦାର ବା ଗ୍ରାମର ପ୍ରଧାନ ବ୍ୟକ୍ତି ଦ୍ୱାରା ହେଲେ ଅଳ୍ପ ଖର୍ଚ୍ଚ ଲାଗିବ । ଏହା ହେଲେ ପ୍ରଜାମାନେ ପଥକର ଦେବାର ଫଳ ଭୋଗି ପାରନ୍ତେ । କିନ୍ତୁ ସାମାନ୍ୟ ଗ୍ରାମ୍ୟରାସ୍ତା ସୁଧରାଇବାର ଦୂରରେ ଥାଉ କେତେକ ପ୍ରଧାନ ରାସ୍ତାର ଅବସ୍ଥା ପୂର୍ବବତ୍ ମନ୍ଦ ରହି ଅଛି ଓ କେତେକ ପ୍ରଧାନ ସ୍ଥାନକୁ ଅଦ୍ୟାବି ସଡକ ବା ରାସ୍ତା ଏ ପର୍ଯ୍ୟନ୍ତ ହୋଇ ନାହିଁ । ଏଥିର ଗୋଟିଏ ଦୃଷ୍ଟାନ୍ତ ଅମ୍ଭେମାନେ ନିମ୍ନେ ଲେଖୁଅଛୁଁ ।

ଓଡିଶାରେ ଭୁବନେଶ୍ୱର ଗୋଟିଏ ପ୍ରଧାନ ସ୍ଥାନ ସେଠାକୁ ଅନେକ ଯାତ୍ରୀଙ୍କ ଗତାୟାତ ହୁଅଇ । ଯାତ୍ରୀ ଭିନ୍ନ ଅନ୍ୟ ଲୋକେ ମଧ୍ୟ ଭୁବନେଶ୍ୱରର ସୁନ୍ଦର ମନ୍ଦିରମାନ ଦେଖିବା ସକାଶେ ସେଠାକୁ ସର୍ବଦା ଯାନ୍ତି । କିନ୍ତୁ ଦଶ ବର୍ଷ ହେଲା ପଥକର ପ୍ରଚଳନ ହେବା ପ୍ରତ୍ୟକ୍ଷେ ଏପରି ପ୍ରଧାନ ସ୍ଥାନକୁ ଏ ପର୍ଯ୍ୟନ୍ତ ସଡ଼କ ବା ଭଲବାଟ ହେଲା ନାହିଁ । ବାଲିଅନ୍ତାଠାରୁ ସେଠାକୁ ଯିବାକୁ ହୁଅଇ ସଡକ ନ ଥିବାରୁ ଗାଡି ଯିବାର ବଡ଼ କଷ୍ଟ । ବାଲିଅନ୍ତାଠାରୁ ଦେଉଳକୁ ପଥରେ ସ୍ଥାନେ ଖାଲ ହିଡ ଥିବାରୁ ଗଡରେ ଯିବାର ଏକ ପ୍ରକାର ବ୍ୟାଘାତ ସାଧନ ଅଟଇ । ବାଲିଅନ୍ତାରୁ ଭୁବନେଶ୍ୱର କେବଳ ପାଞ୍ଚ ଛଅ ମାଇଲ ପଥ ଏତିକି ସଡକ ହେଲେ ବହୁତ ବ୍ୟୟ ନ ଲାଗିବ । ସଡକ ନ ହେଲେ ଖାଲ ହିଡକୁ ସମାନ କରି ଦେଲେ ମଧ୍ୟ ଅନେକ ସୁବିଧା ହେବ । ଅମ୍ଭେମାନେ ଶୁଣିଲୁଁ ଯେତେବେଳେ ଲାଟ ସାହେବଙ୍କର ସେଠାକୁ ଯିବାର କଥା ହୋଇ ଥିଲା ସେତେବେଳେ ଥରେ ସେବାଟ ଓଳାଇ ଦିଆ ଯାଇଥିଲା ମାତ୍ର ସେ ଦିନ ଅନ୍ତେ ତହିଁପ୍ରତି କାହାର ଦୃଷ୍ଟି ନ ପଡିବାରୁ ତହିଁର ଅବସ୍ଥା ଏପରି ମନ୍ଦ ହୋଇ ଅଛି । ଭୁବନେଶ୍ୱରରୁ ଖଣ୍ଡଗିରିକୁ ଗାଡି ଯିବାର ଉତ୍ତମ ପଥ ନାହିଁ ସ୍ଥାନେ ଖାଲ ହିଡ ଥିବାରୁ ଗାଡି ପ୍ରତି ବିଶେଷ ଅସୁବିଧା — ସେଠାକୁ ମଧ୍ୟ ସଡକ ବା ଚୌରାସ ପଥଟିଏ ଅତି ଆବଶ୍ୟକ । ପୁରୀର କଲେକ୍ଟର ଓ ରୋଡସେସ କମିଟିଙ୍କର ଏପରି ପ୍ରଧାନ ପଥପ୍ରତି ଦୃଷ୍ଟି ପଡୁ ନାହିଁ ବଡ ଆଶ୍ଚର୍ଯ୍ୟର ବିଷୟ ମଧ୍ୟ ଲଜ୍ଜାସ୍ପଦ ଅଟଇ । ଏପରି ସ୍ଥାନମାନଙ୍କୁ ସଡକ ନ ହେଲେ ଆଉ କେଉଁସ୍ଥାନକୁ ହେବ । ଅତଏବ ଅମ୍ଭେମାନେ ପୁରୀର କଲେକ୍ଟର ଓ କମିଟିଙ୍କୁ ବିଶେଷରୂପେ ଅନୁରୋଧ କରୁ ଅଛୁଁ ଯେ ବାଲିଅନ୍ତାଠାରୁ

Split by PDF Splitter
Digitized by srujanika@gmail.com

ଭୁବନେଶ୍ୱର ଓ ସେଠାରୁ ଖଣ୍ଡଗିରିକୁ ସଡକ ହୁଏ ସତ୍ୱର ପ୍ରସ୍ତୁତ କରାଇ ଦେଉନ୍ତୁ ।

---

## ଓଡିଶାର ରେଲ ।

ଗତଭ ମାସ ତା ୧୬ ରିଖରେ ବଙ୍ଗ ପ୍ରଦେଶର ବାଣିଜ୍ୟ ସଭାର ଷାଣ୍ମାସିକ ଅଧିବେଶନ ହୋଇଥିଲା । ସଭାପତି ଇଙ୍ଗଲିସ୍ ସାହେବ ଯେଉଁ ବକ୍ତୃତା କରିଥିଲେ ତହିଁ ମଧ୍ୟରୁ ଆମ୍ଭେମାନେ ନିମ୍ନ ଲିଖିତ ଅଂଶଟି ଉଦ୍ଧୃତ କଲୁଁ ଯଥା;—

"କଲିକତାସ୍ଥ ସାଧାରଣ ଲୋକମାନେ କଲିକତା ଏବଂ ବମ୍ବେଇ ସହର ମଧ୍ୟରେ ଗୋଟିଏ ସିଧା ରେଲବାଟ ଫିଟାଇବା ନିମନ୍ତେ ନିତାନ୍ତ ଉତ୍ସୁକ ଅଛନ୍ତି । ଗତ ନବେମ୍ବର ମାସରେ ନାଗପୁର ଏବଂ ଛତିଶଗଡ଼ ରେଲବାଟ ନନ୍ଦଗ୍ରାମ ପର୍ଯ୍ୟନ୍ତ ବୃଦ୍ଧି ହେବା ବର୍ତ୍ତମାନ ମଞ୍ଜୁର ହୋଇ ଅଛି ଏ ସଭା ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କୁ ଏ ବିଷୟ ଜଣାଇଥିଲେ । ଏହି ବାଟ ରାଏପୁର ଏବଂ ବିଲାସପୁର ପର୍ଯ୍ୟନ୍ତ ହେବା କାରଣ ଇଷ୍ଟିମିଟ ତିଆର ହୋଇଅଛି ଏବଂ ବିଲାସପୁରଠାରୁ ବଙ୍ଗୀୟ ରେଲବାଟକୁ ମିଶିବା ନିମନ୍ତେ ବାଟ ତିଆର ହେବାର ବିଷୟ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନ ଅଛି । କଲିକତା ଏବଂ ବିଲାସପୁର ମଧ୍ୟରେ କେଉଁ ବାଟେ ରେଲ ଗତାୟାତ କରିବ ତାହା ସ୍ଥିରକରିବା କାରଣ ବର୍ତ୍ତମାନ ଏହି ଶୀତକାଳରେ ମେଦନୀପୁର ଏବଂ ବରାକର ଏ ଦୁଇବାଟ ଭନ୍ନ ହୋଇ ମାପ ହେଉଥିବାର ଜଣାଯାଏ । ଏହି ରେଲବାଟ ମେଦନୀପୁର ଦେଇ ବରାକର ବାଟେ ଫିଟିବାର ପ୍ରସ୍ତାବ ହୋଇଅଛି । ସଭା ଦୃଢସଂକଳ୍ପ ହୋଇ ମେଦନୀପୁର ବାଟ ପସନ୍ଦ କରୁଅଛନ୍ତି କାରଣ ତାହା ବରାକର ବାଟଠାରୁ ଏକଶତ ମାଇଲ କମି ଅଟେ । ଉକ୍ତ ବାଟ ସମ୍ବଲପୁର ନିକଟରେ ଏକସ୍ଥାନରେ ପହଞ୍ଚିବ ମାତ୍ର ହାବଡାଠାରୁ ବରାକର ବାଟେ ସମ୍ବଲପୁର ୩୮୭ ମାଇଲ ହେଉଥିବା ସ୍ଥଳେ ହାବଡ଼ାଠାରୁ ସେହି ସମ୍ବଲପୁର ମେଦନୀପୁର ବାଟେ କେବଳ ୨୯୬ ମାଇଲ ଦୂର ଅଟେ । ମେଦନୀପୁର ବାଟେ ନିତାନ୍ତ ଅନତିକ୍ରମ୍ୟ କୌଣସି ବ୍ୟବଧାନ ନ ଥିଲେ ସଭା ଏହି ବାଟେ ରେଲ ଗତାୟାତ କରିବା ପକ୍ଷେ ସ୍ଥିର ସିଦ୍ଧାନ୍ତ ହୋଇ ରହିଅଛନ୍ତି ।"

ଏଥିରୁ ପାଠକମାନେ ଦେଖିବେ ଯେ କଲିକତାଠାରୁ ସମ୍ବଲପୁର ବାଟେ ବମ୍ବେଇକୁ ରେଲବାଟ ଫିଟାଇବା ସର୍ବସାଧାରଣଙ୍କ ମତେ ନିତାନ୍ତ ଅତ୍ୟନ୍ତ ଆବଶ୍ୟକ ହୋଇଅଛି । କଲିକତା ଭାରତବର୍ଷର ରାଜଧାନୀ ସୁତରାଂ ସେଠାରୁ ବମ୍ବେଇକୁ ଯେତେ ଶୀଘ୍ର ସମ୍ବାଦ ଆସି ପାରେ ସାଧାରଣ କାର୍ଯ୍ୟର ସେତେ ସୁବିଧା ହେବ ଫଳତଃ ତହିଁରେ ସମସ୍ତ ଦେଶର ଲାଭ ସଂଯୁକ୍ତ ଅଛି । ବମ୍ବେଇର ସମ୍ବାଦ ବର୍ତ୍ତମାନ ବମ୍ବେଇଠାରୁ ଯବ୍ବଲପୁର ଓ ଅଲାହାବାଦ ବାଟେ ଯେ କଲିକତାକୁ ଆସୁଅଛି ଏ ବାଟ ବୁଲାଣିଆ ଅଟଇ । ପ୍ରସ୍ତାବିତ ରେଲବାଟ ଫିଟିଲେ ତହିଁରୁ ଏକଦିନ ଅଳ୍ପ ସମୟରେ ସେ ସମ୍ବାଦମାନ ବୋମ୍ବାଇଠାରୁ କଲିକତାରେ ପହୁଞ୍ଚିବ ଏବଂ ଏ ବାଟ ଯେ ଅତିଶୀଘ୍ର ବ୍ୟବହୃତ ହେବ ତହିଁରେ ଆଉ ସନ୍ଦେହ ନାହିଁ । ଆମ୍ଭମାନଙ୍କୁ ଯେତେଦୂର ଜଣାଅଛି ଏ ବାଟ ଫିଟିବା ପକ୍ଷେ ଏଭଳ କିଛି ବିଶେଷ ବ୍ୟବଧାନ ନାହିଁ । ଯେଉଁ ପାହାଡମାନ ପଡିବ ତାହା ସହଜରେ ଅତିକ୍ରମ ହୋଇ ପରେ ଏବଂ ତାହା ସେତେ ଅକର୍ମଣ୍ୟ ପ୍ରସ୍ତର ପୂର୍ଣ୍ଣ ନୁହଇ । ମଧ୍ୟ ପୂର୍ବରୁ ଏହି ବାଟେ ସମ୍ବଲପୁର ଯିବାର ବାଟ ହୋଇଅଛି ସୁତରାଂ ଏ ବାଟ ଫିଟିଲେ ଓଡିଶାର ଗୋଟିଏ ସୁମହତ୍ ଅଭାବ ଏକାବେଳକେ ଦୂରୀଭୂତ ହୋଇ ଯିବ । ହାବଡାଠାରୁ ମେଦନୀପୁର ବାଟେ ପଡ଼ ଯେଉଁ ରେଲବାଟ ସମ୍ବଲପୁର ଅଭିମୁଖେ ଯିବ ତାହା ମୟୂରଭଞ୍ଜର ପଶ୍ଚିମାଂଶ ଏବଂ କେଉଁଝର ଓ ପାଲଲହଡ଼ା ଗଡ଼ ନିକଟ ଦେଇ ଯିବ ସୁତରାଂ ଓଡିଶାରେ ରେଲବାଟର ଅଭାବ ଏହାଦ୍ୱାରା ଅଂଶିକ ପୂର୍ଣ୍ଣ ହେବ । ଏ ବାଟ ତିଆର ହେଲେ ଯଦ ଓଡିଶାର ପ୍ରଧାନ୨ ନଗରମାନ ଶାଖା ରେଲବାଟଦ୍ୱାରା ସଂଯୁକ୍ତ ହୋଇଯାଏ ତେବେ ସମ୍ପ୍ରଦାୟ ଓଡିଶା ଅଗ୍ରାଭିତନ୍ତ୍ରୂପେ ଏକାବେଳକେ ଉନ୍ନତ ଓ ସଭ୍ୟ ଦେଶମାନଙ୍କ ସଙ୍ଗେ ମିଶି ନଜର ମସ୍ତକୋତ୍ତୋଳନ କରିବ । ଏଥର ଓଡିଶାବାସିଙ୍କୁ ବାଲେଶ୍ୱର କଟକ ଓ ପୁରୀକୁ ଶାଖାରେଲମାନ ଆଣିବାର ଚେଷ୍ଟା କରିବାକୁ ହେବ ବୋଧ ହୁଏ ଅଇ ଏକା ମୟୂରଭଞ୍ଜର ମହାରାଜା ବାଲେଶ୍ୱର ପର୍ଯ୍ୟନ୍ତ ବାଟ ଫିଟାଇ ଦେଇ ପାରନ୍ତି କଟକ ଓଡିଶାର ପ୍ରଧାନ ନଗର ଏବଂ ଯାତ୍ରିମାନେ ଅହରହ ଉତ୍ତର ପ୍ରଦେଶରୁ ଅଧିକାଂଶ ସୋରଣପୁର ବାଟେ ପୁରୁଷୋତ୍ତମ ଗମନ କରନ୍ତି । କେବଳ ସମ୍ବଲପୁରଠାରୁ ମହାନଦୀର ଉତ୍ତର ପାର୍ଶ୍ୱ କା ଦକ୍ଷିଣ ପାର୍ଶ୍ୱରେ ରେଲବାଟ ନିର୍ମିତ ହେବ ଏହିତ ମୀମାଂସା କରିବାକୁ ହେବ । ଦୂର ଏକମାତ୍ର ଯେତେଦୂର ଅନୁମାନ କରା ଯାଇ ପାରେ ଉତ୍ତର ପାର୍ଶ୍ୱର ବାଟରେ ଅଧିକ ଲାଭ ହେବାର ସମ୍ଭାବନା । ପୁଣି ସୁବିଧା ମିଳିଲେ କେଉଁଝର ବମ୍ପା ଲହଡାକୁ ମଧ୍ୟ ପ୍ରଧାନ ନଗର ସଙ୍ଗରେ ଯୋଗକରା ଯାଇ ପାରେ ।

---

# ସାପ୍ତାହିକସଂବାଦ ।

ଆମ୍ଭେମାନେ ଶୁଣିଲୁଁ ବାବୁ ରାଜନାଥ ବାନର୍ଜୀ ଏଠା ଖାସମାହାଲ ବନ୍ଦୋବସ୍ତ ସମ୍ବନ୍ଧରେ ଯେ ଅବେଦନ ମହାମାନ୍ୟ ଲାଟ ସାହେବଙ୍କ ସମ୍ମୁଖ ପଠାଇଥିଲେ ସେ ବିଷୟରେ ଷ୍ଟାମ୍ପକର୍ମଚାରୀଙ୍କଠାରୁ କୈଫିୟତ ତଲବ ହୋଇଅଛି । ଦୁଃଖର ବିଷୟ ଯେ ବାନର୍ଜୀବାବୁଙ୍କ ଉଭୟଥ ପଣରୁ ଏ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟରେ ଭ୍ରମ ହୋଇଅଛି । ସେ ବର୍ତ୍ତମାନର ଅବେଦନକୁ ବଙ୍ଗଭାଷାରେ ଲେଖି ତହିଁ ସଙ୍ଗେ ଗତ ବର୍ଷର ଗଣ୍ଡେ ଇଂରେଜୀ ଦରଖାସ୍ତର ନକଲ ପଠାଇଥିଲେ । ଗବର୍ଣ୍ଣମେଣ୍ଟ ସେହି ନକଲକୁ ବଙ୍ଗଳା ଦରଖାସ୍ତର ଅନୁବାଦ ବୁଝି ତହିଁ ସମ୍ବନ୍ଧରେ ରିପୋର୍ଟ ତଲବ କରିଥିବାର ବୋଧ ହୁଏ । ବଙ୍ଗଳା ଦରଖାସ୍ତରେ ଯେ ବର୍ତ୍ତମାନର ଦୁଃଖ ଲେଖା ଥିଲା ତାହା ଉଠିଗଲା । ବଙ୍ଗଳା ଦରଖାସ୍ତ ଇଂରେଜୀରେ ଅନୁବାଦ ହେଉ ବାନର୍ଜୀବାବୁଙ୍କ ତର ସହ୍ୟ ନାହିଁ । ଯାହା ହେଉ ଏହା ସଂଶୋଧନ ହୋଇ ପାରେ । କର୍ତ୍ତୃପକ୍ଷମାନେ ଦୟା କରି ବୁଝିଲେ କଲେ ହୁଏ ।

ଫସ୍ଥାଳ ଋଷି ଓ ତରବାର ମାମଲା ନିଷ୍ପତ୍ତି ପାଇ ଅଛି ଓ ଦୁହେଁ ଖଲାସ ହୋଇ ଅଛନ୍ତି । ଏ ମାମଲାରେ ରାଜ୍ୟ ପକ୍ଷରେ କଉ୨ ଓକିଲ ନିଯୁକ୍ତ ହୋଇଥିଲେ ଓ ବର୍ଦ୍ଧିକ ସଂଖ୍ୟା ଏତେ ଯାଥିକ ହେଲା ଯେ ସେମାନଙ୍କ ଅନ୍ତର ତପିବା କାରଣ ଯଥିବା ଗାର୍ଡ ଅର୍ଥାତ ଜଣେ ହେଡକନଷ୍ଟବଲ ଓ ଜଣେ କନଷ୍ଟବଲ ନିଯୁକ୍ତ ହୋଇଥିଲେ ଓ କଚେରୀର କେତେକ ଦୁଆର ବନ୍ଦ ହୋଇଥିଲା । ତରବାର ସମ୍ବନ୍ଧରେ ବଗ୍ରପତ ବୋଲନ୍ତି ଏ ମାମଲା ହେବାର ସମର୍ଥୀୟ କବାଦ ଅଟେ କୌଣସି ଫୌଜଦାରୀ ଅପରାଧ ନୁହେଁ ନାହିଁ, ଫସ୍ଥାଳ ଋଷି ପକ୍ଷରେ ବୋଲନ୍ତି ଯେ ତାହା ସତ୍ୟ ଯେ ସାମଗ୍ରୀ ପ୍ରାପ୍ତ ହୋଇଥିଲା ତାହା କଚେରୀରେ ଏକତ୍ରିତ ମିଳଇ ଓ ତାହା ଫସ୍ଥାଳ ଋଷିର ନିଜ ସମ୍ପତ୍ତି ହୋଇଥିବ କିମ୍ବା ତରବାର ତାହାଠାରେ ରଖାଇ ଥିବ ଯଦି ବାଦୀ ଚେକବାର ତାହା ସବୁ ଆସିବା କାରଣ ଫସ୍ଥାଳ ଋଷିକୁ ନିଷେଧ କରି କଲିକତା ଚାଲିଥିଲ କଲ୍ଲ ସେ ଦୁଇ ଜମା କର ଦେଇଥିବାରେ ତାହାର ସ୍ୱତ୍ୱରେ ଫସ୍ଥାଳ ଚେକର ଘରକୁ ଯିବାରେ ଅନଧିକାର ପ୍ରବେଶ ଉପରେ ଘଟେ ନାହିଁ । ଏ ବିଚାର ମନ ନୁହେ ଯାହା ହେଉ ହଉ ଉଭିଦ ଫସ୍ଥାଳ ଋଷି ହରବଳରେ ପଡ଼ିଗଲା ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଅଠଗଡ଼ ଉପବା- ୧୮୮୧—୮୨ ରେ କେବଳ ୬୧୦ ମୁର ମହଦମା ସ୍ୱଜାଙ୍କ ନିସ୍କରରେ ଜାହେର ହୋଇ ନିଷ୍ପତ୍ତି ପାଇ ଅଛି । ବାଇଶା କ ଅର ନିଛ ନାହିଁ । ହାବହାର ଥିଲେ ମାତ୍ର ଏକନମ୍ବର ଶୁନା ପଡ଼ ନାହିଁ । ଏ ବିଷୟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଶୁଣି ଖୁସି ହୋଇଅଛନ୍ତି । ତେଲ୍ଲାକାଳରେ ଦୈନିକ ହ ୧୦୦ ମୁରରୁ କମ୍ ଗୃହୀତ ନାହିଁ । ଅନ୍ୟାନ୍ୟ ଗଡ଼ଜାତରେ ପ୍ରାୟ ଦୈନିକ ୫୬ ନମ୍ବରରୁ କମ୍ ନ ଥିବା

Split by PDF Splitter

Digitized by srujanika@gmail.com

Split by PDF Splitter



[illegible]

## ପ୍ରେରିତପତ୍ର ।

To,

THE EDITOR OF THE UTKAL DIPICA

Sir,

In the supplement to the Utkal Dipica of the 7th Instant there appeared an English letter signed X. The object of this correspondence so far as I have been able to gather from the context, seems to be no other than to cry down the brilliant results of the last Orissa vernacular and minor Examinations by casting imputations not only on the Joint Inspector but on other gentlemen also who honestly and independently conducted the said examinations.

Let us now see how far your correspondent X is reasonable in framing the charges against the Joint Inspector.

The *first* charge he brings forward is that the Joint Inspector fixes the text books for the English and vernacular middle Examinations. This is no doubt a very serious offence committed by the Jt. Inspector, for which he should be hanged six months. For the method which he has adopted regarding the selection of text books is not in vogue in any other Division.

With regard to the *second* count of your correspondent's indictment that "the Jt. Inspector appoints examiners who are mostly his subordinates or placehunters," I have to observe that the Jt. Inspector who is *defacto* the head of the Education Department in Orissa was certainly very wrong in selecting as Examiner persons who are residents of Orissa and hold service in the Education Department. He should have safely entrusted the conduct of those examinations to the hands of Telugus and Bhutiahs or have asked some of the officers of the Public Works Deptt. or Court of Ward's Estates (who are not his subordinates) to do that work. For, in Bengal and Behar, your correspondent must have seen, examiners are most generally selected from amongst those who serve in the customs, or the Forest Departments.

The *third* charge against the Joint Inspector is that in the framing of question papers "he has a voice almost potential in altering the questions according to his own fancy and occasionally exercising his best influence over an examiner to allow liberal marks to candidates." This statement of your correspondent is utterly baseless and unworthy of belief. It is the duty of all the Inspectors to see whether the questions framed by an examiner are suitable for the examinees or not, and to suggest any modifications when seemed necessary. But so far as I have heard, this right is very sparingly exercised in this Division. There are circles, I know, where the Inspectors themselves or their assistants set the question papers. You, Mr. Editor, I know, were examiner for some years. Do you recollect having ever been influenced by the Jt. Inspector in the framing of question papers or awarding marks? I dare say you would indignantly repudiate so sinister a charge. I know of one instance in which the Joint Inspector had rejected the question paper of an Examiner who had got it transcribed in Uriya by another person not an examiner. Was he wrong in doing so?

Your correspondent X takes due care to fortify himself in a point where he thinks himself most vulnerable by saying that "personally I have the highest regard for Babu Radha nath &c.," whereas in matter of fact he is the very reverse of what he professes to be. In spite of his *incognito* he has betrayed himself, and I can assure your readers that he must personally be one of the bitterest opponents. He must, I fancy, either the one of the disappointed few whose solicitations for being an examiner were never attended to, or one of those who had the privilege of being an examiner before, but from whom that privilege has latterly been withdrawn to his great mortification.

20th January, 1882 — Yours faithfully,

*Veritas.*

[illegible]

Digitized by srujanika@gmail.com

# ଉତ୍କଳ ଦୀପିକା

ଉତ୍କଳ ଦୀପିକା ତା ୨୮ ରଖ ମାହେ ଜାନୁଏରୀ ସନ ୧୮୮୨ ମସିହା ।


## ବିଜ୍ଞାପନ

### ନାଟକାଭିନୟ ।

ମାହୁଦାସ ବଜାର ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ କୋଠା ନିକଟ ବାବୁ ହାରାଧନ ଘୋଷଙ୍କ କୋଠାଠାରେ ଫେବ୍ରୁଏରୀମାସ ତା ୪ ରଖ ଶନିବାର ରାତ୍ରି ନଅ ଘଣ୍ଟା ସମୟରେ ଏ ନୂତନ ଓଡ଼ିଆ ନାଟକର ଅଭିନୟ ହେବ । ବିନା ଟିକଟରେ କେହି ଦେଖି ପାରିବେ ନାହିଁ ଟିକଟ କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଆଉ ଅଭିନୟ ଦିନ ଅଭିନୟ ସ୍ଥାନରେ ପ୍ରାପ୍ତବ୍ୟ । ଗ୍ରାହକମାନଙ୍କ ନିକଟକୁ ପୂର୍ବରୁ ଟିକଟ ପଠା ଯିବ ।

ପ୍ରଥମ ଶ୍ରେଣୀ ଟ ୧ ୧

ଦ୍ୱିତୀୟ ଶ୍ରେଣୀ ଟ ୦ ୫

ପ୍ରକାଶ ଥାଉ କି ଅଭିନୟ ସ୍ଥଳରେ ରାତ୍ରି ୧୦ ଘଣ୍ଟା ପର୍ଯ୍ୟନ୍ତ ଟିକଟ ବିକ୍ରୟ ହେବ ; ତହିଁ ଉତ୍ତାରୁ ଦ୍ୱାର ବନ୍ଦ ହେବ । ସର୍ବସାଧାରଣଙ୍କ ନିକଟରେ ପ୍ରାର୍ଥନା ଯେ ନିୟମିତ ସମୟ ପୂର୍ବରୁ ସମସ୍ତେ ଉପସ୍ଥିତ ହେବେ ।

କଟକ ୨୦।୧।୮୨ } ଶ୍ରୀ ଗୋପାଳଚନ୍ଦ୍ର ଦତ୍ତ ସମ୍ପାଦକ

### ADVERTISEMENT.

Wanted an experienced Head Pundit for the Cuttack Hindu Girls, School on a salary Rs. 15 a month. He shall be on probation for sometime, and if during that period he can give satisfaction, he shall be confirmed. Candidates are requested to state their age. All applications to reach the undersigned before the 31st January.

CUTTACK } 9—1—82. } RAMDAS CHUCKURBURTY *Secretary Cuttack Hindu Girls School.*

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଂରେଜୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକଲ୍ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍ସକୁ ଟଙ୍କା । ୮ ଅଉନ୍ସକୁ ଟ ୧୧ ଙ୍କା । ୧୬ ଅଉନ୍ସକୁ ଟ ୨୦୷ ମୂଲ୍ୟ ନଗଦ ।

### ବିଜ୍ଞାପନ ।

ପ୍ରସ୍ତାବିତ କୃଷିଶିକ୍ଷାସମ୍ବନ୍ଧୀୟ ପ୍ରଥମ ପୁସ୍ତକର ଯେଉଁ ୨ ଅଧ୍ୟାୟରେ ଯେଉଁ ୨ ବିଷୟ ଲେଖିବାକୁ ହେବ ତାହା ତଳେ ପ୍ରକାଶ କରାଗଲା । ଯଥା,

#### ପ୍ରଥମ ଅଧ୍ୟାୟ ।

ଏହି ଅଧ୍ୟାୟରେ କୃଷିର ବ୍ୟବହାର ଓ ତହିଁର ଫଳଦାୟକତା ସମ୍ବନ୍ଧରେ ଓ ଏଦେଶର ବ୍ୟବହାରନିମିତ୍ତ ଯାହା ନିତାନ୍ତ ପ୍ରୟୋଜନ ତହିଁ ଅପେକ୍ଷା ଅଧିକ ଫସଲ ଉତ୍ପନ୍ନ କରିବାର ବାଞ୍ଛନୀୟତା ସମ୍ବନ୍ଧରେ ସଂକ୍ଷେପ ବିବରଣ ଲେଖିବାକୁ ହେବ, କାରଣ ଆଜି କାଲି ସମୟରେ ବାଟଘାଟ ସୁବିଧା ଦୃଷ୍ଟିରେ ପ୍ରାୟ ପ୍ରତ୍ୟେକ ଗ୍ରାମ ରପ୍ତାନୀର ପ୍ରଧାନ ୨ କେନ୍ଦ୍ର ମଧ୍ୟରେ ବିକ୍ରୟଯୋଗ୍ୟ ସ୍ଥାନର ଅନ୍ତର୍ଗତ ପଡୁଥିବାରୁ ସେହି ୨ ଫସଲମାନଙ୍କ ଦ୍ୱାରା ଉଚିତଲାଭ ପ୍ରାପ୍ତିର ନିତାନ୍ତ ସମ୍ଭାବନା ।

ଏହି ଅଧ୍ୟାୟଟି ଭୂମିକାସ୍ୱରୂପେ ଲେଖା ଯାଇ ତାହା ଦୁଇ ପୃଷ୍ଠାରୁ ଅଧିକ ହେବ ନାହିଁ ।

#### ଦ୍ୱିତୀୟ ଅଧ୍ୟାୟ ।

##### କୃଷିର ଉପକରଣ ।

ସଚରାଚର କୃଷିରେ ଯେଉଁ ଅସ୍ତ୍ରଶସ୍ତ୍ର ବ୍ୟବହାର ହେଉଥାଏ ତାହା ଯେପରି ଉତ୍କୃଷ୍ଟ ହୋଇ ପାରେ ତାହା ସବୁ ଏହି ଅଧ୍ୟାୟରେ ଲେଖିବାକୁ ହେବ ବାଷ୍ପୀୟ ହଳ ଓ ସେହିପରି ଅନ୍ୟାନ୍ୟ କୃଷି ସମ୍ପର୍କୀୟ ବିଦେଶୀୟ ଅସ୍ତ୍ରଶସ୍ତ୍ର ଯାହା ପାଠକେ ବୁଝି ପାରିବେ ନାହିଁ ସେହି ସବୁ ବିଷୟରେ ସବିସ୍ତାର ଲେଖିବାର ପ୍ରୟୋଜନ ନାହିଁ । କିନ୍ତୁ ଯେଉଁ ୨ ଅସ୍ତ୍ର ଏବେ ଏହି ପ୍ରଦେଶରେ ବ୍ୟବହୃତ ହେଉଅଛି ତାହା ସବୁ ନିକଟବର୍ତ୍ତୀ ଅନ୍ୟାନ୍ୟ ଜିଲାର ବ୍ୟବହୃତ ଅସ୍ତ୍ରାଦି ସଙ୍ଗେ ତୁଳନା କରି ପ୍ରତ୍ୟେକର ଉତ୍କୃଷ୍ଟତା ଦେଖାଇବାକୁ ହେବ ।

#### ତୃତୀୟ ଅଧ୍ୟାୟ ।

ଏହି ଅଧ୍ୟାୟରେ ମୃତ୍ତିକାର ପ୍ରକୃତି ଓ ଶ୍ରେଣୀବିଭାଗ ଓ ପ୍ରସ୍ତୁତ ଓ ତହିଁର ଉନ୍ନତିସାଧନ ଏବଂ ଉପରସ୍ଥ ମୃତ୍ତିକା ଓ ତଳୀର ଜୀବନ ଉପରେ ନିମ୍ନସ୍ଥ ମୃତ୍ତିକାର ଯେଉଁ ବଳ ଏହି ୨ ସମ୍ବନ୍ଧରେ ସଂକ୍ଷେପ ବିବରଣ ଲେଖିବାକୁ ହେବ ଏବଂ କୃଷି କର୍ମର ପ୍ରକୃତ ବିଭାଗ ଓ ମୃତ୍ତିକା ଓ ସ୍ଥାନ ଓ ଜଳସେଚନ ଓ ଭୂମିର ଉର୍ବରତା କରିବା

Split by PDF Splitter

Digitized by srujanika@gmail.com

Split by PDF Splitter



ଓ ହୁଡା ବାନ୍ଧିବା ଓ ପାଣିକଟିଘଟିବା ଦୃଷ୍ଟିରେ ଯେଉଁ ଫସଲ ଉପଯୋଗୀ ହୋଇ ପାରେ ତାହା ଲେଖିବାକୁ ହେବ, ମଧ୍ୟ ନାଳଜଳ କିମ୍ବା ଅନ୍ୟ ପ୍ରକାରେ ମଡାଇବା ଜଳ ସାହାଯ୍ୟରେ ଫସଲ ସବୁ କପରି ଶୀଘ୍ର ବୃଣା ଯାଇ ପାରିବ ଓ ଯେପରି ଘୋର ବୃଷ୍ଟି ସମୟରେ ତଳ ଗଛ ସବୁ ବିନଷ୍ଟ ହୋଇ ନ ପାରିବ ଏହା ସବୁ ଦେଖାଇବାକୁ ହେବ । ପୁନଶ୍ଚ ବିହନ ବୁଣିବାର ଓ ତଳ ରୁଆଇବାର ଏହି ଦୁହିଙ୍କର ଗୁଣ ତୁଳନା କରିବାକୁ ହେବ ।

---

### ଚତୁର୍ଥ ଅଧ୍ୟାୟ ।

### ନାନାବିଧ ସାର ଓ ତହିଁର ପ୍ରକୃତି ଓ ଗୁଣ ଏବଂ ପ୍ରୟୋଗର କଥା ।

ଜାନ୍ତବସାର, ଅର୍ଥାତ୍ ଜନ୍ତୁମାନଙ୍କ ମଳ ମାଂସ ଓ ମତ୍ସ୍ୟ ଓ ଚର୍ମ, କେଶ, ଶୃଙ୍ଗ, ପକ୍ଷ, ହାଡଗୁଣ୍ଡିପ୍ରଭୃତି ।

ଉଦ୍ଭିଦସାର ଅର୍ଥାତ୍ ବଳ ହୋଇ ଶୁଖି ସଡି ଯାଇଥିବା ଶାକଶବଜି ଓ ଘାସପ୍ରଭୃତି ଓ ଜଳଜାତ ଦଳପ୍ରଭୃତି, ପିଡିଆ, ପତ୍ର ଓ ଶସ୍ୟର ମୂଳପ୍ରଭୃତି ।

ମିଶ୍ରିତସାର, ଅର୍ଥାତ୍ ଗଡିଆ ବା ନଦୀର ପଙ୍କ, ସାମୁଦ୍ରିକ ପଙ୍କପ୍ରଭୃତି ।

ଉପରୋକ୍ତ ସାର ଛଡା ଖଡି ଓ ଚୂନ ଓ ପଥର ଓ କାଦୁଅ ଓ ପଟୁ ଏହା ସବୁ ସାର ମଧ୍ୟରେ ଯୋଗ କରିବାକୁ ହେବ ଏବଂ କେଉଁ ସମୟରେ ଓ କେଉଁ ନିୟମରେ ଓ କେଉଁ ପରିମାଣରେ ଓ କପରି ସାର ପ୍ରସ୍ତୁତ କରି ପ୍ରୟୋଗ କରିବାକୁ ହେବ ତାହାସବୁ ଲେଖିବାକୁ ହେବ ।

ଉପରୋକ୍ତ ସାର ବିଷୟ ସକଳ ଉପଲକ୍ଷରେ ସାଧାରଣ ବିବରଣ ଲେଖିଲା ଉତ୍ତାରେ ବର୍ତ୍ତମାନରେ ଯେଉଁ ସାରର ବ୍ୟବହାର ହେଉଅଛି ତହିଁର ବିବରଣ ଓ ତାହା କପରି ଅଧିକ ଉତ୍ତମରୂପେ ସଞ୍ଚୟ ହୋଇ ବ୍ୟବହୃତ ହୋଇପାରିବ ତାହା ଲେଖିବାକୁ ହେବ । ମଧ୍ୟ ଆଉ କେଉଁ ପଦାର୍ଥ ସବୁ ସ୍ଥାନବିଶେଷରେ ମିଳି ସାରସ୍ୱରୂପେ ବ୍ୟବହୃତ ହୋଇ ପାରିବ ତାହା ସବୁ ବ୍ୟବହାର କରିବାର ନିୟମ ଏହି ବିଷୟରେ ବିଶେଷ ଉଲ୍ଲେଖ କରିବାକୁ ହେବ ।

---

### ପଞ୍ଚମ ଅଧ୍ୟାୟ ।

### ଫସଲର କୃଷି ।

ଦେଶର ଭିନ୍ନ ଅଞ୍ଚଳରେ ଯେଉଁ ଶସ୍ୟ ସବୁ ଉତ୍ପନ୍ନ ହୁଅଇ ପ୍ରତ୍ୟେକ ଫସଲ ପକ୍ଷରେ କେଉଁ ମୃତ୍ତିକା ଉତ୍ତମରୂପେ ଉପଯୋଗୀ ଅଟଇ ଓ କାହିଁକି ।

କେଉଁ ଫସଲ କି ବର୍ତ୍ତମାନ ଯେଉଁ ଫସଲର କୃଷି ହେଉ ନାହିଁ ସେହି ଫସଲର କୃଷି ଉତ୍ତମରୂପେ କେଉଁଠାରେ ହୋଇ ପାରେ । ବର୍ତ୍ତମାନ ପ୍ରଚଳିତ କୃଷିର ପ୍ରଣାଳୀ ଓ ତହିଁର କି କି ଉନ୍ନତିର ଆବଶ୍ୟକ ଓ କୃଷକମାନଙ୍କର ଥିବା ସଙ୍ଗତି ଦୃଷ୍ଟିରେ ତାହା କି ପର୍ଯ୍ୟନ୍ତ ହୋଇ ପାରେ ।

ଧାନ୍ୟାଦି ଖାଦ୍ୟ ଫସଲ ।—ଧାନ, ଗହମ, ଯଅ, ଓଟନାମକ ଶସ୍ୟ ( ଅର୍ଥାତ୍ ଏକ ପ୍ରକାର ଇଂଲଣ୍ଡୀୟ ଯଅ ), ମକ୍କା ଓ ବାଜରା, ଭିନ୍ନ ପ୍ରକାର ଡାଲି ଫସଲପ୍ରଭୃତି । ଓଡିଶାର ପ୍ରଧାନ ଶସ୍ୟସ୍ୱରୂପେ ଧାନ୍ୟ ଫସଲର କୃଷି ଅର୍ଥାତ୍ ବିଆଳି, ଶାରଦ ଓ ଦାଳୁଅ ଏହି ତିନି ଫସଲର କୃଷିବିଷୟକ ସମ୍ପୂର୍ଣ୍ଣ ବିବରଣ ପୃଥକ୍ କରି ଲେଖିବାକୁ ହେବ ।

ପନିପରିବା ପ୍ରଭୃତି ଫସଲ ।—ବାଇଗଣ, କଦଳୀ, ଦେଶୀଆଳୁ, ପଟୋଳ, ସାରୁ, ଗୋଲଆଳୁ, ମୂଳା, ସାଲଗମ, ଗାଜର, ବିଟ, ହଳଦୀ, ପିଆଜ, ଲଉ, କଖାରୁ, କାକୁଡି, ଫୁଟି, କୋବି, ଆଶ୍ୱରୁଟ, ଅଦା, ଆଖୁ, ଲଙ୍କାମରିଚ, ପାନ, ଧୂଆଁପତ୍ର ପ୍ରଭୃତି ।

ତୈଳଜ ଫସଲ ।—ସୋରିଷ, ରାଶି, ପେଶି ଗବପ୍ରଭୃତି ଫସଲର କୃଷି ବିବରଣ ।

କୋଷ୍ଠ ଫସଲ ।—କପା, ନଳିତା, ଛଣପଟ, ଧନଗ୍ରପ୍ରଭୃତି ଫସଲର କୃଷି ବିବରଣ ।

ରଙ୍ଗ ସକାଶେ ଯେଉଁ ଫସଲ କରାଯାଏ ।—ଅଲ୍ଲୁ, କୁସୁମ, ନୀଳପ୍ରଭୃତି ଫସଲର କୃଷି ବିବରଣ ।

ପଶୁମାନଙ୍କ ଖାଦ୍ୟ ଘାସପ୍ରଭୃତିର ଫସଲର କୃଷି ବିବରଣ ।

ଜାଳିବା କାଷ୍ଠାଦି ଫସଲର କୃଷି ବିବରଣ ।

ଫଳ ବୃକ୍ଷାଦିର କୃଷି ।—ନଡିଆ, ଅମ୍ବ, ପଣସପ୍ରଭୃତି ।

ସୁବିଧା ପାଇଁ ଦେଖିବା ସକାଶେ ଏଠାରେ ଗୋଟିଏ ନକ୍ସା ଦେବାକୁ ହେବ ଯେ ତହିଁରେ ପ୍ରତ୍ୟେକ ଫସଲର ବୁଣିବା ଓ କାଟିବାର ସମୟ ଫର୍ଦ୍ଦରେ ଦେଖାଇବାକୁ ହେବ ।

---

### ଷଷ୍ଠ ଅଧ୍ୟାୟ ।

ବିହନକୁ ମନୋନୀତ ଓ ରକ୍ଷା କରିବା ଓ ଶସ୍ୟ କ୍ଷେତରେ ଥିବା ସମୟରେ ଅଥବା ତାହା ଅମାରରେ ଥିବା ସମୟରେ ପୋକ ଲାଗିଲେ ସେହି ପୋକ କେଉଁ ଉତ୍ତମ ଉପାୟଦ୍ୱାରା ନଷ୍ଟ ହୋଇ ପାରିବ ଏହି ସବୁ ବିଷୟ ଏହି ଅଧ୍ୟାୟରେ ଲେଖିବାକୁ ହେବ ।

---

### ସପ୍ତମ ଅଧ୍ୟାୟ ।

ଫସଲମାନଙ୍କର ପରିବର୍ତ୍ତନ ।—ଭିନ୍ନ ଅଭୃତ ଓ ପୋଷକ ଶକ୍ତିବିଶିଷ୍ଟ ବୃକ୍ଷସବୁ କପରି ଓ କେତେ ଅଂଶରେ ମୃତ୍ତିକାର ଶକ୍ତି ହ୍ରାସ କରନ୍ତି ଓ ଏକ ଶସ୍ୟ ପରେ ଅନ୍ୟ ଶସ୍ୟ ବପନଦ୍ୱାରା କେଉଁ ଉତ୍ତମ ଉପାୟରେ ସେହି ମୃତ୍ତିକାର ଶକ୍ତି ହ୍ରାସ ନିବାରଣ ହୋଇ ପାରିବ ଏହି ବିଷୟ ସବୁ ଏହି ଅଧ୍ୟାୟରେ ଲେଖିବାକୁ ହେବ ।

---

### ଅଷ୍ଟମ ଅଧ୍ୟାୟ ।

କୃଷିକାର୍ଯ୍ୟର ଉପଯୋଗୀ ପଶୁ ।—ଅର୍ଥାତ୍ ବଳଦ ଓ ମଇଁଷି ଏହିମାନଙ୍କର ଭିନ୍ନ ଜାତି ଓ ସେମାନଙ୍କର ଉତ୍ତମ ଗୁଣ ଓ ଦୋଷାଦିର ଲକ୍ଷଣ ଓ ସେମାନଙ୍କର ଅପକୃଷ୍ଟତାର କାରଣ ଓ କେଉଁ ଉତ୍ତମ ଉପାୟଦ୍ୱାରା ସେମାନଙ୍କ ବଂଶର ଉନ୍ନତି ହୋଇ ପାରିବ ଓ ସେମାନଙ୍କୁ ଉତ୍ତମ ଆହାର ଦିଆ ଯାଇ ପାରିବ ଏବଂ ଉତ୍ତମ ସ୍ଥାନରେ ରଖାଯାଇ ପାରିବ ଏହି ବିଷୟ ସବୁ ଏହି ଅଧ୍ୟାୟରେ ଲେଖିବାକୁ ହେବ ।

ରୋଗ ସମୟରେ ପ୍ରତିପାଳନ ଓ ଚିକିତ୍ସାର ନିୟମ ।—ସାଂକ୍ରାମିକ ରୋଗର ଚିକିତ୍ସାସମ୍ବନ୍ଧରେ ଷ୍ଟର୍ଲିଙ୍ଗ ସାହେବଙ୍କ ନିୟମ ଓ ପଶୁମାନଙ୍କ ମଧ୍ୟରେ ଡଁଅରୋଗ ଉପସ୍ଥିତ ହେଲେ ସେମାନଙ୍କୁ ପୃଥକ୍ କରି ରଖିବାର ଉପକାରିତା ପ୍ରତି ଦୃଷ୍ଟି ରଖି ବିଶେଷରୂପେ ଉଲ୍ଲେଖ କରି ଲେଖିବାକୁ ହେବ ।

---

* ମୂଳ ପତ୍ର ଦେଖ ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଖ ୧୭ ଶ । ସଂ ୭ ଖ୍ୟା

ତା ୪ ଦଶ ମାହେ ଫିବ୍ରୁଏରି ସନ ୧୮୮୨ ମସିହା । ମୁ । ମାଘ ବ ୨୪ ଦି ଏହ ୧୨୮୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୪॥୦
ମଫସଲଘାଁଇ ଡାକମାସୁଲ ଟ ୧୵୦

ବାବୁ ଅନ୍ନଦାପ୍ରସାଦ ଘୋଷଙ୍କ ବଦଳି ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ସେ ବର୍ତ୍ତମାନ କମିଶନରଙ୍କ ପରସନେଲ ଅସିଷ୍ଟାଣ୍ଟ ନିଯୁକ୍ତ ହୋଇଅଛନ୍ତି । ଅମ୍ଭେମାନେ ଅବଗତ ହେଲୁଁ ଯେ ଏଠା କମିଶନରସହିତ ଅବଗତ ହେଲୁଁ ଯେ ଏଠା କମିଶନରଙ୍କ ଶାସ୍ତ୍ର ସ୍ମିଥସାହେବ ବାବୁ ଜଗନ୍ମୋହନଙ୍କର ଶାସ୍ତ୍ର ସ୍ମିଥସାହେବ ବାବୁ ଜଗନ୍ମୋହନଙ୍କ ଡେପୁଟୀ କଲେକ୍ଟରଙ୍କୁ ଆପଣ ର ପର୍ସନାଲ ଅସିଷ୍ଟାଣ୍ଟ ପଦରେ ମନୋନୀତ କରି ଗବର୍ଣ୍ଣମେଣ୍ଟଙ୍କର ମଞ୍ଜୁର ପ୍ରାର୍ଥନା କରିଅଛନ୍ତି । ଶାସ୍ତ୍ର ସ୍ମିଥସାହେବଙ୍କର ଏହି କାର୍ଯ୍ୟରେ ଉଡିଶାବାସି ସମସ୍ତେ ସୁଖୀହୋଇ ଅଛନ୍ତି କେବଳ ଗବର୍ଣ୍ଣମେଣ୍ଟ ମଞ୍ଜୁର କଲେ ହେଲା ।

---

ବର୍ତ୍ତମାନ କଲିକତାରେ ଯେ ଦ୍ରବ୍ୟ ପ୍ରଦର୍ଶନ ମେଳା ହୋଇଅଛି ତହିଁ ସଂକ୍ରାନ୍ତରେ ଅମ୍ଭମାନଙ୍କର ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ଗୋଟିଏ ଉତ୍ତମ ବ୍ୟବସ୍ଥା କରିଅଛନ୍ତି । ତାହା ଏହି—ଯେଉଁ ସ୍ଥାନରୁ ଦ୍ରବ୍ୟମାନ ସେଠାକୁ ଯାଇଅଛି ସେ ସବୁ ସ୍ଥାନର କେତେକ କର୍ମକାରକ ବା କାରିଗର ସରକାରୀ ଖର୍ଚ୍ଚରେ କଲିକତା ଯାଇ ମେଳାର ଦ୍ରବ୍ୟମାନ ଦେଖିବା କାରଣ ସାହେବ ମହୋଦୟ ଆଦେଶ ଦେଇଅଛନ୍ତି ଓ ତଦନୁସାରେ ଏଠାରୁ କେତେକ ସୁନାରି କଲିକତା ଯାଉଅଛନ୍ତି । ପୂର୍ବେ ଯେଉଁ ପ୍ରଦର୍ଶନୀ ସଭା ହୋଇଥିଲା ସେଥିରେ ଏପରି ବ୍ୟବସ୍ଥା ହୋଇ ନ ଥିଲା । ଏହା ନୂତନ ଓ ଅତି ଉପକାରକ ଅଟଇ କାରିଗରମାନେ ନାନାଦି ସ୍ଥାନର ନାନାଦି ଉତ୍କୃଷ୍ଟ ଶିଳ୍ପକର୍ମମାନ ଦେଖି ଶିକ୍ଷା କରିପାରନ୍ତି ଓ ଏଥିରେ ସେମାନଙ୍କର ଉନ୍ନତି ହେବାର ସମ୍ଭାବନା । ଅତଏବ ଅମ୍ଭେମାନେ ଏଥିନିମିତ୍ତ ଇଡେନ ସାହେବଙ୍କର ପ୍ରଶଂସା କରୁଅଛୁଁ ।

---

ଗତ ଇଣ୍ଡିଆ ଗେଜେଟରେ ବି, ଏ, ପରୀକ୍ଷାର ଫଳ ବାହାରି ଅଛି । ଏଥର ପ୍ରଥମଶ୍ରେଣୀରେ ୨୦ ଦ୍ୱିତୀୟଶ୍ରେଣୀରେ ୪୧ ଏବଂ ତୃତୀୟଶ୍ରେଣୀରେ ୩୭ ଜଣ ସର୍ବସୁଦ୍ଧା ଜ ୧୦୭ ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଏବଂ ପ୍ରେସିଡେନ୍ସୀ କଲେଜ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି । କଟକରେ ରେଭେନ୍‌ସା କଲେଜରୁ ଜଣେ ମାତ୍ର ଛାତ୍ର ଜାନକୀନାଥ ବୋଷ ଏ ପରୀକ୍ଷାରେ ଉପସ୍ଥିତ ହୋଇ ଥିଲେ ଏବଂ ସେ ୨ ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଅନ୍ୟାନ୍ୟ ବର୍ଷପରି ଏ କଲେଜଟି ଏବର୍ଷ ମଧ୍ୟ ଏକପ୍ରକାରିଆ ଫଳ ଦେଖାଇ ଥିଲେ ହେଁ ବିଶେଷ ଏତିକି ଯେ ତାହାର ନିମ୍ନଶ୍ରେଣୀରେ ପଡି ନରହି ଏକପାହାଚ ଉପରକୁ ଉଠିଅଛି କିନ୍ତୁ ପକ୍ଷାନ୍ତରେ ଏହାଦ୍ୱାରା ଉଡିଶାର କିଛି ଲାଭ ହୋଇନାହିଁ କାରଣ ଯେଉଁ ଛାତ୍ର ପାସ କରିଅଛି ଉଡିଶା ସଙ୍ଗେ ତାହାର କିଛିମାତ୍ର ସମ୍ବନ୍ଧ ନାହିଁ । ସେ କେବଳ ରେଭେନ୍‌ସା କଲେଜକୁ ଏବର୍ଷ ଉଦ୍ଧାର କରି ଦେଇଗଲା । ଗବର୍ଣ୍ଣମେଣ୍ଟ କି ଏ କଲେଜର ଉନ୍ନତି ସକାଶେ କିଛିମାତ୍ର ଚେଷ୍ଟାକରିବେ ନାହିଁ ?

---

ଗତ ଶନିବାର ଅପରାହ୍ନ କାଳରେ କଲିକତା ଟାଉନହଲ ଗୃହରେ ଦେଶୀୟ ସଂବାଦପତ୍ରର ପ୍ରତିନିଧିମାନଙ୍କର ସଭା ହୋଇଥିଲା । ଉପସ୍ଥିତ ସଭ୍ୟମାନଙ୍କ ମନୋନୀତ କ୍ରମେ ମାନ୍ୟବର ରାୟକୃଷ୍ଣଦାସ ପାଲ୍ ବାହାଦୁର ସଭାପତିର ଆସନ ଗ୍ରହଣ କଲେ । ଦେଶୀୟ ମୁଦ୍ରାଯନ୍ତ୍ର ସମ୍ବନ୍ଧୀୟ ଆଇନ ରହିତ କରିବା କାରଣ କୃତଜ୍ଞତାସୂଚକ ଖଣ୍ଡିଏ ଅଭିନନ୍ଦନପତ୍ର ମହାମାନ୍ୟ ପ୍ରତିନିଧି ସାହେବ ବାହାଦୁରଙ୍କୁ ଅର୍ପଣ କରିବା ଓ ତାହା ପ୍ରସ୍ତୁତ ଏବଂ ସଭାର ଉଦ୍ଦେଶ୍ୟ ପୂର୍ଣ୍ଣ କରିବା କାରଣ ଗୋଟିଏ କମିଟୀ ନିଯୁକ୍ତ ହେବା ଏବଂ ମୋଫସଲବାସୀ ଦେଶୀୟ ସମ୍ପାଦକମାନଙ୍କୁ ଶାଖାସଭାମାନ ଗଠନ କରିବା କାରଣ ଅନୁରୋଧ କରିବା ଏହି ବିଷୟମାନ ସଭାରେ ଧାର୍ଯ୍ୟ ହୋଇଅଛି । କଲିକତା ଦେଶୀୟ ସମ୍ବାଦପତ୍ରର ପ୍ରତିନିଧିମାନେ ଏହି ଆନନ୍ଦଜନକ ଅନୁଷ୍ଠାନ ଆରମ୍ଭ କରିବାରୁ ଅମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ଭାରତବର୍ଷର ସମସ୍ତ ସମ୍ବାଦପତ୍ରର ପ୍ରତିନିଧିମାନେ ଏଥିରେ ଅନ୍ତଃକରଣ ସହିତ ଯୋଗ ଦେବେ ସନ୍ଦେହ ନାହିଁ ।

---

ହିନ୍ଦୁପେଟ୍ରିଅଟରେ ଗତ ଫାଷ୍ଟ ଆର୍ଟସ୍ ପରୀକ୍ଷା

Split by PDF Splitter

Digitized by srujanika@gmail.com

Split by PDF Splitter



ସମ୍ପର୍କରେ ଷଣ୍ଡିଏ ଛାପିବା ବାହାର ଅଛି ଏବଂ କଲିକତା ନଗରସ୍ଥିତ କେଉଁ କଲେଜ କିପରି ଫଳ ଦେଖାଇ ଅଛି ଏହି ବିବରଣ ତହିଁରେ ଲେଖା ଅଛି । ଏଥିରେ ଦେଖାଯାଏ ଯେ ଜେନରଲ ଆସେମ୍ବଲିଙ୍କ ବିଦ୍ୟାଳୟରୁ ଜ ୪୪ ଣ ପ୍ରେସିଡେନ୍‌ସି କଲେଜରୁ ଜ ୩୯ ଣ ଏବଂ ମେଟ୍ରୋପଲିଟନ କଲେଜରୁ ଜ ୩୧ ଣ ଛାତ୍ର ପାସ କରିଅଛନ୍ତି । ଏରୂପେ ସଂଖ୍ୟାଦୃଷ୍ଟିରେ ପ୍ରଥମ ବିଦ୍ୟାଳୟ ଉତ୍କୃଷ୍ଟତା ଦେଖାଇ ଅଛି ମାତ୍ର ପ୍ରେସିଡେନ୍ସୀ କଲେଜ ଅନ୍ୟପକ୍ଷରେ ଆପଣା ମହତ୍ୱ ରକ୍ଷା କରିଅଛି ଅର୍ଥାତ୍ ଜେନରଲ ଆସେମ୍ବଲିରୁ କେବଳ ଏକଜଣ ଛାତ୍ର ମାତ୍ର ପ୍ରେସିଡେନ୍ସୀରୁ ଜ ୧୪ ଣ ଛାତ୍ର ପ୍ରଥମଶ୍ରେଣୀରେ ପାଶ କରିଅଛନ୍ତି । ଜେନରଲ ଆସେମ୍ବଲିଙ୍କ ବିଦ୍ୟାଳୟର ୧୯୭ ଛାତ୍ର ପରୀକ୍ଷା ଦେଇଥିଲେ ଏବଂ ମେଟ୍ରୋପଲିଟନ୍ କଲେଜ ଯାହା ଏକା ବିଖ୍ୟାତ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କଦ୍ୱାରା ସ୍ଥାପିତ ଏବଂ ଯହିଁର ଅଧ୍ୟାପକ ସମସ୍ତେ ଦେଶୀୟଲୋକ ଅଟନ୍ତି ଜ ୧୧୪ ଣ ଛାତ୍ର ପଠାଇଥିଲେ । ଅତଏବ ଏ ଅନୁପାତରେ ଶେଷଲିଖିତ କଲେଜର ଫଳ ଉତ୍କୃଷ୍ଟ ଅଟଇ ।

---

ବାବୁ ପ୍ୟାରୀମୋହନ ଆଚାର୍ଯ୍ୟଙ୍କର ସ୍ଥାପିତ କଟକ ଏକାଡମୀ ନାମକ ବିଦ୍ୟାଳୟର ସମସ୍ତ ବ୍ୟୟ ସେ ଏକାକୀ ନିର୍ବାହ କରୁଥିଲେ ଏଥିରେ ତାହାଙ୍କର ମାସିକ ଟ ୮୦୲ ଟଙ୍କା ପର୍ଯ୍ୟନ୍ତ ବ୍ୟୟ ହେଉଥିଲା ତାହାଙ୍କ ଅକାଳମୃତ୍ୟୁରେ ସ୍କୁଲର ସ୍ଥାୟିତ୍ୱପ୍ରତି ଭୟ ବ୍ୟାପିତ ହେବାରୁ ଏ ନଗରସ୍ଥ କେତେ ଜଣ କୃତବିଦ୍ୟ ଭଦ୍ରଲୋକ ଚେନ୍ଦା ସଂଗ୍ରହ କରିବାର ଉଦ୍ୟମ କରିଅଛନ୍ତି । ଏ ବିଦ୍ୟାଳୟଦ୍ୱାରା ଅନେକ ଗରିବ ବାଳକଙ୍କର ଉପକାର ହେଉଅଛି ଓ ସେହିମାନେ ରେଭେନ୍‌ସା କଲେଜଏଣ୍ଟ୍ ସ୍କୁଲର ଉଚ୍ଚ ବେତନ ଦେଇ ବିଦ୍ୟାଲାଭ କରିବାକୁ ସମ୍ପୂର୍ଣ୍ଣରୂପେ ଅକ୍ଷମ ଅଟନ୍ତି । ନଗରବାସୀ ସମସ୍ତ କୃତବିଦ୍ୟ ଏବଂ ସଙ୍ଗତିପନ୍ନ ବ୍ୟକ୍ତିମାନେ ଇଚ୍ଛା କଲେ ମାସିକ ଟ ୮୦୲ ଙ୍କା ଚେନ୍ଦା ଉଠିବା ବଡ଼ କଥା ନୁହଇ ଏବଂ ଏକଜଣ ସାମାନ୍ୟ ଅବସ୍ଥାର ଲୋକଦ୍ୱାରା ଯେଉଁ ସ୍କୁଲଟି ଉନ୍ନବର୍ଷ ଉତ୍ତମ ଫଳ ଦେଖାଇ ଆସିଲା ତାହା ଏ ନଗରରେ ଏବେ ଲୋକ ଆଉଁ ଯେବେ ବିନାଶକୁ ଭଜଇ ତେବେ ବଡ଼ ଦୁଃଖ ଏବଂ ତାହାର ବିଷୟ ହେବ ଅତଏବ ଏ ବିଦ୍ୟାଳୟକୁ ସାହାଯ୍ୟ କରିବା ନିମିତ୍ତ ଅମ୍ଭେମାନେ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ । ନଗରବାସୀ ସମସ୍ତଙ୍କର ଚେଷ୍ଟା ହେଲେ ଗୋଟିଏ ବିଦ୍ୟାଳୟ ନିର୍ବାହ ହେବା ବଡ କଥା ନୁହଇ ।

---

ଆସାମ ପ୍ରଦେଶର ଚା କ୍ଷେତରେ କର୍ମ କରିବା କାରଣ ଭାରତବର୍ଷର ନାନାସ୍ଥାନରୁ କୁଲି ପ୍ରେରଣ ବିଷୟରେ ଗବର୍ଣ୍ଣମେଣ୍ଟ ଯେଉଁ ନୂତନ ଆଇନ ଜାରି କରିଅଛନ୍ତି ତାହା ସାଧାରଣଙ୍କ ମନୋନୀତ ହୋଇ ନାହିଁ କଲିକତାର ଭାରତବର୍ଷୀୟ ସଭା ଆପଣା ଆପତ୍ତିମାନ ଏକ ଆବେଦନ ପତ୍ରରେ ଲେଖି ମହାମାନ୍ୟ ପ୍ରତିନିଧି ସାହେବଙ୍କ ସଭାରେ ଉପସ୍ଥିତ କରିଥିଲେ ଏବଂ ଦେଶୀୟ ଅନେକ ସମ୍ବାଦପତ୍ରରେ ଏଥିର ପ୍ରତିବାଦ ହୋଇ ଥିଲା । ମାତ୍ର ବ୍ୟବସ୍ଥାପକ ସଭା ସେ ଆପତ୍ତିମାନ ନ ଶୁଣି ଆଇନ ଜାରି କଲେ ଏବଂ ମହାମାନ୍ୟ ଲର୍ଡ ରିପନ ତହିଁରେ ସମ୍ମତି ପ୍ରଦାନ କଲେ । ଏଥି ଉତ୍ତାରୁ ମହାମାନ୍ୟ ଗବର୍ଣ୍ଣରଜେନରଲ ଏକ ନିର୍ଦ୍ଧାରଣପତ୍ର ଲେଖି ଇଣ୍ଡିଆ ଗଜେଟରେ ପ୍ରକାଶ କରିଅଛନ୍ତି ଏବଂ ଆସାମ ଉତ୍ତରପଶ୍ଚିମ ଏବଂ ବଙ୍ଗଳାର ଶାସନ କର୍ତ୍ତାମାନଙ୍କୁ ଏ ଆଇନର କାର୍ଯ୍ୟପ୍ରତି ଅତି ସାବଧାନପୂର୍ବକ ଦୃଷ୍ଟି ରଖିବା କାରଣ ଆଦେଶ କରିଅଛନ୍ତି ଯେମନ୍ତ କୌଣସି କୁଲି ସମସ୍ତ ବୃତ୍ତାନ୍ତ ଉତ୍ତମରୂପେ ନ ବୁଝି ଆସାମକୁ ଯିବାର ଚୁକ୍ତିରେ ଆବଦ୍ଧ ନ ହୁଏ । ଆଗେ ଅନିଷ୍ଟକର ଆଇନଟି ଜାରି କରି ପଛେ ସାବଧାନ କଲେ କେତେ ରକ୍ଷା ହେବ । ବାଘକୁ ପିଞ୍ଜରାରୁ ଛାଡ଼ିଦେଇ ନିକଟସ୍ଥ ଲୋକଙ୍କୁ ସାବଧାନ କରି ଦେବା ଅନିଷ୍ଟ ନିବାରଣର ସହଜ ଉପାୟ ନୁହଇ । ଲାଟ ସାହେବଙ୍କର ଉଚିତ ଯେ ଗୋପନ ଭାବରେ କୁଲିଙ୍କର ଅବସ୍ଥା ଅନୁସନ୍ଧାନ କରାଇ ସ୍ପଷ୍ଟ କଥା ଅବଗତ ହୁଅନ୍ତୁ ଅମ୍ଭେମାନେ ଅନେକ ସ୍ଥଳରେ ଦେଖିଅଛୁଁ ଯେ କୁଲିମାନେ କେବଳ ଭ୍ରମ ଓ ଲୋଭରେ ପଡି ଆସାମକୁ ଯିବାକୁ ସମ୍ମତ ହୁଅନ୍ତି ପ୍ରକୃତ ଅବସ୍ଥା ଜାଣିବାର ସେମାନଙ୍କର କୌଣସି ଉପାୟ ନ ଥାଏ । ଏପରି ବ୍ୟକ୍ତିଙ୍କ ଚୁକ୍ତିର ମୂଲ୍ୟ କେତେ ତାହା ସ୍ଥିର କରିବାଠାରୁ ଅଳ୍ପ ସହଜ କଥା କି ଅଛି ।

---

ଓଡ଼ିଶାର ମାଇନର ଏବଂ ଭର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତି ପରୀକ୍ଷା ସମ୍ପର୍କରେ ମୁଦ୍ରିତ ଇଂରାଜୀ ପତ୍ର ଏ ପତ୍ରିକାରେ ପ୍ରକାଶିତ ହୋଇଅଛି । ଅଦ୍ୟ ଆଉ ଷଣ୍ଡିଏ ପତ୍ର ପ୍ରକାଶିତ ହେଲା । ଏ ବିଷୟରେ ଏତେ ପତ୍ର ପ୍ରକାଶ କରିବା ଅମ୍ଭମାନଙ୍କର ଇଚ୍ଛା ନୁହଇ କିନ୍ତୁ ଅମ୍ଭେମାନେ ଦେଖୁଅଛୁଁ ଯେ ପ୍ରଥମ ପତ୍ରପ୍ରେରକଙ୍କ ପ୍ରତି ଅନ୍ୟାୟ ଆକ୍ରମଣ ହୋଇଅଛି ଏବଂ ଅପ୍ରାସଙ୍ଗିକ ବିଷୟ ଯେ ସମ୍ପାଦକାନୁକା ମଧ ସେହି ଭ୍ରମରେ ପଡିଅଛନ୍ତି । ପ୍ରଥମ ପତ୍ରପ୍ରେରକଙ୍କ କଥା ଏତକ ଯେ ଯେଉଁସ୍ଥଳେ ଉକ୍ତ ପରୀକ୍ଷା ହୃଦୟରେ ଇନସ୍ପେକ୍ଟରଙ୍କର ଅତିରିକ୍ତ କର୍ତ୍ତୃତ୍ୱ ରହିଅଛି ସେସ୍ଥଳେ ସେ ବିଶେଷ ପ୍ରଶଂସାର ଦାବି କରି ନ ପାରନ୍ତି । ଏଥିରୁ ଦ୍ୱିତୀୟ ପତ୍ରପ୍ରେରକ ଏବଂ ସମ୍ପାଦକାହଳା ଏକମତ ହୋଇ ବୋଲନ୍ତି ଯେ ପ୍ରଥମ ପତ୍ରପ୍ରେରକ ରାଧାନାଥ ବାବୁଙ୍କ ଶତ୍ରୁ ଏବଂ ପରୀକ୍ଷକତା ପଦରୁ ନିରସ୍ତ ହୋଇଥିବାରୁ ତାହାଙ୍କର ଗ୍ଳାନି କରିଅଛନ୍ତି । ଏପରି ଯୁକ୍ତି ଅତ୍ୟନ୍ତ ଭୟଙ୍କର ଅଟଇ ଏବଂ ଏହାଦ୍ୱାରା ଅମ୍ଭମାନଙ୍କର ସମାଜଗତ ଗୋଟିଏ ମହତ୍ ଦୋଷ ଜଣା ପଡୁଅଛି । ଅମ୍ଭେମାନେ ନିଜର ଏବଂ ସାଧାରଣ ସମ୍ବନ୍ଧରେ ପ୍ରଭେଦ ନିଶ୍ଚୟ କରିବାକୁ ଅଦ୍ୟ ଶିକ୍ଷା କରି ନାହୁଁ । ଯେ ଆମ୍ଭର ବନ୍ଧୁ ତାହାର ସରକାରୀ କାର୍ଯ୍ୟରେ ଯେବେ ଦୋଷ ଥିବାର ବିବେଚନା ବା ବ୍ୟକ୍ତ କରୁଁ ତେବେ ଅମ୍ଭେ ତାହାର ପ୍ରକୃତ ବନ୍ଧୁ ନୋହୁଁ ତାହାର ଶତ୍ରୁ ଅଟୁଁ । ଦୁଃଖର ବିଷୟ ଯେ ସମସ୍ତ ଜଗତ ଏହି ମତକୁ ଦୂର କରି ଦେଲାଣି ନୋହିଲେ ଏଡେବଡ ଅମ୍ଭେମାନେ ଏକଚକ୍ରୀୟ ବା ନିନ୍ଦିତ ହୋଇଥାନ୍ତୁ ।

ପ୍ରସ୍ତାବିତ ବିଷୟରେ ଅମ୍ଭମାନଙ୍କର ମତ ଏହି ଯେ ପରୀକ୍ଷା କାର୍ଯ୍ୟରେ କାହାର ଲେଖକଙ୍କର ସାହାଯ୍ୟ ଅଧିକ ପରିମାଣରେ ନେବା ଅବଶ୍ୟ ବାଞ୍ଛନୀୟ ଅଟଇ । କିନ୍ତୁ ଏତିକି କଥାରୁ ସେହିମାନେ ସିଦ୍ଧାନ୍ତ କରିବେ ଯେ ବର୍ତ୍ତମାନର ପରୀକ୍ଷକମାନେ ଆପଣା କର୍ତ୍ତବ୍ୟ କର୍ମ ଯଥାଜ୍ଞାନ ଓ ବିଶ୍ୱାସ ମତେ କରି ନାହାନ୍ତି ସେମାନଙ୍କ ସହିତ ଯୁକ୍ତି କରିବା ବଡ଼ କଠିନ ବ୍ୟାପାର ଅଟଇ ।

---

ଅମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା ;—

ଗତମାସ ତା ୨୨ ଦିନରେ ଶ୍ରୀଯୁତ ବଲେଣ୍ଟାଇନ ସାହେବ ଏ ମୁକାମରେ ବର୍ତ୍ତମାନ ହୋଇ ଏକ ସପ୍ତାହ ରହି ସମସ୍ତ ଡିସ୍ପେନସାରୀ ତଦନ୍ତ କରି ତା ୨୯ ଦିନ ରବିବାର ଏଠାରୁ ମାଣିତଲ ମୁକାମକୁ ପ୍ରସ୍ଥାନ କରି ଗଲେ

Digitized by srujanika@gmail.com

part to accord praise or blame on Orissa Middle Examination results only after a similar comparision of the standards attained in the sister provinces. On the quality of the Joint Inspector's selection, *Veritas* is profoundly silent.

The next contention of "*Veritas*" is that the Joint Inspector being "the *defacto* Head of Orissa education" all educational officers are his subordinates and that because educational officers only should be appointed examiners, the objection taken by X viz. "the examiners are mostly his subordinates" is obviated. To this I have to say 1st that the major premises of *Veritas* is incorrect, the "Joint" is not the monarch of all he surveys in educational Orissa; and 2nd that it is not fair where the number of Vernacular-knowing independent educational officers is small—a circumstance peculiar to Orissa to confine appointment of examiners to the Education Department only. *Veritas* jocosely remarks that officers of the P. W. D. or of the Court of Wards Estates, of Customs or the Forest Department should not be allowed to wear the diadem of an examiner. *Veritas* is perhaps ignorant of the fact that the University does not consider it *infra dig* to select its examiners from among such officers when occasion requires. I would refer him to the University calenders to see that unlike his so-called "*Defacto* Head" of Orissa education that revered institution is not afraid to invite independent eyes to watch the progress of its *alumni*.

The status of the "Joint" is not so high in the Department or in Government service as could render all his doubtful proceedings unquestionable and is it not fair Mr. Editor to enable the general public to form an impartial estimate of the results achieved in the province, on the part of the Joint Inspector to appoint independent outsiders as examiners. There are Uriya graduates, Sub-Deputies and respectable officers—well educated in all the various Government offices of Orissa and why should not the "Joint" give opportunities to gentlemen such as these to examine the spread of middle education for which he claims so much credit?

*Veritas* knows full well that his "Head" upholds the work of an independent examiner in the Primary scholarship examination and the venerable Inspector W. C. too in his report to the Director P. I. on the still pending "Cuttack Erasure case" commends the labors of "independent Examiners" which reduce the high percentage of success 75 obtained in the P. S. Examination results in Mafossil Centres by dint of "subordinate" agency to so low as 9 at the Cuttack Centre and why should *Veritas* himself resent if X happens to carp at figures blown with the help of the already condemned "Subordinate" Examiners in the M. S. Examinations?

"Veritas" will not believe that the Joint Inspector "has a voice almost potential in altering the questions according to his own fancy and occassionally exercising his best influence over an examiner to allow liberal marks to candidates" but he affirms in the same breath that "it is the duty of all the Inspectors to see whether questions framed by an examiner are suitable or not * * * and to suggest any modification when seemed necessary" Is not this latter statement a partial confirmation of the former? *Veritas* further says that his "Head" has told him that he exercises this right very sparingly. Now will Mr. *Veritas* refer to the Examiner of English for 1877 now in Krishnagar, or the Examiner of Arithmetic for 1878 on the Lower Vernacular Examination for the same year in Arithmetic? His contradiction will be credible only after these references are published. Will the "Joint" deny that he lavishes grace marks according to his own "discretion"? The silence of *Veritas*, on this point is significant. If Inspectors are to set question papers and give grace marks why go through the farce of appointing Examiners? If again "*Veritas*" is correct in his assumption that Inspector shall do as they like I think it is not fair on the part of such officers to accept congratulations, as some have done, from superior officers for success appraised by themselves. *Veritas* cites you, Mr. Editor as witness in his favor but I dare say his "Head" gave you too few opportunities to enable you to give any positive evidence either way. Surely the office of the Joint Inspector should always be above-board but lately we have had the misfortune to hear a great deal of its august practices You yourself have supported most of the charges brought forward lately by Babu D. N. Bannerjee in your paper in connection with the Joint's distribution of patronage to books and authors. And while we are told by the identical Mr. Bannerjea on the authority of an ostensible author that a literary work, the out come of a joint agency received eulogistically in the "Balasore Bahika" by the 'Joint' and awarded subsequently with a Govt. reward uncontested by the same "Joint" in his official capacity, I am disposed to consider this so called "modification of question papers" "privileged award of grace marks" to be no offence of higher magnitude.

I would beg to ask *Veritas* to move his "Head" to break up henceforth the monopoly of "subordinate" officers in the examination business, excluding of course in perpetuity any rejected applicant for examinership, however mortified & however beseeching.

Yours

30—1—82 *Pro Bono Publico.*

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୌରଚରଣ ଘୋଷ | ଉଦୟପୁର | ଅଗ୍ରିମ ୫ [illegible] |
| " ହରକୃଷ୍ଣ ଘୋଷ | କଟକ | ବକେୟା ୫ [illegible] |
| " ଯମୁନା | [illegible] | ଅଗ୍ରିମ ୫ [illegible] |
| " ବସନ୍ତକୁମାର ସିଂହ | [illegible] | ବକେୟା ୫ [illegible] |
| " ବୈଷ୍ଣବ ମହାନ୍ତି | [illegible] | ଅଗ୍ରିମ ୫ [illegible] |
| " ରାମକୃଷ୍ଣ ଘୋଷ | କାଶୀ | ବକେୟା ୫ [illegible] |

ଏହି ପତ୍ରିକା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଅସ୍ମମାନଙ୍କର ମାନ୍ୟବର ଶ୍ରୀଯୁକ୍ତ ସୁପରଣ୍ଟେଣ୍ଡେଣ୍ଟ ସାହେବ ମହୋଦୟ ଗତତମାସ ତା ୧୭ ରିଖରେ ଗଡ଼ରେ ପହୁଞ୍ଚି କେବଳ ତ ୩ ନ ରହି ଏ ଗଡ଼ଜାତ ସଙ୍କାନ୍ତ କାର୍ଯ୍ୟର କାଗଜପତ୍ର ଇତ୍ୟାଦ ତଦାରଖ କରି ତା ୧୯ ରିଖରେ ପୁନଶ୍ଚ କଟକକୁ ଫେରି ଗଲେ । ପ୍ରଥମ ଦିନ ଗଡ଼ ମଧ୍ୟସ୍ଥିତ ଡାକ୍ତରଖାନା, ଜେଲ ପ୍ରଭୃତି କାର୍ଯ୍ୟମାନ ପରିଦର୍ଶନ କରି, ମାଇନର ଓ ଯୁବରାଜ ସ୍କୁଲ ବାଳକମାନଙ୍କର ବାର୍ଷିକ ପାରିତୋଷିକ ବିତରଣ କାର୍ଯ୍ୟ ଶେଷ କଲେ । ମଧ୍ୟ ସାହେବ ମହାଶୟ ଦଣ୍ଡାୟମାନ ହୋଇ ଅନେକକ୍ଷଣ ପର୍ଯ୍ୟନ୍ତ ଶିକ୍ଷା ସମ୍ବନ୍ଧରେ ବାଳକମାନଙ୍କ ପ୍ରତି ସୁଦୀର୍ଘ ଗୋଟିଏ ଉତ୍ସାହଜନକ ବକ୍ତୃତା କରି କହିଥିଲେ କି, ଅଧ୍ୟାପନାକାର୍ଯ୍ୟ ଶେଷ କରି ଗୃହକୁ ଗଲେ ସୁଦ୍ଧା ପଢାପଢି ବ୍ୟବସାୟରୁ ବଞ୍ଚିତ ହେବା କୌଣସି ପ୍ରକାରେ ମନୁଷ୍ୟର କର୍ତ୍ତବ୍ୟକର୍ମ ନୁହେ ଯଦିବା ଅମ୍ଭେ ଅବସର ଅନୁସାରେ ପଢୁଁ ତଥାପି ଆମ୍ଭର ଏପରି ପଢାରେ ତୃପ୍ତି ଜନ୍ମେ ନାହିଁ । ସମୟାଭାବରୁ ଅମ୍ଭେ ଇଚ୍ଛାମତ ପଢି ନ ପାରି ବଡ଼ ଦୁଃଖିତ ଅଛୁଁ । ଅନନ୍ତର ମଧ୍ୟ ଏ ସ୍ଥଳରେ ବାଳିକା ଶିକ୍ଷାର ପ୍ରଥା ଆଦୌ ପ୍ରଚଳିତ ନ ଥିବାରୁ ବିଶେଷ ଦୁଃଖ ପ୍ରକାଶ କଲେ । ଏଥିନିମିତ୍ତ ସାହେବ ମହୋଦୟଙ୍କୁ ଅମ୍ଭେମାନେ ଅଶେଷ ଧନ୍ୟବାଦ ଦେଉଅଛୁଁ ଶେଷଦିନ ପ୍ରଜାମାନେ ଦଳବଦ୍ଧ ହୋଇ ବନମାଳୀ ବାବୁ ମକଦ୍ଦମା ଇତ୍ୟାଦ ଉଠିବା ବିଷୟରେ ଦରଖାସ୍ତ ଶୁଣାଣି ଅନେକ ପ୍ରକାରେ ଓଜର କରିଥିଲେ ତନ୍ନ ସାହେବ ମହାଶୟ ପ୍ରଜାମାନଙ୍କୁ ଦରଖାସ୍ତ କୋମଳ ଭାବରେ ବୁଝାଇ ଦେଲେ ଯେ; ମାନେଜର ଆପଣାର ସ୍ୱାସ୍ଥ୍ୟଲାଭ ନିମିତ୍ତ ସ୍ୱଇଚ୍ଛାରେ ଛୁଟି ନେଇ ଅଛନ୍ତି, ତାଙ୍କର ଯେତେବେଳେ ଇଚ୍ଛା ହେବ; ସେତେବେଳେ ସେ ଆପଣା କାର୍ଯ୍ୟର ଭାର ଗ୍ରହଣକରି ପାରିବେ । ଏପରି ସାହେବଙ୍କଠାରେ ଆପଣା ଆପଣା ଦୁଃଖ ସୁଖ ଜଣାଇବା ନିମିତ୍ତ ଅନେକଗୁଡିଏ ଲୋକ ଜମିଥିଲେ ତନ୍ନ ସାହେବ ସେମାନଙ୍କୁ କିଛି ପଚାରିଲେ ନାହିଁ । ଇତି

ନ ।—
ଢେଙ୍କାନାଳ

# ବ ନ ବା ଳା

## ନାଟକାଭିନୟ ।

ମାଛୁଆବଜାର ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ କୋଠା ନିକଟ ବାବୁ ହରିଧନ ଘୋଷଙ୍କ କୋଠାଠାରେ ଅଦ୍ୟ ରାତ୍ର ୯ଘଣ୍ଟା ସମୟରେ ଏ ନୂତନ ଓଡିଆ ନାଟକର ଅଭିନୟ ହେବ । ବିନା ଟିକଟରେ କେହି ଦେଖି ପାରିବେ ନାହିଁ ଟିକଟ କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଆଉ ଅଭିନୟ ଦିନ ଅଭିନୟ ସ୍ଥାନରେ ପ୍ରାପ୍ତବ୍ୟ । ଗ୍ରାହକମାନଙ୍କ ନିକଟକୁ ପୂର୍ବରୁ ଟିକଟ ପଠାଯିବ ।

ପ୍ରଥମ ଶ୍ରେଣୀ ଟ ୧ ୮
ଦ୍ୱିତୀୟ ଶ୍ରେଣୀ ଟ ୦ ୪

ପ୍ରକାଶ ଥାଉ କି ଅଭିନୟ ସ୍ଥଳରେ ରାତ୍ର ଘ ୧୦ ଘଣ୍ଟା ପର୍ଯ୍ୟନ୍ତ ଟିକଟ ବିକ୍ରୟ ହେବ; ତହିଁ ଉତ୍ତାରୁ ଦ୍ୱାର ବନ୍ଦ ହେବ । ସର୍ବସାଧାରଣଙ୍କ ନିକଟରେ ପ୍ରାର୍ଥନା ଯେ ନିୟମିତ ସମୟ ପୂର୍ବରୁ ସମସ୍ତେ ଉପସ୍ଥିତ ହେବେ ।

କଟକ
୨୦।୧।୮୭ } ଶ୍ରୀ ଗୋପାଳଚନ୍ଦ୍ର ଦତ୍ତ
ସମ୍ପାଦକ

## ବିଜ୍ଞାପନ ।

ଅଗାମୀ ମାର୍ଚ୍ଚ ମାସ ତା ୧ ଦିନଠାରୁ କଟକ ସର୍ଭେସ୍କୁଲରେ ଛାତ୍ର ଗୃହୀତ ହେବେ । ଛାତ୍ରବୃତ୍ତି କମ୍ବା ମ ଇନର ବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ବା ତଦପେକ୍ଷା ଅଧିକ ଶିକ୍ଷାପ୍ରାପ୍ତ ଛାତ୍ର ଗ୍ରହଣ କରାଯିବ । ବୃତ୍ତିପ୍ରାପ୍ତ ଛାତ୍ରମାନେ ଏହି ବିଦ୍ୟାଳୟରେ ବୃତ୍ତି ପ୍ରାପ୍ତ ହୁଅନ୍ତି ଓ ବିନା ବେତନରେ ଅଧ୍ୟୟନ କରନ୍ତି । ଆଉ ଯେଉଁମାନେ ବୃତ୍ତିଭୋଗୀ ନୁହନ୍ତି ସେମାନଙ୍କୁ ମାସିକ ଏକ ଟଙ୍କା ବେତନ ଦେବାକୁ ହେବ । ଏହି ବିଦ୍ୟାଳୟରେ ଦୁଇ ବର୍ଷ ଅଧ୍ୟୟନ କରିବାକୁ ହୁଏ । ୧ ମ ବର୍ଷର ପାଠ ସମାପନାନ୍ତେ ଯେ ପରୀକ୍ଷା ହୁଏ ସେହି ପରୀକ୍ଷାରେ ସଂତୋଷଜନକ ରୂପେ ଉତ୍ତୀର୍ଣ୍ଣ ଛାତ୍ରଙ୍କୁ ମାସିକ ବୃତ୍ତି ଟ ୪ ଦିଆ ଯାଏ । ତଦନନ୍ତର ୨ ୟ ବର୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଶ୍ରୀଯୁକ୍ତ ଡାଇରେକ୍ଟର ସାହେବ ମହୋଦୟ ସ୍ୱୟଂ ସାର୍ଟିଫିକଟ ଦିଅନ୍ତି । ଏହି ବିଦ୍ୟାଳୟର ଉତ୍ତୀର୍ଣ୍ଣ ବା ଅନୁତ୍ତୀର୍ଣ୍ଣ ଛାତ୍ରମାନେହିଁ କର୍ମ ପ୍ରାପ୍ତ ହୁଅନ୍ତି ପ୍ରାୟ କେହି ଅନେ କର୍ମ ନ ପାଇ ରହି ନାହାନ୍ତି । ଏହି ବିଦ୍ୟାଳୟରେ ଅଧ୍ୟୟନ କରି କର୍ମ ଅନାୟାସରେ ପ୍ରାପ୍ତ ହେଉଛି ଅନ୍ୟ କେଉଁଠାରେ ଏପରି ଦେଖାଯାଏ ନାହିଁ । ଇତି ।

ତା ୩୧ ମସ ଜାନୁଏରୀ } S Ageb
ସନ ୧୮୮୭ ମସିହା } କଟକ ଟେକନିକାଲ୍ କଲେଜର ଅଧ୍ୟକ୍ଷ

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକଲ୍ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍ସକୁ ଟଙ୍କା । ୮ ଅଉନ୍ସକୁ ଟ ୧୧ ଣା । ୧୬ ଅଉନ୍ସକୁ ଟ ୨।୦ ମୂଲ୍ୟ ନଗଦ ।

## ବିଜ୍ଞାପନ ।

ପ୍ରସ୍ତାବିତ କୃଷିଶିକ୍ଷାସମ୍ବନ୍ଧୀୟ ପ୍ରଥମ ପୁସ୍ତକର ଯେଉଁ ଯେଉଁ ଅଧ୍ୟାୟରେ ଯେଉଁ ଯେଉଁ ବିଷୟ ଲେଖିବାକୁ ହେବ ତାହା ତଳେ ପ୍ରକାଶ କରାଗଲା । ଯଥା,

### ପ୍ରଥମ ଅଧ୍ୟାୟ ।

ଏହି ଅଧ୍ୟାୟରେ ଗୃଷର ବ୍ୟବହାର ଓ ତହିଁର ଫଳଦାୟକତା ସମ୍ବନ୍ଧରେ ଓ ଏଦେଶର ବ୍ୟବହାରନିମିତ୍ତ ଯାହା ନିତାନ୍ତ ପ୍ରୟୋଜନ ତହିଁ ଅପେକ୍ଷା ଅଉ ଅଉ ଫସଲ ଉତ୍ପନ୍ନ କରିବାର ବାଞ୍ଛନୀୟତା ସମ୍ବନ୍ଧରେ ସଂକ୍ଷେପ ବିବରଣ ଲେଖିବାକୁ ହେବ, କାରଣ ଆଜି କାଲି ସମୟରେ ବାଟଘାଟ ସୁବିଧା ଦୃଷ୍ଟିରେ ପ୍ରାୟ ପ୍ରତ୍ୟେକ ଗ୍ରାମ ରପ୍ତାନିର ପ୍ରଧାନ ପ୍ରଧାନ କେନ୍ଦ୍ର ମଧ୍ୟରେ ବିକ୍ରୟଯୋଗ୍ୟ ସ୍ଥାନର ଅନ୍ତର୍ଗତ ପଡୁଥିବାରୁ ସେହି ସେହି ଫସଲମାନଙ୍କ ଦ୍ୱାରା ଉଚିତ ଲାଭ ପ୍ରାପ୍ତିର ନିତାନ୍ତ ସମ୍ଭାବନା ।

ଏହି ଅଧ୍ୟାୟଟି ଭୂମିକାସ୍ୱରୂପେ ଲେଖା ଯାଇ ତାହା ଦୁଇ ପୃଷ୍ଠାରୁ ଅଧିକ ହେବ ନାହିଁ ।

### ଦ୍ୱିତୀୟ ଅଧ୍ୟାୟ ।

### ଗୃଷର ଉପକରଣ ।

ସଚରାଚର ଗୃଷର ଯେଉଁ ଅସ୍ତ୍ରଶସ୍ତ୍ର ବ୍ୟବହାର ହେଉଥାଏ ତାହା ଯେପରି ଉତ୍କୃଷ୍ଟ ହୋଇ ପାରେ ତାହା ସବୁ ଏହି ଅଧ୍ୟାୟରେ ଲେଖିବାକୁ ହେବ ବାଷ୍ପୀୟ ହଳ ଓ ସେହିପରି ଅନ୍ୟାନ୍ୟ ଗୃଷ ସମ୍ପର୍କୀୟ ବିଦେଶୀୟ ଅସ୍ତ୍ରଶସ୍ତ୍ର କି ଯାହା ପାଠକେ ବୁଝି ପାରିବେ ନାହିଁ ସେହି ସବୁ ବିଷୟରେ ପରିଦେୟତା ଲେଖିବାର ପ୍ରୟୋଜନ ନାହିଁ । ତନ୍ନ ଯେଉଁ ଯେଉଁ ଅସ୍ତ୍ର ସବୁ ଏହି ପ୍ରଦେଶରେ ବ୍ୟବହୃତ ହେଉଅଛି ତାହା ସବୁ ନିକଟବର୍ତ୍ତୀ ଅନ୍ୟାନ୍ୟ ଜିଲାର ବ୍ୟବହୃତ ଅସ୍ତ୍ରାଦି ସଙ୍ଗେ ତୁଳନା କରି ପ୍ରତ୍ୟେକର ଉତ୍କୃଷ୍ଟତା ଦେଖାଇବାକୁ ହେବ ।

### ତୃତୀୟ ଅଧ୍ୟାୟ ।

ଏହି ଅଧ୍ୟାୟରେ ମୃତ୍ତିକାର ପ୍ରକୃତି ଓ ଶ୍ରେଣୀବିଭାଗ ଓ ପ୍ରସ୍ତୁତ ଓ ତହିଁର ଉନ୍ନତିସାଧନ ଏବଂ ଉପରସ୍ଥ ମୃତ୍ତିକା ଓ ତଳୀର ଜୀବନ ଉପରେ ନିମ୍ନସ୍ଥ ମୃତ୍ତିକାର ଯେଉଁ ବଳ ଏହି ଏହି ସମ୍ବନ୍ଧରେ ସଂକ୍ଷେପ ବିବରଣ ଲେଖିବାକୁ ହେବ ଏବଂ ଗୃଷ ଜମିର ପ୍ରକୃତ ବିଭାଗ ଓ ମୃତ୍ତିକା ଓ ସ୍ଥାନ ଓ ଜଳସେଚନ ଓ ଭୂମିର ଉର୍ବରତା କରିବା

Split by PDF Splitter

Digitized by srujanika@gmail.com

Split by PDF Splitter



ଓ ହତ ବାନ୍ଧିବା ଓ ପାଣିନିଗିଡ଼ିଯିବା ଦୃଷ୍ଟିରେ ଯେଉଁ ଫସଲ ଉପଯୋଗୀ ହୋଇ ପାରେ ତାହା ଲେଖିବାକୁ ହେବ, ମଧ୍ୟ ନାଳକୂଳ କିମ୍ବା ଅନ୍ୟ ପ୍ରକାରେ ମଡ଼ାଇବା ଜଳ ସାହାଯ୍ୟରେ ଫସଲ ସବୁ କିପରି ଶୀଘ୍ର ବୁଣା ଯାଇ ପାରିବ ଓ ଯେପରି ଘୋର ବୃଷ୍ଟି ସମୟରେ ଛଳ ଗଛ ସବୁ ନଷ୍ଟ ହୋଇ ନ ପାରିବ ଏହା ସବୁ ଦେଖାଇବାକୁ ହେବ । ପ୍ରଶସ୍ତ ବଦନ ବୁଣିବାର ଓ ଛଳ ରୁଅଇବାର ଏହି ଦୁହିଙ୍କର ଗୁଣ ତୁଳନା କରିବାକୁ ହେବ ।

---

## ଚତୁର୍ଥ ଅଧ୍ୟାୟ ।

ନାନାବିଧ ସାର ଓ ତହିଁର ପ୍ରକୃତି ଓ ଗୁଣ ଏବଂ ପ୍ରୟୋଗର କଥା ।

ଜାନ୍ତବସାର, ଅର୍ଥାତ୍ ଜନ୍ତୁମାନଙ୍କ ମଳ ମାଂସ ଓ ମସ୍ତ୍ୟ ଓ ଚର୍ବି, କେଶ, ଶୃଙ୍ଗ, ପକ୍ଷ, ହାଡ଼ଗୁଣ୍ଡିପ୍ରଭୃତି ।

ଉଦ୍ଭିଦସାର ଅର୍ଥାତ୍ ଫଳ ହୋଇ ଶୁଖି ସଡ଼ି ଯାଇଥିବା ଶାକସବଜି ଓ ଘାସପ୍ରଭୃତି ଓ ଜଳଜାତ ଦଳପ୍ରଭୃତି, ପିଡ଼ିଆ, ପତ୍ର ଓ ଶସ୍ୟର ମୂଳପ୍ରଭୃତି ।

ମୈତ୍ତିକସାର, ଅର୍ଥାତ୍ ଗଡ଼ିଆ ବା ନଦୀର ପଙ୍କ, ସାମୁଦ୍ରିକ ପଙ୍କପ୍ରଭୃତି ।

ଉପରୋକ୍ତ ସାର ଛଡ଼ା ଖଡ଼ି ଓ ଚୂନ ଓ ପଥର ଓ କାଦୁଅ ଓ ପଟୁ ଏହା ସବୁ ସାର ମଧ୍ୟରେ ଯୋଗ କରିବାକୁ ହେବ ଏବଂ କେଉଁ ସମୟରେ ଓ କେଉଁ ନିୟମରେ ଓ କେଉଁ ପରିମାଣରେ ଓ କିପରି ସାର ପ୍ରସ୍ତୁତ କରି ପ୍ରୟୋଗ କରିବାକୁ ହେବ ତାହାସବୁ ଲେଖିବାକୁ ହେବ ।

ଉପରୋକ୍ତ ସାର ବିଷୟ ସକଳ ଉପଲକ୍ଷରେ ସାଧାରଣ ବିବରଣ ଲେଖିଲା ଉତ୍ତାରେ ବର୍ତ୍ତମାନରେ ଯେଉଁ ସାରର ବ୍ୟବହାର ହେଉଅଛି ତହିଁର ବିବରଣ ଓ ତାହା କିପରି ଅଧିକ ଉତ୍ତମରୂପେ ସଞ୍ଚୟ ହୋଇ ବ୍ୟବହୃତ ହୋଇପାରିବ ତାହା ଲେଖିବାକୁ ହେବ । ମଧ୍ୟ ଆଉ କେଉଁ ପଦାର୍ଥ ସବୁ ସ୍ଥାନବିଶେଷରେ ମିଳି ସାରସ୍ୱରୂପେ ବ୍ୟବହୃତ ହୋଇ ପାରିବ ତାହା ସବୁ ବ୍ୟବହାର କରିବାର ନିୟମ ଏହି ବିଷୟରେ ବିଶେଷ ଉଲ୍ଲେଖ କରିବାକୁ ହେବ ।

---

## ପଞ୍ଚମ ଅଧ୍ୟାୟ ।

ଫସଲର କୃଷି ।

ଦେଶର ଭିନ୍ନ ଅଞ୍ଚଳରେ ଯେଉଁ ଶସ୍ୟ ସବୁ ଉତ୍ପନ୍ନ ହୁଅଇ ପ୍ରତ୍ୟେକ ଫସଲ ପକ୍ଷରେ କେଉଁ ମୃତ୍ତିକା ଉତ୍ତମରୂପେ ଉପଯୋଗୀ ଅଟଇ ଓ କାହିଁକି ।

କେଉଁ ଫସଲ କି ବର୍ତ୍ତମାନ ଯେଉଁ ଫସଲର କୃଷି ହେଉ ନାହିଁ ସେହି ଫସଲର କୃଷି ଉତ୍ତମରୂପେ କେଉଁଠାରେ ହୋଇ ପାରେ । ବର୍ତ୍ତମାନ ପ୍ରଚଳିତ କୃଷିର ପ୍ରଣାଳୀ ଓ ତହିଁର କି କି ଉନ୍ନତିର ଆବଶ୍ୟକ ଓ କୃଷକମାନଙ୍କର ଥିବା ସଙ୍ଗତି ଦୃଷ୍ଟିରେ ତାହା କି ପର୍ଯ୍ୟନ୍ତ ହୋଇ ପାରେ ।

ଧାନ୍ୟାଦି ଖାଦ୍ୟ ଫସଲ ।—ଧାନ, ଗହମ, ଯବ, ଓଟ୍‌ନାମକ ଶସ୍ୟ ( ଅର୍ଥାତ୍ ଏକ ପ୍ରକାର ଇଂଲଣ୍ଡୀୟ ଯବ ), ମକ୍କା ଓ ବାଜରା, ଭିନ୍ନ ପ୍ରକାର ଡାଲି ଫସଲପ୍ରଭୃତି । ଓଡ଼ିଶାର ପ୍ରଧାନ ଶସ୍ୟସ୍ୱରୂପେ ଧାନ୍ୟ ଫସଲର କୃଷି ଅର୍ଥାତ୍ ବିଆଳି, ଶାରଦ ଓ ଦାଳୁଅ ଏହି ତିନି ଫସଲର କୃଷିବିଷୟକ ସମ୍ପୂର୍ଣ୍ଣ ବିବରଣ ପୃଥକ୍ କରି ଲେଖିବାକୁ ହେବ ।

ପନିଅସ୍ତ୍ର ପ୍ରଭୃତି ଫସଲ ।—ବାଇଗଣ, କଦଳୀ, ଦେଶୀଆଳୁ, ପଟୋଳ, ସାରୁ, ଗୋଲଆଳୁ, ମୂଳା, ସାଲଗମ, ଗାଜର, କଟୁ, ହଳଦୀ, ପିଆଜ, ଲାଉ, କଖାରୁ, କାଇଡ଼ୀ, ଫୁଟି, ବେଗା, ଅଲୁବୁଟ, ଅଦା, ଆଖୁ, ଲଙ୍କାମରିଚ, ପାନ, ଧୂଆଁପତ୍ର ପ୍ରଭୃତି ।

ତୈଳଜ ଫସଲ ।—ସୋରିଷ, ରାଶି, ପେଶିଂ ଗଜପ୍ରଭୃତି ଫସଲର କୃଷି ବିବରଣ ।

ଝୋଟ ଫସଲ ।—କପା, ନଳିତା, ଛଣପଟ, ଧନଗୃପ୍ରଭୃତି ଫସଲର କୃଷି ବିବରଣ ।

ରଙ୍ଗ ସମ୍ବନ୍ଧେ ଯେଉଁ ଫସଲ କରାଯାଏ ।—ଅଳୁ, କୁସୁମ, ନୀଳପ୍ରଭୃତି ଫସଲର କୃଷି ବିବରଣ ।

ପଶୁମାନଙ୍କ ଖାଦ୍ୟ ଘାସପ୍ରଭୃତିର ଫସଲର କୃଷି ବିବରଣ ।

ତାଳବା କାଷ୍ଠାଦି ଫସଲର କୃଷି ବିବରଣ ।

ଫଳ ବୃକ୍ଷାଦିର କୃଷି ।—ନଡ଼ିଆ, ଅମ୍ବ, ପଣସପ୍ରଭୃତି ।

ସୁବିଧା ଥିଲେ ଦେଖିବା ସମ୍ବନ୍ଧେ ଏଠାରେ ଗୋଟିଏ ନକ୍ସା ଦେବାକୁ ହେବ ଯେ ତହିଁରେ ପ୍ରତ୍ୟେକ ଫସଲର ବୁଣିବା ଓ କାଟିବାର ସମୟ ସଂକ୍ଷେପରେ ଦେଖାଇବାକୁ ହେବ ।

---

## ଷଷ୍ଠ ଅଧ୍ୟାୟ ।

ବଦନକୁ ମନୋଜାତ ଓ ରକ୍ଷାକରିବା ଓ ଶସ୍ୟ କ୍ଷେତରେ ଥିବା ସମୟରେ ଅଥବା ତାହା ଅମାରରେ ଥିବା ସମୟରେ ପୋକ ଲାଗିଲେ ସେହି ପୋକ କେଉଁ ଉତ୍ତମ ଉପାୟଦ୍ୱାରା ନଷ୍ଟ ହୋଇ ପାରିବ ଏହି ସବୁ ବିଷୟ ଏହି ଅଧ୍ୟାୟରେ ଲେଖିବାକୁ ହେବ ।

---

## ସପ୍ତମ ଅଧ୍ୟାୟ ।

ଫସଲମାନଙ୍କର ପରିବର୍ତ୍ତନ ।—ଭିନ୍ନ ଅଧିକ ଓ ଶୋଷକ ଶକ୍ତିବିଶିଷ୍ଟ ବୃକ୍ଷସବୁ କିପରି ଓ କେତେ ଅଂଶରେ ମୃତ୍ତିକାର ଶକ୍ତି ହ୍ରାସ କରନ୍ତି ଓ ଏକ ଶସ୍ୟ ପରେ ଅନ୍ୟ ଶସ୍ୟ ବପନଦ୍ୱାରା କେଉଁ ଉତ୍ତମ ଉପାୟରେ ସେହି ମୃତ୍ତିକାର ଶକ୍ତି ହ୍ରାସ ନିବାରଣ ହୋଇ ପାରିବ ଏହି ବିଷୟ ସବୁ ଏହି ଅଧ୍ୟାୟରେ ଲେଖିବାକୁ ହେବ।

---

## ଅଷ୍ଟମ ଅଧ୍ୟାୟ ।

କୃଷିକାର୍ଯ୍ୟର ଉପଯୋଗୀ ପଶୁ ।—ଅର୍ଥାତ୍ ବଳଦ ଓ ମଇଁଷି ଏହିମାନଙ୍କର ଭିନ୍ନ ଜାତି ଓ ସେମାନଙ୍କର ଉତ୍ତମ ଗୁଣ ଓ ଦୋଷାଦିର ଲକ୍ଷଣ ଓ ସେମାନଙ୍କର ଅପକୃଷ୍ଟତାର କାରଣ ଓ କେଉଁ ଉତ୍ତମ ଉପାୟଦ୍ୱାରା ସେମାନଙ୍କ ବଂଶର ଉନ୍ନତି ହୋଇ ପାରିବ ଓ ସେମାନଙ୍କୁ ଉତ୍ତମ ଆହାର ଦିଆ ଯାଇ ପାରିବ ଏବଂ ଉତ୍ତମସ୍ଥାନରେ ରଖାଯାଇ ପାରିବ ଏହି ବିଷୟ ସବୁ ଏହି ଅଧ୍ୟାୟରେ ଲେଖିବାକୁ ହେବ ।

ରୋଗ ସମୟରେ ହ୍ୟାକଲ ଓ ଚିକିତ୍ସାର ନିୟମ ।—ଫାଟୁଆ ରୋଗର ଚିକିତ୍ସାସମ୍ବନ୍ଧରେ ଷ୍ଟର୍ଲିଙ୍ଗ ସାହେବଙ୍କ ନିୟମ ଓ ପଶୁମାନଙ୍କ ମଧ୍ୟରେ ତାଁ ଅଭ୍ରେଗ ଉପସ୍ଥିତ ହେଲେ ସେମାନଙ୍କୁ ପୃଥକ୍ କରି ରଖିବାର ଉପକାରିତା ପ୍ରଭୃତି ବିଶେଷରୂପେ ଉଲ୍ଲେଖ କରି ଲେଖିବାକୁ ହେବ ।

---

* ମୂଳ ପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଖ ୧୭ ଶ
ସଂ ୬ ଖ୍ୟା

ତା ୧୧ ଇଙ୍ଗ ମାହେ ଫିବ୍ରୁଏରି ସନ ୧୮୮୨ ମସିହା । ମୁ । ଫାଲ୍ଗୁନ ବ ୨ ନ ସନ ୧୨୮୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୦
ମଫସଲପାଇଁ ଡାକମାସୁଲ ଟ ୧।୶

ସ୍କୁଲର ଇନ୍‌ସ୍ପେକ୍ଟର ବାବୁ ଭୂଦେବ ମୁଖୁର୍ଯ୍ୟା ସି, ଆଇ, ଇ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ନିଯୁକ୍ତ ହୋଇ ଅଛନ୍ତି । ଭୂଦେବ ବାବୁ ଶିକ୍ଷା ବିଭାଗରେ ଯଶ ଯୋଗ୍ୟତା ସହିତ କାର୍ଯ୍ୟ କରି ଏପ୍ରକାର ସମ୍ମାନର ଯୋଗ୍ୟ ହୋଇ ଅଛନ୍ତି ।

———

କଟକ ଖାସମାହାଲର ପ୍ରଜାମାନେ ପୁନର୍ବାର ଯାଗ୍ରତ ହେବାର ଦେଖାଯାଏ । ଗତ ମଙ୍ଗଳବାର ପ୍ରାୟ ଏକଶତ ପ୍ରଜା ନୂତନ ବନ୍ଦୋବସ୍ତ ବିରୁଦ୍ଧରେ ଶ୍ରୀଯୁକ୍ତ କମିଶ୍ନର ସାହେବଙ୍କଠାରେ ଉପସ୍ଥିତ ହୋଇ ଦରଖାସ୍ତ ଦେଇଥିଲେ । ସାହେବ ସେମାନଙ୍କର ଗୁହାରି ଶୁଣିବେ ବୋଲି କହିଅଛନ୍ତି । କମିଶ୍ନର ସାହେବ ଯେବେ ଖାସମାହାଲ ବନ୍ଦୋବସ୍ତର ସକଳ ଦୋଷ ବିଷୟରେ ବିବେଚନା କରନ୍ତି ତେବେ ପ୍ରଜାଙ୍କର ଦୁଃଖ ଯିବ ନୋହିଲେ ଅଙ୍କ ପ୍ରଜାଙ୍କୁ ହୁଇଟା ମିଠା କହି ଫେରିଲେ କିଛି ହେବ ନାହିଁ ।

—※—

ଆଉ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଗତ ଶନିବାର ନାଟ୍ୟକାଉନ୍‌ସି ସ୍କୁଲରେ ବାବୁ ଶ୍ୟାମସୁନ୍ଦର ଦତ୍ତ ପୁଲିସ ଇନ୍‌ସ୍ପେକ୍ଟର ଶାନ୍ତି ରକ୍ଷା ବିଷୟରେ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବାବୁ କାଳିପଦ ବାନାର୍ଜୀ ଆପଣା ଘରୁ ମଜଲିସର ଦ୍ରବ୍ୟାଦି ଯୋଗାଇବାରେ ବିସ୍ତର ସାହାଯ୍ୟ କରିଥିଲେ । ଆଉ ଦୁଇଜଣ ଶିକ୍ଷିତ ନବ୍ୟସଭ୍ୟ ସୁରଦେବଙ୍କର ଭକ୍ତିଭାବରେ ଜ୍ଞାନଶୂନ୍ୟ ହୋଇ ମଜଲିସରେ ଓ ଜଣେ ପର୍ଦ୍ଦା ଭିତରେ ସଭ୍ୟମଣ୍ଡଳୀଙ୍କୁ ଯଥେଷ୍ଟ ବିରକ୍ତ କରିଥିଲେ । ଦୁଃଖର ବିଷୟ ଯେ ଅଭିନୟର ମାନେଜର ମହାଶୟ ଏମାନଙ୍କୁ ପୁଲିସ ହସ୍ତରେ ଅର୍ପଣ କଲେ ନାହିଁ ତାହା ହେଲେ ଏମାନଙ୍କର ଯଥାର୍ଥ ପ୍ରତୀକାର ହୋଇଥାନ୍ତା ।

———

କଟକ ରେଭେନସା କଲେଜ ସଙ୍ଗରେ ଗୋଟିଏ ଛାତ୍ର ନିବାସ ଅଦ୍ୟାପି ସ୍ଥାପିତ ହୋଇ ନ ଥିବାରୁ ଜଣେ ପତ୍ରପ୍ରେରକ ବଡ଼ ଦୁଃଖ ପ୍ରକାଶ କରିଅଛନ୍ତି । ବାସ୍ତବରେ ଏହା ଶୋଚନୀୟ ବିଷୟ ଅଟଇ । ଗୋଟିଏ ଛାତ୍ର ନିବାସ ଏଠାରେ ସ୍ଥାପିତ ହେବାର ପ୍ରସ୍ତାବ ଏକ ସମୟରେ ହୋଇଥିବାର ଆମ୍ଭେମାନେ ଶୁଣିଥିଲୁଁ ମାତ୍ର ତହିଁର ଆଉ କିଛି ବୃତ୍ତାନ୍ତ ଜଣା ନାହିଁ । ପତ୍ରପ୍ରେରକ ବୋଲନ୍ତି କି ମୟୂରଭଞ୍ଜର ମହାରାଜା ଏହି କାର୍ଯ୍ୟ ନିମିତ୍ତ ଦଶହଜାର ଟଙ୍କା ଦେବା କାରଣ ପ୍ରସ୍ତାବ କରିଥିଲେ ବୋଧ ହୁଅଇ ସେହି ଅପେକ୍ଷାରେ କଲେଜର କର୍ତ୍ତାମାନେ ତୁନି ହୋଇ ବସି ଅଛନ୍ତି । ଆମ୍ଭେମାନେ ଆଶା କରୁଁ କଲେଜର ପ୍ରିନ୍ସିପଲ ସାହେବ ଏ ଆବଶ୍ୟକୀୟ କାର୍ଯ୍ୟକୁ ଅବହେଳା କରିବେ ନାହିଁ ।

———

ହିନ୍ଦୁପେଟ୍ରିଅଟ ତମଲୁକରୁ ସମ୍ବାଦ ପାଇଅଛନ୍ତି କି ମାଜନମୁଠା ଖାସମାହାଲର ପ୍ରଜାମାନେ ଗବର୍ଣ୍ଣମେଣ୍ଟଙ୍କ ନାମରେ ମୋକଦ୍ଦମା କରି ହାରିଯିବାରୁ ଅସହାୟ ହୋଇ ମାନ୍ୟବର ଲେପ୍ଟେନାଣ୍ଟ ସାହେବ ମେଦନୀପୁରକୁ ବିଜେମାନ ହେବା କାଳରେ ତାହାଙ୍କ ନିକଟରେ ଆପଣା ଦୁଃଖ ଜଣାଇଲେ ଏବଂ ମାନ୍ୟବର ସାହେବ ତାହାଙ୍କ ଉପରେ ଦୟାକରି ସନ ୧୨୮୭ ସାଲର ସମୁଦାୟ ଏବଂ ସନ ୧୨୮୮ ସାଲର ପ୍ରଥମ ଷେମାହିର ଖଜଣା କ୍ଷମା ଦେଇ ଅଛନ୍ତି । ଏଥିରେ ସହସ୍ର ସହସ୍ର ଅସହାୟ ପ୍ରଜାଙ୍କର ବଡ଼ ଉପକାର ହୋଇଅଛି । ଏଠା ଖାସମାହାଲର ପ୍ରଜାଙ୍କ କଷ୍ଟ କେବଳ ସ୍ଥାନୀୟ ହାକିମଙ୍କ ସହାନୁଭୂତି ଅଭାବରେ ମୋଚନ ହେଉ ନାହିଁ ନୋହିଲେ ସର ଆସଲି ଇଡେନଙ୍କର ଏ ବିଷୟରେ ସର୍ବତ୍ରରେ ଦୟାର ଚିହ୍ନ ଦେଖାଯାଏ ।

———

ବିଲାତର ଏକତାର ସମ୍ବାଦରୁ ଜଣାଯାଏ ଯେ ଆଗାମୀ ମାସରେ ଯେଉଁ ବଜେଟ ବାହାର ହେବ ତହିଁରେ ଭାରତବର୍ଷର ସମସ୍ତ ପ୍ରକାର ଆମଦାନି ମାଲ ଉପରୁ ମହସୁଲ ଉଠିଯିବ ଓ କେବଳ ଲୁଣ କର ଟଙ୍କା ଉଦ୍ବର୍ତ୍ତି ରହିବ । ମହସୁଲ ଟଙ୍କା କମି-ପଡିବା ବଡ଼ ସୁଖର ବିଷୟ ଅଟଇ ମାତ୍ର ଏତେ ଲାଭ ହେବା ସ୍ଥଳେ ଭାରତବର୍ଷର ପ୍ରଜାମାନେ କୌଣସି ଉପକାର ପାଇବାର ଅବଧି ନ ଥିବ ହୋଇ ନାହିଁ । କେବଳ ବିଲାତର ଲୁଗା

Digitized by srujanika@gmail.com

ବେପାରଙ୍କ ଉପକାର ନିମିତ୍ତ କପା ମାସୁଲ ଉଠି ଯିବାର ଏକପ୍ରକାର ନିଶ୍ଚୟ ହୋଇଅଛି । ଆମ୍ଭେମାନେ ମହାମାନ୍ୟ ପ୍ରତିନିଧି ସାହେବ ଏବଂ ରାଜସ୍ୱ ମନ୍ତ୍ରିଙ୍କୁ ଦୃଢ଼ରୂପେ ଅନୁରୋଧ କରୁଅଛୁଁ କି ରାଜସ୍ୱର ଏମନ୍ତ ସ୍ୱଚ୍ଛଳ ଅବସ୍ଥା ସମୟରେ ଭାରତବାସିଙ୍କର ଲବଣର ଶୁଳ୍କ ଊଣା କରିବା ପକ୍ଷରେ ବିହିତ ବନ୍ଦୋବସ୍ତ କରନ୍ତୁ । ଲାଇସେନ୍ସ ଟାକ୍ସ ଅନାୟାସରେ ଉଠିଯାଇ ପାରେ ଏବଂ ସର୍ବାଗ୍ରେ ତାହା କରିବା ଉଚିତ । ଏ ଟାକ୍ସଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଲାଭ ଅଧିକ ନାହିଁ ମାତ୍ର ପ୍ରଜାଙ୍କର କଷ୍ଟର ସୀମା ନାହିଁ ।

———

ପ୍ରୟାଗର କୁମ୍ଭ ମେଳାରେ ଯାତ୍ରିଙ୍କ ସଂଖ୍ୟା ୨୦ ଲକ୍ଷ ପର୍ଯ୍ୟନ୍ତ ହୋଇଥିଲା । ବସ୍ତିର ଜନତା ହେତୁ ଓଲାଉଠା ରୋଗ ଉପସ୍ଥିତ ହୋଇ ନଗରଯାକ ବ୍ୟାପି ଗଲା । ତେତେବେଳେ ସ୍ଥାନୀୟ ହାକିମମାନେ ଯାତ୍ରିଙ୍କୁ ବାହୁଡ଼ାଇବା କାରଣ କଠିନ ନିୟମ ଏବଂ ଅତ୍ୟାଚାର ମଧ୍ୟ ଆରମ୍ଭ କଲେ । ଅନେକ ସାଧୁ ମେଳାରେ ଉପସ୍ଥିତ ଥିଲେ ଏବଂ ଏକମାସ ତୀର୍ଥ ସ୍ଥାନରେ ବାସ ନ କଲେ ତୀର୍ଥର ଫଳ ଲାଭ ହେବ ନାହିଁ ବୋଲି ସାଧୁମାନେ ଶୀଘ୍ର ବାହୁଡ଼ି ଯିବାକୁ ସ୍ୱୀକୃତ ହେଲେ ନାହିଁ । ଏଥିରେ ବୈଷ୍ଣବ ସମ୍ପ୍ରଦାୟର ଜଣେ ମହନ୍ତଙ୍କୁ ପୁଲିସ ବେତ୍ରାଘାତର ଧମକ ଦେଖାଇଲେ ମାତ୍ର ତଥାପି ସେ ସମ୍ମତ ନ ହୋଇ ବରଂ ନଦୀରେ ବୁଡ଼ି ମରିବାର ସଙ୍କଳ୍ପ କଲା । ଏଥିରେ ତାହାର ଦ୍ରବ୍ୟାଦି ସମସ୍ତ ଲୁଟାଇ ଦିଆଯାଇ ତାହାର ଶରୀର ପ୍ରତି ଅନିଷ୍ଟ କରିବାକୁ ଆରମ୍ଭ ହେବାରୁ ସେ ଅଗତ୍ୟା ଆପଣା ଶିଷ୍ୟମାନଙ୍କୁ ବାହୁଡ଼ି ଯିବାକୁ ଅନୁମତି ଦେଲା । ଅତ୍ରର ନଗରବାସିମାନଙ୍କ ମୁଖାଦ୍ଦ୍ୱାରା ଜଣାଇ ଦିଆଯାଇ ଅଛି କି ଯାତ୍ରିଙ୍କୁ କେହି ରଖି ପାରିବେ ନାହିଁ । ଆମ୍ଭେମାନେ ଏ କାର୍ଯ୍ୟକୁ ହିନ୍ଦୁଧର୍ମ ପ୍ରତି ଅତ୍ୟାଚାର ସ୍ୱରୂପ ଜ୍ଞାନ କରୁଁ ଏବଂ ଭରସା କରୁଁ ଯେ ଏଥିର ଯଥାର୍ଥ ତଦନ୍ତ ହେବ । ସ୍ଥାନୀୟ ହାକିମମାନଙ୍କର ପୂର୍ବରୁ ସାବଧାନ ହୋଇ ଯାତ୍ରିଙ୍କ ସ୍ୱାସ୍ଥ୍ୟରକ୍ଷା ପ୍ରତି ବିହିତ ଧ୍ୟାନ କରିବାର ଉଚିତ ଥିଲା । ତାହା ନ କରି ଲୋକଙ୍କ ଧର୍ମ ରକ୍ଷାରେ ବ୍ୟାଘାତ ଜନ୍ମାଇବା ଅତ୍ୟନ୍ତ ଅନ୍ୟାୟ ହୋଇଅଛି ।

—୦*୦—

ଦେଓାନୀ କାର୍ଯ୍ୟବିଧି ସଂଶୋଧନ ନିମିତ୍ତ ଆଉ ଗୋଟିଏ ନୂତନ ଆଇନର ପାଣ୍ଡୁଲିପି ଇଣ୍ଡିଆ ଗେଜେଟରେ ବାହାରି ଅଛି । ପ୍ରଧାନ ସଂଶୋଧନର ବିଷୟ ଏହି କି ପ୍ରଚଳିତ ଆଇନାନୁସାରେ ସରକାରୀ ଚାକରମାନଙ୍କର ବେତନର ଅର୍ଦ୍ଧାଂଶ ସେମାନଙ୍କ ଦେଣା ପରିଶୋଧ କାରଣ ଅଦାଲତରୁ କ୍ରୋକ ହୋଇ ପାରିବ କିନ୍ତୁ ସମ୍ପ୍ରତି ପ୍ରସ୍ତାବ ହୋଇଅଛି କି ଯେଉଁମାନଙ୍କର ବେତନ ଟ ୧୨ଙ୍କା କିମ୍ବା ତହିଁରୁ ନ୍ୟୂନ ଅଟଇ ସେମାନଙ୍କ ବେତନର କୌଣସି ଅଂଶ କ୍ରୋକ ହେବ ନାହିଁ ତହିଁରୁ ଅଧିକ ହେଲେ ଅର୍ଦ୍ଧେ କ୍ରୋକ ହୋଇ ପାରିବ । ସାମାନ୍ୟ ବେତନର କର୍ମଚାରୀଙ୍କ ଉପକାର ହେତୁ ଏ ନିୟମ ହୋଇ ଥିବାର ଜଣାଯାଏ ମାତ୍ର ଯେ ସ୍ଥଳେ ଟ ୧୨ ଙ୍କାର ଚାକରକୁ ଛାଡ଼ ଦିଆଗଲା ସେ ସ୍ଥଳେ ଟ ୧୪ ଙ୍କାର ଚାକରଠାରୁ ଟ ୭ ଙ୍କା କାଟିନେବା ସଙ୍ଗତ ହେଉ ନାହିଁ । ଯେବେ ଟ ୧୨ ଙ୍କା ନ୍ୟୂନରେ ତାହାର ସଂସାର ନିର୍ବାହ ହେବା କଠିନ ବୋଲି ଗବର୍ଣ୍ଣମେଣ୍ଟ ସ୍ଥିର କରି ଅଛନ୍ତି ତେବେ ସେହି ଟଙ୍କା ପର୍ଯ୍ୟନ୍ତ ସମସ୍ତଙ୍କୁ କ୍ଷମା ଦେବାର ଉଚିତ ଅର୍ଥାତ୍ ସଂଶୋଧନଟି ଏ ପ୍ରକାର ହେବାର ଉଚିତ କି ଯେଉଁଠାରେ ବେତନର ଅର୍ଦ୍ଧାଂଶ କ୍ରୋକ ହେଲେ ଅବଶିଷ୍ଟାଂଶ ଟ ୧୨ ଙ୍କାର ନ୍ୟୂନ ହେବ ସେଠାରେ କର୍ମଚାରୀକୁ ଟ ୧୨ଙ୍କା ଦେଇ ଅବଶିଷ୍ଟ ଯାହା ରହିବ ତେତିକି ମାତ୍ର କ୍ରୋକ ଓ ବର୍ଜିତ ହେବ । ଅପର ଗୋଟିଏ ସଂଶୋଧନ ଏହି କି ସଦାବର୍ତ୍ତ ସମ୍ପତ୍ତି ପକ୍ଷରେ ଯେ ସବୁ ବିଧି ଅଛି ତାହା ଧର୍ମାର୍ଥ ସମ୍ପତ୍ତି ପକ୍ଷରେ ମଧ୍ୟ ଖାଟିବ ।

———

## ଉଚ୍ଚଶିକ୍ଷାର ପ୍ରତିବନ୍ଧକ ।

ଶିକ୍ଷା ବିଭାଗର ଗତ ବାର୍ଷିକ କାର୍ଯ୍ୟପତ୍ରୀ ଉପରେ ମାନ୍ୟବର ଲେଫ୍ଟ ଲାଟ ସାହେବଙ୍କ ମନ୍ତବ୍ୟ ଅଲ୍ପଦିନ ହେଲା ବାହାରିଅଛି । ତହିଁରୁ ଦେଖାଯାଏ ଯେ ଗତବର୍ଷ ସର୍ବସୁଦ୍ଧା ୯୨୮୪୮୧ ପିଲା ବିଦ୍ୟାଳୟରେ ପଢୁଥିଲେ ଏବଂ ଏଥି ମଧ୍ୟରେ ୮୯୩୯୩୧ ପୁରୁଷ ପିଲା ଅଟନ୍ତି । ବଙ୍ଗଳାର ଗତ ଲୋକସଂଖ୍ୟା ଅନୁସାରେ ବିଦ୍ୟାଳୟରେ ପଢିବା ଉପଯୁକ୍ତ ବୟସର ପିଲାଙ୍କ ସଂଖ୍ୟା ୫୧ ଲକ୍ଷ ଅଟଇ ସୁତରାଂ ଏକ ଷଷ୍ଠାଂଶ ବାଳକ ଶିକ୍ଷାଲାଭ କରୁଅଛନ୍ତି । ଏଥିରେ ଗବର୍ଣ୍ଣମେଣ୍ଟଙ୍କର ନିଟବ୍ୟୟ ଟ ୨୦୭୧୨୧୯ ପଡୁଅଛି ଏବଂ ବଙ୍ଗଳା ପ୍ରଦେଶର ମୋଟ ଆୟ ପ୍ରାୟ ୧୯ କୋଟି ହେଉଥିବାରୁ ରାଜସ୍ୱ ଟଙ୍କା ପ୍ରତି ହରଦର ୨୫ ପାହୁଲା ଏବଂ ଲୋକସଂଖ୍ୟା ବୃଦ୍ଧିରେ ଜଣପ୍ରତି ଦୁଇପଇସା ପଡୁଅଛି । ବିଶ୍ୱବିଦ୍ୟାଳୟ ଏବଂ ସାହାଯ୍ୟକୃତ ବିଦ୍ୟାଳୟ ପ୍ରଭୃତି ସମସ୍ତ ଖର୍ଚ୍ଚ ମିଶାଇଲେ ଦେଖାଯାଏ ଯେ ଗବର୍ଣ୍ଣମେଣ୍ଟଙ୍କର ମୋଟ ଖର୍ଚ୍ଚ ଟ ୫୫,୮୭,୦୦୦ ଙ୍କା ହୋଇଥିଲା ଏବଂ ତହିଁ ମଧ୍ୟରୁ ଗବର୍ଣ୍ଣମେଣ୍ଟ କେବଳ ଶତକଡ଼ା ଟ ୪୦ ଙ୍କା ନିଜହସ୍ତରୁ ଦେଇ ଅଛନ୍ତି ଅବଶିଷ୍ଟ ଟଙ୍କା ଦେବା ଛାତ୍ର ବେତନ, ପରୀକ୍ଷା ଫୀସ ପ୍ରଭୃତି ନାନାପ୍ରକାରେ ଲୋକଙ୍କଠାରୁ ଆଦାୟ ହୋଇଅଛି ସୁତରାଂ ଏହା ଗବର୍ଣ୍ଣମେଣ୍ଟଙ୍କ ବ୍ୟୟରେ ବଙ୍ଗବାସିମାନେ ଶିକ୍ଷାଲାଭ କରୁଅଛନ୍ତି ଏମନ୍ତ ବୋଲିବା ନିତାନ୍ତ ଅଲୀକ ଅଟଇ ।

ଉଚ୍ଚଶିକ୍ଷା ସମ୍ବନ୍ଧରେ ଡିରେକ୍ଟର ସାହେବ ଦେଖାଇ ଅଛନ୍ତି କି କଲେଜର ଛାତ୍ର ସଂଖ୍ୟା ଶତକଡ଼ା ୨୧ ଲେଖାଁଏ ବୃଦ୍ଧି ହୋଇଅଛି ଅର୍ଥାତ୍ ଗତବର୍ଷ କଲେଜ ଛାତ୍ରସଂଖ୍ୟା ୨୫୨୬ ଜଣ ଏବଂ ତହିଁ ପୂର୍ବବର୍ଷ ୨୦୮୦ ଜଣଥିଲା । ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ୩ ପ୍ରକାର କଲେଜ ଅଛି ଯଥା;—ସରକାରୀ ସାହାଯ୍ୟକୃତ ଏବଂ ବିନା ସାହାଯ୍ୟ । ଏଥିରୁ ବିନା ସାହାଯ୍ୟ କଲେଜରେ ସର୍ବାପେକ୍ଷା ଅଧିକ ବୃଦ୍ଧି ଦେଖାଯାଏ । ମାନ୍ୟବର ଲେଫ୍ଟ ଲାଟସାହେବ ଗତ ଦୁଇବର୍ଷର ଖର୍ଚ୍ଚ ତୁଳନା କରି ସିଦ୍ଧାନ୍ତ କରଅଛନ୍ତି କି କଲେଜ ଶିକ୍ଷାରେ ବିଶେଷ ଉପାୟଦ୍ୱାରା ପ୍ରାପ୍ତ ଟଙ୍କାର ବ୍ୟୟ ଅପେକ୍ଷା ଗବର୍ଣ୍ଣମେଣ୍ଟଙ୍କର ବ୍ୟୟ ଅଧିକ ବୃଦ୍ଧି ହେଉଅଛି । ଉଚ୍ଚଶିକ୍ଷାର ପ୍ରୟୋଜନ ବୃଦ୍ଧି ସଙ୍ଗେ ଅଧିକ ଅଧ୍ୟାପକ ନିଯୁକ୍ତ କରିବାର ଆବଶ୍ୟକତା ଏତେ ବୃଦ୍ଧି ହେଉଅଛି ଯେ ଗବର୍ଣ୍ଣମେଣ୍ଟଙ୍କୁ ତହିଁର ବ୍ୟୟ ଯୋଗାଇବା ଅସମ୍ଭବ ବୋଧ ହେଉଅଛି ଅତଏବ ଏଣିକି କଲେଜର ଶିକ୍ଷକଙ୍କ ନିମିତ୍ତ ଯେତେ ଅଧିକା ବ୍ୟୟ ପ୍ରୟୋଜନ ହେବ ତାହା ସ୍ୱୟଂ ଛାତ୍ରମାନେ ଦେବେ ଏବଂ ଏହି କାରଣରୁ ମାନ୍ୟବର ଲେଫ୍ଟ ଲାଟସାହେବ ମୋଫସଲ କଲେଜମାନଙ୍କରେ ଛାତ୍ରଙ୍କ ବେତନ ବୃଦ୍ଧି କରିବାର ଆଜ୍ଞା ଦେଇଅଛନ୍ତି ।

ଆମ୍ଭମାନଙ୍କ ବିବେଚନାରେ ଏହି ବେତନ ବୃଦ୍ଧିର ଆଜ୍ଞା ଉଚ୍ଚଶିକ୍ଷା ପ୍ରତି ନିଶ୍ଚୟ ମାରକ ଅଟଇ ସନ୍ଦେହ ନାହିଁ । ସର ଆସଲି ଇଡେନ ସାହେବ ଅତ୍ୟନ୍ତ ସୁଜ୍ଞାଣ ବୋଲି ଆମ୍ଭେମାନେ ବିଶ୍ୱାସ କରୁଁ ମାତ୍ର ତାହାଙ୍କର ଏପ୍ରକାର ବିରୁଦ୍ଧ ହେଲା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ । ତେବେ କି ସେ ଉଚ୍ଚଶିକ୍ଷାକୁ ହାତରେ ନ ମାରି

Split by PDF Splitter
Digitized by srujanika@gmail.com

ଣ୍ଟଳରେ ମାଇବାର ଉପାୟ କରୁଅଛନ୍ତି ନୋହିଲେ ସେ ଅବଶ୍ୟ ମୋଫସଲର ଅବସ୍ଥାପ୍ରତି ଅରେ ଲକ୍ଷ କରିଥାନ୍ତେ । ଅମ୍ଭେମାନେ ଜାଣୁ ଯେ ରେଭେନ୍ସା କଲେଜ ଏବଂ ତଦନ୍ତର୍ଗତ ସ୍କୁଲର ଛାତ୍ରସଂଖ୍ୟା ଅଧିକ ନ ହେବାର ଗୋଟିଏ ପ୍ରଧାନ କାରଣ ଛାତ୍ରବେତନର ଉଚ୍ଚ ହାର ଅଟଇ । ଏଠାରେ ବଡଲୋକଙ୍କ ସଂଖ୍ୟା ଅତ୍ୟନ୍ତ ଊଣା ଏବଂ ମଧ୍ୟବର୍ତ୍ତୀ ଲୋକ ଓ ସେମାନେ ଜୀବିକା ଲାଭ ଆଶାରେ ଆପଣା ପିଲାମାନଙ୍କୁ ଉଚ୍ଚଶିକ୍ଷା ଦିଅନ୍ତି ସେମାନଙ୍କର ଅବସ୍ଥାକୁ ଏଠା ଛାତ୍ରବେତନ ବଳାଇଅଛି । ଏଥି ଉପରେ ଆଉ ବୃଦ୍ଧି କରିବା କଲେଜ ଉଠାଇଦେବା ସଙ୍ଗେ ତୁଲ୍ୟ ଅଟଇ । ବରଂ ଅମ୍ଭେମାନେ ଗବର୍ଣ୍ଣମେଣ୍ଟରେ ପ୍ରାର୍ଥନା କରୁଁ କି ଓଡିଶା ପରି ପଛରେ ପଡିଥିବା ପ୍ରଦେଶକୁ ବଙ୍ଗଳାର ଅନ୍ୟାନ୍ୟ ପ୍ରଦେଶ ସଙ୍ଗେ ସମକକ୍ଷ କରିବା କାରଣ କିଛିକାଳ ନିମନ୍ତେ ଏଠା କଲେଜର ଛାତ୍ରବେତନ ବର୍ତ୍ତମାନ ଯାହାଅଛି ତହିଁରୁ ଊଣା କରନ୍ତୁ ଯେ ତଦ୍ଦ୍ୱାରା ଉଚ୍ଚ ଶିକ୍ଷାର ବିସ୍ତୃତି ହେବ । ଏଠାରେ ବେତନ ବୃଦ୍ଧି କରିବା କୌଣସିରୂପେ ଉଚିତ ନୁହଇ ।

---

### ଉତ୍କଳ ନାଟ୍ୟାଭିନୟ ।

ଗତବର୍ଷ କେତେକ ଉତ୍କଳ କୃତବିଦ୍ୟ ଯୁବକଙ୍କ ଯତ୍ନରେ ଏ ଶୁଭକାର୍ଯ୍ୟର ଅନୁକୂଳ ହୋଇଥିବାର ପାଠକମାନେ ଅବଗତ ଅଛନ୍ତି । ସେମାନଙ୍କର ଉତ୍ସାହ ଓ ଶ୍ରମ ଦେଖି ଅମ୍ଭେମାନେ ସନ୍ତୁଷ୍ଟ ହୋଇଥିଲୁଁ ଓ ପୁନଃ୨ ଅଭିନୟ ଦେଖିବାର ଆଶା କରିଥିଲୁଁ । ଏଥିରେ କେତେ ଅସୁବିଧା ଓ ଅର୍ଥକଷ୍ଟ ଘଟିଥିଲେ ହେଁ ସେ ଯୁବକମାନେ ନିରୁତ୍ସାହ ହେଲେ ନାହିଁ ଓ ଜାହ୍ନବୀବେଶ ନାଟକର ରଚକ ବାବୁ ରାମଶଙ୍କର ରାୟ ବନବାଳା ନାମଧେୟରେ ଖଣ୍ଡିଏ ଉତ୍କଳ ନାଟକ ରଚନା କରନ୍ତେ ସେମାନେ ତହିଁର ଅଭିନୟର ଚେଷ୍ଟା କଲେ । ଏ ଅଭିନୟ ଗତ ଶନିବାର ହୋଇଥିଲା ଓ ଏକ-ଟଙ୍କିଆ ଓ ଆଠଅଣିଆ ଟିକଟ ହୋଇଥିଲେ ହେଁ ଯଥେଷ୍ଟ ଦର୍ଶକ ହୋଇଥିଲେ ମାତ୍ର ସେମାନଙ୍କ ଆସନରେ କିଛି ଅଶୃଙ୍ଖଳା ଘଟିଥିଲା । ବନବାଳାର ଚରିତ୍ର ଜାଣିବାକୁ ପାଠକମାନେ କୌତୁକୀ ହୋଇ ପାରନ୍ତି କିନ୍ତୁ ତାହା ବର୍ଣ୍ଣିବା ପୂର୍ବେ କହିବାର ଉଚିତ ଯେ ତାହା ନାଟକୋପଯୁକ୍ତ ନୁହେ ଓ ତହିଁର ରଚନା ପ୍ରଣାଳୀରୁ ମଧ୍ୟ ତାହା ହୃଦୟଙ୍ଗମ ହେବାର କଷ୍ଟ ହେଲା । ଅମ୍ଭେମାନେ ଯେତେଦୂର ବୁଝିଅଛୁଁ ତହିଁର ସଂକ୍ଷେପ-ବୃତ୍ତାନ୍ତ ନିମ୍ନେ ଲେଖୁଅଛୁଁ ଯଥା;—

ନାଗେଶ ନାମକ ଓଡିଶାରାଜାଙ୍କର କନ୍ୟା ଚନ୍ଦ୍ରଲେଖାଙ୍କୁ ଜଣେ ରାକ୍ଷସ ଅପହୃତ କଲା ମନ୍ତ୍ରିଙ୍କ ଉପରେ ସନ୍ଦେହ ହେବାରୁ ରାଜା ଏହି ଦଣ୍ଡାଜ୍ଞା କଲେ ଯେ ମନ୍ତ୍ରୀ ଗୃହବର୍ଜ୍ଜିତ ବନବାସ କରିବେ ଓ ଏଥି ମଧ୍ୟରେ କନ୍ୟାପ୍ରାପ୍ତ ନ ହେଲେ ତାଙ୍କର ପ୍ରାଣଦଣ୍ଡ ହେବ । ମନ୍ତ୍ରୀ ସସ୍ତ୍ରୀକ ବନକୁ ଗମନ କଲେ ଓ ବନବାସ ଅବସ୍ଥାରେ ତାଙ୍କର ଗୋଟିଏ କନ୍ୟା ଜନ୍ମ ହେଲା ତାହାର ନାମ ବନବାଳା । ଗନ୍ଧର୍ବ ରାଜା ଏଥିର ସମ୍ବାଦ ପାଇ ମନ୍ତ୍ରିଙ୍କ ସ୍ତ୍ରୀକୁ ଘେନିଯାଇ ଆପଣା ପୁରରେ ରଖିଲେ ଓ ବନବାଳାର ୧୪ ବର୍ଷ ବୟସ ସମୟରେ ମନ୍ତ୍ରିଙ୍କର କାଳ ହେଲା ଓ ବନବାଳା ମନୋଦୁଃଖରେ ରହିଲେ ମନ୍ତ୍ରୀ ମୃତ୍ୟୁ ପୂର୍ବେ ଆପଣା କନ୍ୟାର ଓଡିଶା ରାଜକୁମାର ବୀରଚନ୍ଦ୍ର ସଙ୍ଗେ ଓ ଗନ୍ଧର୍ବ ରାଜକୁମାରର ଓଡିଶା ରାଜକନ୍ୟା ସଙ୍ଗେ ବିବାହ ହେବାର ପ୍ରସ୍ତାବ କରିଥିଲେ । ନାଗେଶ ଆପଣା କନ୍ୟାର ଉଦ୍ଦେଶ୍ୟ ନ ପାଇବାରୁ ବୀରଚନ୍ଦ୍ରକୁ ମନ୍ତ୍ରିଙ୍କର ପ୍ରାଣଦଣ୍ଡ ସକାଶେ ବନକୁ ପେଷିଲେ । ବୀରଚନ୍ଦ୍ର ବନରେ ଘଟନାକ୍ରମେ ସଙ୍ଗିମାନଙ୍କଠାରୁ ବିଛିନ୍ନ ହୋଇ ଓ ଅନେକ କଷ୍ଟ ଲଭି ବନବାଳାଙ୍କ କୁଟୀରରେ ପ୍ରବେଶ ହେଲେ । ସେ ରାକ୍ଷସ କୌଶଳକ୍ରମେ ଗନ୍ଧର୍ବରାଜା ଏବଂ ଓଡିଶାରାଜାଙ୍କ ମଧ୍ୟରେ ଯୁଦ୍ଧ ଲଗାଇ ଦେଲା ଓ ଯୁଦ୍ଧରେ ଶେଷୋକ୍ତ ରାଜା ହାରି ଗଲେ ତଦନନ୍ତର ସମୁଦାୟ ବୃତ୍ତାନ୍ତ ପ୍ରକାଶ ହେବାରୁ ମୃତ ମନ୍ତ୍ରିଙ୍କ ପ୍ରସ୍ତାବମତେ ଉଭୟ ବିବାହ ସମ୍ପନ୍ନ ହେଲା । ଏ ଚରିତ୍ର ଯାହା ହେଉ ଅମ୍ଭେମାନେ ଗ୍ରନ୍ଥକର୍ତ୍ତାଙ୍କୁ ପ୍ରଶଂସା କରୁଅଛୁଁ କାରଣ ଏ ବିଷୟରେ ତାଙ୍କର ବିଶେଷ ଯତ୍ନ, ଶ୍ରମ ଓ ଉତ୍ସାହ ଦେଖାଯାଏ । ଏକବର୍ଷ ମଧ୍ୟରେ ସେ ଦୁଇଖଣ୍ଡ ଓଡିଆ ନାଟକ ରଚନା କରିବାରୁ ଦୁଇଥର ଓଡିଆ ଅଭିନୟ ଦେଖିଲୁଁ କୌଣସି କାର୍ଯ୍ୟ ପ୍ରଥମରୁ ଭଲ ହେବାର ସମ୍ଭବ ନୁହେ । ରାମଶଙ୍କର ବାବୁଙ୍କର ଆଧୁନିକ ଉତ୍ସାହ ସ୍ଥିରତର ରହିଲେ ସେ କିଛିଦିନେ ଉତ୍କୃଷ୍ଟ ନାଟକ ରଚନା କରି ଉତ୍କଳ ସାହିତ୍ୟର ଗୋଟିଏ ପ୍ରଧାନ ଅଭାବ ମୋଚନ କରିବେ ଏପରି ଆଶା ହେଉଅଛି ଓ ଓ ଏ ଆଶା ପୂର୍ଣ୍ଣ କରିବା ପକ୍ଷରେ ସେ ଯେପରି ତ୍ରୁଟି ନ କରନ୍ତୁ ଏହାଇ ଅମ୍ଭମାନଙ୍କର ଏକାନ୍ତ ବାସନା ।

ଅଭିନୟରେ କେତେକ ଦୋଷ ଲକ୍ଷିତ ହୋଇଥିଲା । କେହି ଗାଇଲା ପ୍ରାୟ, କେହି ପାଠକଙ୍କ ପ୍ରାୟ, କେହି ଶିକ୍ଷିଲା ପ୍ରାୟ, କେହି ଅତି ଚଞ୍ଚଳ କହିଲେ ପ୍ରକୃତ କଥୋପକଥନ ପ୍ରାୟ କହି ନ ପାରିଲେ ମାତ୍ର ଏ ମାନଙ୍କ ସଂଖ୍ୟା ଅତି ଅଳ୍ପ ଉତ୍ତମ ଅଭିନୟକାରୀଙ୍କ ସଂଖ୍ୟା ଅଧିକ । ସେମାନଙ୍କ ମଧ୍ୟରେ ସୂତ୍ରଧର, ନାଗେଶ, ମଧୁକର, ବନବାଳା, ବକ୍ରମୁଖ, ବୀରକର୍ମା, ଚନ୍ଦ୍ରସେନ, ପ୍ରେମମୟୀ, ପାରିଜାତ, ଚନ୍ଦ୍ରଲେଖା ଉତ୍କୃଷ୍ଟ ଅଭିନୟ କରିଥିଲେ ଓ ଦର୍ଶକମାନଙ୍କର ଆନନ୍ଦଧ୍ୱନି ପୁନଃପୁନ ଶୁଣା ଯାଇଥିଲା । ଅତଏବ ଅମ୍ଭେମାନେ ଗ୍ରନ୍ଥକର୍ତ୍ତା ଅଭିନେତୃଗଣ ଓ ଉଦ୍ୟମକାରୀ ଓ ଦେହାବାନ ଇତ୍ୟାଦି ପ୍ରକାର ସାହାଯ୍ୟକାରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ଅବଶେଷରେ ଗୋଟିଏ ଆକ୍ଷେପର ବିଷୟ ନ କହି କ୍ଷାନ୍ତ ହୋଇ ନ ପାରିଲୁଁ । ଦର୍ଶକଙ୍କ ମଧ୍ୟରେ ଜଣେ ଭଦ୍ର କୁଳର ବ୍ୟକ୍ତି ଅତି ଅଭଦ୍ର ଓ ନୀଚ ବ୍ୟବହାର କରିଥିଲେ ଓ ତାଙ୍କର ଏପରି ମନ୍ଦ ବ୍ୟବହାର ହେତୁ ଦର୍ଶକ ଓ ଅଭିନେତୃବର୍ଗ ଉଭୟଙ୍କର ବଡ ଅସୁଖ ଜାତ ହୋଇଥିଲା ।

---

## ସାପ୍ତାହିକସଂବାଦ ।

ଶୁଣାଯାଏ ଏଠା କଲେଜର ସହିତାଧ୍ୟାପକ ବାବୁ ଲକ୍ଷ୍ମୀନାରାୟଣ ଦାସ କୃଷ୍ଣନଗର କଲେଜକୁ ବଦଳି ହେବେ ଏବଂ ତାହାଙ୍କ ପଦରେ କମିଷ୍ଟାସ୍କୁଲର ପ୍ରଧାନ ଶିକ୍ଷକ ଉମାସ୍ୱାମ ଚକ୍ରବର୍ତ୍ତୀ ଏଠାକୁ ଆସିବେ । ଲକ୍ଷ୍ମୀନାରାୟଣ ବାବୁ ଏଠାର ଅନେକ ଅଧ୍ୟାପକର କାର୍ଯ୍ୟ ସୁଦ୍ଧା କରୁଅଛନ୍ତି । ତହିଁର କି ବନ୍ଦୋବସ୍ତ ହେବ ଅବଧି ଜଣା ଯାଇ ନାହିଁ ।

ଷ୍ଟେଟ ଷ୍ଟାଉନ ପଲିଟ୍ରେସ୍‌ର ସମ୍ପାଦକ ପରଲୋକଗତ ସାହାଯ୍ୟ ଫାଣ୍ଡ ଏ ସପ୍ତାହରେ ପ୍ରାପ୍ତ ହୋଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛନ୍ତି । ଯଥା;—

| | |
|---|---|
| ମହାମାନ୍ୟ ମହାରାଜାଧିରାଜ ବର୍ଦ୍ଧମାନ | ଟ ୨୦ |
| ମହାମାନ୍ୟ ମହାରାଜା ତାଲଚେର | ଟ ୫୦ |
| ମହାମାନ୍ୟ ମହାରାଣୀ ତାଲଚେର | ଟ ୨୦ |
| ବାବୁ ସଦାନନ୍ଦ ମହାନ୍ତି ( ପୁରୀ ) | ଟ ୨୦ |

ଶାଜପୁରର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବାଲେସାହେବ ବଦଳି ହୋଇଯାଇ ଅଛନ୍ତି ଏବଂ ତାହାଙ୍କ ସ୍ଥାନରେ ବାବୁ ଦ୍ୱାରକାନାଥ ରାୟ ଡେପୁଟୀ କଲେକ୍ଟର ନିଯୁକ୍ତ ହୋଇଅଛନ୍ତି ।

ଅମ୍ଭମାନଙ୍କର ପୁରୁଣା କମିଶ୍ନର ଶ୍ରୀଯୁକ୍ତ ସ୍ମିଥ୍ ସାହେବଙ୍କ ଲମ୍ବା ଛୁଟି ମଞ୍ଜୁର ହେବାର ସମ୍ବାଦ ଗତ ଇଣ୍ଡିଆ ଗେଜେଟରେ ପ୍ରକାଶ ହୋଇଅଛି । ସ୍ମିଥ୍ ସାହେବ

Split by PDF Splitter



ଓଡ଼ିଶାର ପ୍ରକୃତ ବନ୍ଧୁ ଅଟନ୍ତି । ଅମ୍ଭେମାନେ ପ୍ରାର୍ଥନା କରୁଁ ସେ ଦୀର୍ଘକାଳ ପେନ୍‌ସନ୍ ଭୋଗ କରନ୍ତୁ । ସେ ଜୀବିତ ଥିବା ପର୍ଯ୍ୟନ୍ତ ଓଡ଼ିଶାକୁ ପାସୋରିବେ ନାହିଁ ଏହା ଅସ୍ମମାନଙ୍କର ଦୃଢ଼ ବିଶ୍ୱାସ ।

ମହୀଭର୍ପଣକୁ ଅଳଗଡ଼ ହେଲୁଁ ବ ମୟୂରଭଞ୍ଜରୁ ଘୁଣି ଉଲଟଣ ଗୁଣୀ ଅଷାମୀ ଗିରପ୍ତାର ହୋଇ ବାଲେଶ୍ୱରକୁ ଚାଲାଣ ହୋଇଅଛନ୍ତି । ମୟୂରଭଞ୍ଜରେ ଏତେ ଖୁନ ହେବାର କାରଣ କି ?

ଶୁଣିବା ବୋଲନ୍ତି ନ ପୁରୀର ଇନ୍‌ସ୍ପେକ୍ଟର ଜେନେରଲ ମାର୍ଟିନ୍‌ସାହେବ ପୁରୀର କର୍ମଚାରୀଙ୍କୁ ସାଧାରଣ ଶିକ୍ଷା କାର୍ଯ୍ୟରେ ସାହାଯ୍ୟ କରିବାକୁ ନିଷେଧ କରିଅଛନ୍ତି । ଶିକ୍ଷା କାର୍ଯ୍ୟର ବାସ୍ତବିକ ଅବସ୍ଥା ହେଲେ ମାଜିଷ୍ଟ୍ରେଟସାହେବଙ୍କୁ ଏହାର ପ୍ରତିବାଦ କରିବା ଉଚିତ ।

ଗାର୍ଡଲଷ୍ଟୋନର ଜହାଜ ସମୁଦ୍ର କବଳରୁ ଅସିଥିଲେ । ସ୍ତ୍ରୀ ଓ ବାଳକମାନଙ୍କର ଉଦ୍ଧାରଣକୁ ଟ ୭୦୦ ଙ୍କା ଏବଂ ମୂସଲମାନଙ୍କ ସାହାଯ୍ୟ ସମାଜକୁ ଟ ୫୦୦ ଙ୍କା ଦାନ କରିବା ରାଣୀ ସାଧାରଣ ଉପକାର କରିଅଛନ୍ତି ।

ବର୍ତ୍ତମାନ କଲିକତା ହାଇକୋର୍ଟରୁ ଏକ ନଜିର ବାହାରିଅଛି କି କୌଣସି ପ୍ରଜାର ଘର ନିଲାମ ଶେଷ ହେବା ଉତ୍ତାରୁ ଜମିଦାର ବକା ଖୋଷ୍ଟସରେ ତାହାକୁ ବାହାର କରିଦେଇ ପାରେ ମାତ୍ର ପଞ୍ଚାର ନିଲାମ ସଙ୍ଗେ ଯେବେ ଉକ୍ତ ପ୍ରଜା କଥିତ ଧନ ଦଖଲକାର ରହିଲ ତେବେ ଖୋଷ୍ଟସ ବକା ଜମିଦାର ତାହାକୁ ବେଦଖଲ କରି ନ ପାରେ ।

ସମ୍ବଲପୁରରେ ଟଙ୍କାକୁ ସେ ୫୦ ର ଲେଖାଏ ଚାଉଳ ବିକ୍ରି ହେଉଅଛି ।

କୁଚବିହାର ଗୁଲକୁଞ୍ଚିର ଅପଣା ସ୍ୱାଧୀନ ଶାସନ ଭାର ଦେଇ ବଡ଼ ପରିଶ୍ରମ ସହିତ କାର୍ଯ୍ୟ କରୁଅଛନ୍ତି । ସେ ପ୍ରତିଦିନ ଘ ୧୧ ଘଟାରୁ ଘ ୫ ଘଟା ପର୍ଯ୍ୟନ୍ତ ଦେବାଳକୁ ସଙ୍ଗେ ସେନ କଚେରୀ କରୁଅଛନ୍ତି । ଏପରି ଅଭ୍ୟାସ ରଖିଲେ ସେ ଅବଶ୍ୟ ଜଣେ ଉତ୍ତମ ଶାସନକର୍ତ୍ତା ହେବେ ।

ଜୟପୁରର ମହାରାଜା ପ୍ରୟାଗ ତୀର୍ଥରେ ସ୍ନାନ କରିବା କାଳରେ ଏଲାହାବାଦର ପଣ୍ଡିତମାନଙ୍କୁ ଦଶହଜାର ଟଙ୍କା ଦାନ କଲେ । ଧନ୍ୟ ବଦାନ୍ୟତା !

ମେଜର ସ୍କଟସାହେବ ଛୁଟିରୁ ଫେରି ଆସି ନାଗପୁରର ଡେପୁଟୀ କମିଶ୍ନରଙ୍କ ପଦର ଭାର ନେଇଅଛନ୍ତି ।

କଥିତ ଅଛି ଯେ ତ୍ରିହୋତ ସ୍ୱଜନୋକଦମାର ମୁଦେଇ କାଲୁ ଲଣବାହାଦୁରଙ୍କ ଅସ୍ମମାନଙ୍କର ମାନ୍ୟବର ଗେଟସ୍ ସାହେବ ଉକୀଲ ପଠାଇ ଅଛନ୍ତି । ତାହାଙ୍କ ମୋକଦ୍ଦମା ଉପା ବିଷୟରେ ଗେଟସ୍ ପଦ୍ମକାନ୍ ହୋଇ ଏହା କରିଅଛନ୍ତି । ଗେଟ ସାହେବଙ୍କ ଏ ଗୁଣଟି ଅତ୍ୟନ୍ତ ପ୍ରଶଂସନୀୟ ଅଟଇ ।

ଏହି ମାସରେ ମୁକ୍ତାରଙ୍କର ଯେ ପରୀକ୍ଷା ହେଉ ଅଛି ତହିଁରେ ପରୀକ୍ଷାର୍ଥିଙ୍କ ସଂଖ୍ୟା ଗାଣ୍ଡିଉଛୁ ଅଧିକ ହୋଇଥିବ ଏହି କାରଣ ନୂତନ ଅଥବା ପରୀକ୍ଷକ ନିଯୁକ୍ତ ହୋଇଅଛନ୍ତି ।

ଉତ୍ତରପଶ୍ଚିମ ପ୍ରଦେଶର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସର୍ ଜର୍ଜ କୁପରଙ୍କ ସମୟ ଶେଷ ହେଲା । ତାହାଙ୍କୁ ବିଦାୟ ଦେବା କାରଣ ଲକ୍ଷ୍ନୌରେ ସଭା ଆହୂତ ହୋଇଥିଲା ଏବଂ ଲୋକମାନେ ସୌଜନ୍ୟ ସହିତ ବିଦାୟ ଦେବା ସଙ୍ଗେ ତାହାଙ୍କ ବକ୍ତୃତା ପ୍ରଚାର କରିବାକୁ ଇଚ୍ଛା କରୁ ନାହାନ୍ତି ।

ଗତ ଅପ୍ରେଲଠାରୁ ଜାନୁଆରି ପର୍ଯ୍ୟନ୍ତ ସରକାରଙ୍କ ସ୍ଥିରକୋଟ ଟଙ୍କା ମୂଲ୍ୟର ସୁନା ଏବଂ ଦୁଇକୋଟି ଟଙ୍କାର ରୂପା ଭାରତ ଆମଦାନି ହୋଇଅଛି । ଏହା ଭାରତବର୍ଷର ସୌଭାଗ୍ୟର ବିଷୟ ଅଟଇ ।

ବିଶ୍ୱବିଦ୍ୟାଳୟର ପରୀକ୍ଷୋତ୍ତୀର୍ଣ୍ଣ ଗ୍ରାଜୁଏଟମାନଙ୍କର ସ୍ୱତ୍ୱର ପଥ ଗବର୍ଣ୍ଣମେଣ୍ଟ କ୍ରମେ ଉନ୍ମୁକ୍ତ କରୁଅଛନ୍ତି । ଏଜନ୍ୟ ଦପ୍ତରରେ ମେଜର ବର୍ଷ୍ଟନ୍ ସାହେବ ବି, ଏ, ପାସ କରିଥିବା ଗ୍ରେଜୁଏଟ ଲୋକଙ୍କୁ ଚାକିରି ଦେବାପାଇଁ ବିଜ୍ଞାପନ ଦେଇ ଅଛନ୍ତି । ଅଧୁନା ଟେଲିଗ୍ରାଫ ଅଫିସରେ ବି, ଏ, ପାଶ କରିଥିବା ଲୋକମାନଙ୍କ ଚାକିରି ପାଇବାର ଦାବୀ ଗବର୍ଣ୍ଣମେଣ୍ଟ ଜଷ୍ଟ ସରଳ ହେଜରେ ଦେଖି ଅଛନ୍ତି ହିନ୍ଦୁ ପେଟ୍ରିୟଟ ସୂଚିଅଛନ୍ତି, ମିଉନିସିପାଲ କାର୍ଯ୍ୟରେ ବିଶ୍ୱବିଦ୍ୟାଳୟର ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କୁ କର୍ମ ଦେବା ପାଇଁ ନିୟମାବଳୀ ପ୍ରସ୍ତୁତ କରିବାକୁ ଲେଟ ଲଟ ଇଲଭନ ସାହେବ ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି, ଡାଇରେକ୍ଟର କ୍ରଫ୍ଟ ସାହେବ ତହିଁର ଅଧ୍ୟକ୍ଷ ହୋଇଅଛନ୍ତି ।

ବଜେଟ ସମ୍ବାନ୍ତ ଏକ ହିସାବରୁ ଜଣାଯାଏ ଯେ ସନ ୧୮୮୦।୮୧ ରେ ବଙ୍ଗପ୍ରଦେଶରେ ଲାଇସେନ୍ସଟ୍ୟାକ୍ସର ଅସ୍ଥ ସାତେ ଷୋଳଲକ୍ଷ ହୋଇଥିଲା ।

ଇଉରୋପରେ ସାମ୍ପ୍ରଦାୟିକ ବିଦ୍ୱେଷତା ଯେ କେତେ ଅଧିକ ତାହା କୁହାଯାଇ ନ ପାରେ ଅସ୍ମମାନଙ୍କ ଦେଶରେ କେବଳ ଜାତିଭେଦ ଅଛି । ସେଠାରେ ଏକ ସମ୍ପ୍ରଦାୟର ଲୋକ ଅନ୍ୟ ସମ୍ପ୍ରଦାୟର ଲୋକଙ୍କଠାରୁ ଚିକିତ୍ସା କରାଇବାକୁ ମଧ୍ୟ କୁଣ୍ଠିତ ହୁଅନ୍ତି । କି ଆଶ୍ଚର୍ଯ୍ୟ ଅସ୍ମେମାନେ ଶୁଣିଲୁଁ ଯେ ଅଷ୍ଟ୍ରେଲିଆ ଦେଶୀୟ ଜଣେ ଧର୍ମଯାଜକର ପୁତ୍ରକୁ ଟୀକା ଦେବା ପାଇଁ ଜଣେ ଭିନ୍ନ ସମ୍ପ୍ରଦାୟର ଲୋକ ଅସିଥିଲେ ଧର୍ମଯାଜକ ଶୁଣିଲେ ଯେ ସେ ଭିନ୍ନଧର୍ମାବଲମ୍ବୀ ଲୋକ ତତ୍‌କ୍ଷଣାତ୍ ତାହାକୁ ଘରୁ ବାହାର କରି ଦେଲେ । ଖ୍ରୀଷ୍ଟାନ ଧର୍ମଯାଜକ ସତ୍ୟ । ତାଙ୍କର ଧର୍ମ କଣ ନ କହେ ଯେ ସମସ୍ତ ମନୁଷ୍ୟଙ୍କୁ ସ୍ନେହ କରିବାକୁ ହେବ ?

## ପ୍ରେରିତପତ୍ର ।

ପରମ ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

କେନ୍ଦ୍ରାପଡ଼ା ସବଡିଭିଜନସ୍ଥିତ ମାଇନର ବିଦ୍ୟାଳୟ ଗୃହଟି ସାଧାରଣ ଦୃଷ୍ଟିରେ ଅତି ସାମାନ୍ୟ ବୋଲି ପରିଗଣିତ ହେବାରୁ ଉତ୍ତମ ଗୃହ ନିର୍ମାଣ ମାନସରେ ସ୍ଥାନୀୟ ଓ ଅନ୍ୟାନ୍ୟ ବିଦ୍ୟୋତ୍ସାହୀ ଭଦ୍ରଲୋକସମାଜଙ୍କ ନିକଟରୁ ଚାନ୍ଦା ସଂଗୃହୀତ ହେବାର ଉପାୟ ଅବଲମ୍ବିତ ହୋଇଥିଲା । ତଦ୍ଦ୍ୱାରା କେବଳ ଟ ୧୦୦୦୯ ଙ୍କା ମାତ୍ର ସଂଗୃହୀତ ହେଲା ଉକ୍ତ ବିଦ୍ୟାଳୟ ଗୃହଟି ଆବଶ୍ୟକ ପକ୍ଷରେ ଯେପରିମାଣରେ ଅର୍ଥବ୍ୟୟ ହେବ ଚାନ୍ଦା ସଂଗୃହୀତ ଟଙ୍କା ତହିଁର ଅର୍ଦ୍ଧାପେକ୍ଷା ନ୍ୟୂନ ଅଟେ । ଅତଏବ ଉକ୍ତ ଟଙ୍କାରେ ସେ କାର୍ଯ୍ୟଟି ସମ୍ପୂର୍ଣ୍ଣରୂପେ ନିର୍ବାହ ହେବାର ଅସମ୍ଭବ ବୋଧରେ ସେ ଆଶାଲତା ନୈରାଶ୍ୟ ରୂପରେ ପରିଣତ ହୋଇଥିଲା । ଅତୀବ ଅହ୍ଲାଦର ବିଷୟ ଏହି ଯେ ବର୍ଦ୍ଧମାନର ମହାରାଜା ପ୍ରକାଶ କରୁଅଛନ୍ତି କି ଉକ୍ତ ବିଦ୍ୟାଳୟ ଗୃହଟି ପୁନଃସଂସ୍କାର ପକ୍ଷରେ ଯେ ବ୍ୟୟ ହେବ ଚାନ୍ଦା ସଂଗୃହୀତ ଟଙ୍କା ବ୍ୟତୀତ ଅବଶିଷ୍ଟ ଟଙ୍କା ସେ ସାହାଯ୍ୟ ଦାନ କରିବେ ଏପରି ପ୍ରକାରେ ଶ୍ରୀଯୁକ୍ତ ବର୍ଦ୍ଧମାନାଧିପତି ବହୁ ଧନ୍ୟବାଦ ପାଇବାର ଯୋଗ୍ୟପାତ୍ର ଅଟନ୍ତି । ଅଧିକନ୍ତୁ ମଧ୍ୟ ପ୍ରଶଂସାର ବିଷୟ ଏହି କି ଯେ ଏ ବିଦ୍ୟାଳୟରେ ତାହାଙ୍କର କୌଣସି ଛାତ୍ର ବିଦ୍ୟାଧ୍ୟୟନ ନ କରୁଥିଲେହେଁ ମଧ୍ୟ କେବଳ ଓଡ଼ିଶାରେ ବିଷୟସମ୍ପତ୍ତିରେ ତାଙ୍କର ବହୁବିସ୍ତୃତ ଜମିଦାରୀ ଥିବାରୁ ଜନସମାଜର ଏପରି ମହୋପକାର ପକ୍ଷରେ ଏପରି ସାହାଯ୍ୟଦାନ କରିବାକୁ ଇଚ୍ଛୁକ ହୋଇ ନାହାନ୍ତି । ଅମ୍ଭେମାନେ ସ୍ଥିରଚିତ୍ତରେ ଜଗଦୀଶ୍ୱରଙ୍କ ନିକଟରେ ସତତ ଏହି ପ୍ରାର୍ଥନା କରୁଅଛୁଁ ପରମେଶ୍ୱର ମହାରାଜାଙ୍କୁ ଚିରଜୀବୀ କରନ୍ତୁ ଓ କ୍ରମଶଃ ତାଙ୍କର ଶ୍ରୀବୃଦ୍ଧି କରନ୍ତୁ । ଇତି ତା ୮ ଇଣ ମାହେ ଫେବୃୟାରି ସନ ୧୮୮୬ ମସିହା ।

ଅପଣଙ୍କର ଶୁଭାକାଂକ୍ଷୀ

ଶ୍ରୀ —

## ବିଜ୍ଞାପନ ।

ଅଦ୍ୟ ରାତ୍ର ଘ ୯ ଘଟା ସମୟରେ ନାଟକ ମାନଭାସ କଳା-ଭରେ ଶ୍ରୀଯୁକ୍ତ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ ବସା ନିକଟସ୍ଥ ବାବୁ ହରିହର ଘୋଷଙ୍କ କୋଠାଠାରେ ଓଡ଼ିଆ ବାଳକମାନେ ନାଟକର ଅଭିନୟ ହେବ ।

| | |
|---|---|
| ପ୍ରଥମ ଶ୍ରେଣୀ ଟିକଟ ମୂଲ୍ୟ | ଟ ୦ ୵ |
| ୨ ୟ ଶ୍ରେଣୀ ଏକଣ | ଟ ୦ । |

୧୧।୨।୮୬ ଶ୍ରୀ ଗୋପାଳଚନ୍ଦ୍ର ଦତ୍ତ
ସମ୍ପାଦକ

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ପତ୍ର ଲେଖିଲେ ମିଳିପାରେ ଯଥା—

ଡାକମାସୁଲ ସହିତ ୪ ଅଉନ୍ସର ଟଙ୍କା । ୮ ଅଉନ୍ସର ଟ ୧୧ ଙ୍କା । ୧୬ ଅଉନ୍ସକୁ ଟ ୨୦୷ ମୂଲ୍ୟ ଲାଗେ ।

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ରାଧାରମଣ ଦାସ କଟକ କଳସା | ଟ ୨ |
| „ କୃଷ୍ଣଚନ୍ଦ୍ର ଘୋଷ „ „ | ଟ ୨ |
| „ ମଦନମୋହନ ଦାସ „ „ | ଟ ୨ |
| „ ଶରତଚନ୍ଦ୍ର ଘୋଷ „ „ | ଟ ୨ |
| „ ସଦାନନ୍ଦ ମହାନ୍ତି „ „ | ଟ ୭ |
| „ ବ୍ରଜକୁମାର ଘୋଷ „ „ | ଟ ୪୷ |

ଏହି ଉତ୍କଳଦୀପିକା କଟକ ଓଡ଼ିଆବଜାରସ୍ଥ ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 1

31

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଖ ୨୧ ଶ
ସ ୭ ସଂଖ୍ୟା

ତା ୨୦ ଇଂ ମାହେ ଫିବ୍ରୁଏରୀ ସନ ୧୮୮୬ ମସିହା । ମୁ । ଫାଲ୍ଗୁନ ତା ୧୦ ସନ ୧୨୯୧ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୦
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୬୦
ମଫସଲପାଇଁ ଡାକମାସୁଲ ଟ ୧୧୦

ଗତ ଶନିବାର ରାତ୍ରରେ ବନବାଲା ନାମକ ଓଡ଼ିଆ ନାଟକର ଆଉ ଥରେ ଅଭିନୟ ହୋଇ ଥିଲା । ଏଥର ଟିକଟର ମୂଲ୍ୟ ପୂର୍ବାପେକ୍ଷା ଅଧେ ଧାର୍ଯ୍ୟ ହୋଇ ଥିଲେହେଁ ଦର୍ଶକଙ୍କ ସଂଖ୍ୟା ପ୍ରଥମଥରପର ହୋଇ ନ ଥିଲା । ଦର୍ଶକମାନେ ବହୁତ ରାତ୍ର ପର୍ଯ୍ୟନ୍ତ ସ୍ଥିର ଭାବରେ ବସି ଦେଖିବାଦ୍ୱାରା ଅତ୍ୟନ୍ତ ଆମୋଦ ଲାଭ କରିବାର ପରିଚୟ ଦେଇ ଥିଲେ ।

—

ଚଳିତମାସ ତା ୭ ରଖରେ ପାର୍ଲିମେଣ୍ଟର ଅଧିବେଶନ ଆରମ୍ଭ ହେଲା । ଶ୍ରୀମତୀ ମହାରାଣୀଙ୍କର ବକ୍ତୃତା ଲର୍ଡଗ୍ରେନଷ୍ଟୋର ସାହେବ ପାଠ କଲେ । ତହିଁରେ ଭାରତବର୍ଷ ସମ୍ପର୍କରେ ଲେଖା ଅଛି ଯେ ଉତ୍ତର ପଶ୍ଚିମ ସୀମାପ୍ରଦେଶରେ ଶାନ୍ତି ସ୍ଥାପନ ହୋଇଅଛି ଏବଂ ଭାରତବର୍ଷ ମଧ୍ୟରେ କ୍ରମଶଃ ଶାନ୍ତି ବିସ୍ତାର, ପ୍ରଚୁର ଫସଲ ଏବଂ ରାଜସ୍ୱ ବୃଦ୍ଧି ହେବାରୁ ଗବର୍ଣ୍ଣମେଣ୍ଟ ସାଧାରଣ ପୂର୍ତ୍ତି କାର୍ଯ୍ୟ ପୁନର୍ବାର ଆରମ୍ଭ କରିଅଛନ୍ତି ଏବଂ ଲୋକଙ୍କ ଅବସ୍ଥା ଉନ୍ନତ ଉଦ୍ଦେଶ୍ୟରେ ହିତକର ବ୍ୟବସ୍ଥାପ୍ରତି ଅଧିକ ମନୋଯୋଗ ଦେବାକୁ ସମର୍ଥ ହୋଇଅଛନ୍ତି ।

—

ମଧ୍ୟପ୍ରଦେଶର ଗତ ବାର୍ଷିକ ରାଜସ୍ୱ ରିପୋର୍ଟରେ ଲେଖା ଅଛି ଯେ ସେଠାରେ ଭୂମିର ମୂଲ୍ୟ ଅତ୍ୟନ୍ତ ବୃଦ୍ଧି ହୋଇଅଛି । ରେଲବାଟ ବିସ୍ତାର ହେବାରୁ ଫସଲର ମୂଲ୍ୟ ଏବଂ ତହିଁସଙ୍ଗେ ସଙ୍ଗେ ଭୂମିର ପ୍ରୟୋଜନ ବଢ଼ୁଅଛି । ଜମିଦାରମାନେ ଏ ଅବସ୍ଥା ଦେଖି ଆପଣା ଆପଣା ସତ୍ତ୍ୱ ନିର୍ଣ୍ଣୟ ନିମିତ୍ତ ଅଦାଲତର ସାହାଯ୍ୟ ଅଧିକ ପରିମାଣରେ ଲୋଡ଼ୁଅଛନ୍ତି । ରେଲବେ ବିସ୍ତାରଦ୍ୱାରା ମଧ୍ୟପ୍ରଦେଶରେ ଯେଉଁ ଫଳ ହୋଇଅଛି ଏବଂ ହେବ ଓଡ଼ିଶା ଗଡ଼ଜାତରେ ରେଲବାଟ ଫିଟିଲେ ଠିକ ସେହି ଫଳ ଆମ୍ଭେମାନେ ପ୍ରତ୍ୟାଶା କରୁଁ ଏବଂ ଏଥିପାଇଁ ଗଡ଼ଜାତରେ ଶୀଘ୍ର ରେଲବାଟ ଦେଖିବାକୁ ଆମ୍ଭମାନଙ୍କର ଏତେ ଇଚ୍ଛା ।

—

ଆମ୍ଭମାନଙ୍କ ଗବର୍ଣ୍ଣର ଜେନରଲଙ୍କ ସହଧର୍ମିଣୀ ଲେଡିଡଫରିନ ଦେଶୀୟ ସଙ୍ଗୀତ ଶୁଣିବାକୁ ମନ କଲାଇବାରୁ ଗତ ସୋମବାର ମହାରାଜା ଯତୀନ୍ଦ୍ରମୋହନ ଠାକୁର ଏବଂ ରାଜା ସୌରେନ୍ଦ୍ରମୋହନ ଠାକୁର ବନ୍ଧୁଦ୍ୱୟ ଓ ସମାରୋହରେ ଆପଣା ଘରଠାରେ ସଙ୍ଗୀତ ସଭା ରଚନା କରି ଥିଲେ ଏବଂ ଆମନ୍ତ୍ରଣ ମତେ ପ୍ରଶଂସିତ ଲେଡିଙ୍କ ସହିତ ଅନ୍ୟାନ୍ୟ ସମ୍ଭ୍ରାନ୍ତ ଇଂରାଜ ସାହେବ ଓ ବିବି ସଭାରେ ଉପସ୍ଥିତ ହୋଇ ଥିଲେ । ପ୍ରଥମେ ଗୋଟିଏ କ୍ଷୁଦ୍ର ନାଟକ ଏବଂ ତହିଁ ପରେ ନାନାପ୍ରକାର ଦେଶୀୟ ଯନ୍ତ୍ର ଏବଂ କଣ୍ଠ ସଙ୍ଗୀତ ପ୍ରଦର୍ଶିତ ହେଲା । ଶ୍ରୋତାମାନେ ମୋହିତ ହୋଇ ଗଲେ ଏବଂ ଲେଡୀଡଫରିନ ଯନ୍ତ୍ର ସଙ୍ଗୀତରେ ଅତ୍ୟନ୍ତ ସନ୍ତୋଷ ଲାଭ କରି ଉକ୍ତମ ଉଭୟ ଯୋଗ୍ୟ କାର୍ଯ୍ୟ ସହିତ ତୁଲ୍ୟ ହେବାର ବ୍ୟକ୍ତ କଲେ ।

—

ଆମ୍ଭେମାନେ ଆନନ୍ଦ ସହିତ ଜଣାଉଅଛୁଁ ଯେ କଟକ ଆକେଡେମିକୁ ଜୀବିତ ରଖିବା କାରଣ ବିଶେଷ ଉଦ୍ୟମ ହେଉଅଛି । ନିମ୍ନଲିଖିତ ମହାଶୟମାନେ ଏକ କମିଟିଭୁକ୍ତ ହୋଇ ଏଥିର କାର୍ଯ୍ୟ ନିର୍ବାହର ଭାରଗ୍ରହଣ କରିଅଛନ୍ତି ଏବଂ ଏମାନଙ୍କ ପରିଶ୍ରମ ଓ ଯତ୍ନରେ କେତେ ଟଙ୍କା ହେବା ଓ ଏକକାଳୀନ ଦାନ ସ୍ୱାକ୍ଷରିତ ହୋଇ ଅଛି ।

ମେମ୍ବରମାନଙ୍କ ନାମ ଯଥା— ବାବୁ ଭୁବନମୋହନ ଆଚାର୍ଯ୍ୟ (ସମ୍ପାଦକ), ବାବୁ ଶଶୀଭୂଷଣ ଘୋଷ, ବାବୁ ସଦାନନ୍ଦ ବେହେରା ବାବୁ ହେମଚନ୍ଦ୍ର ଘୋଷ, ବାବୁ କୃଷ୍ଣମୋହନ ପଟ୍ଟନାୟକ, ବାବୁ ଜଗନ୍ନାଥ ରାଓ ଏବଂ ବାବୁ ସୁଦାମଚରଣ ନାୟକ (ସହକାରୀ ସମ୍ପାଦକ) ।

ଏହି ବିଦ୍ୟାଳୟ ସମ୍ପର୍କରେ ଇଂରାଜୀ ଏବଂ ଓଡ଼ିଆ ଚିଠିପତ୍ରମାନ ଯଥା ସ୍ଥାନରେ ପ୍ରକାଶିତ ହେଲା । ଭରସା କରୁଁ ତାହା ସର୍ବସାଧାରଣଙ୍କ ଦୃଷ୍ଟିପଥରେ ପଡ଼ିବ ଏବଂ ବିଦ୍ୟାଳୟର ସ୍ଥାୟିତ୍ୱ ପ୍ରତି ସେମାନେ କୃପା କଟାକ୍ଷ ପ୍ରଦାନ କରିବାକୁ କୁଣ୍ଠିତ ହେବେ ନାହିଁ ।

—

ଦୁର୍ଭିକ୍ଷ ସାହାର୍ଯ୍ୟ ନିମିତ୍ତ କେତେ ବର୍ଷହେଲା ଗବର୍ଣ୍ଣମେଣ୍ଟ ଗୋଟିଏ ପାଣ୍ଠି ସ୍ଥାପନ କରି ଥିଲେ

Split by PDF Splitter
Digitized by srujanika@gmail.com

ଏବଂ ଏହି ନିୟମ ହୋଇ ଥିଲା କି ବାର୍ଷିକ ଦେଢକୋଟି ଟଙ୍କା ଉକ୍ତ କାର୍ଯ୍ୟ ନିମିତ୍ତ ପୃଥକ୍ ରହିବ । ସର ଜନ୍ ଷ୍ଟ୍ରାଚି ଆପଣା ମନ୍ତ୍ରୀତ୍ୱ କାଳରେ ଏହି ନିୟମ କରି ପରିଶେଷରେ ଅଫଗାନ ଯୁଦ୍ଧରେ ଉକ୍ତ ଟଙ୍କା ନିୟୋଗ କଲେ ଏବଂ ଉକ୍ତ ପାଣ୍ଠିର ଯଥାର୍ଥ ଉଦ୍ଦେଶ୍ୟ ସାଧିତ ହେଲା ନାହିଁ । ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏ ବିଷୟରେ ଏକ ନିର୍ଦ୍ଧାରଣପତ୍ର ପ୍ରଚାର କରି ତହିଁରେ ନିୟମ କରିଅଛନ୍ତି କି ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠି ତହିଁର ପ୍ରକୃତ ଉଦ୍ଦେଶ୍ୟ ସାଧନରେ ଅବଶ୍ୟ ନିୟୋଗ ହେବ ଏବଂ ଏହିପରି ବିଧାନ ହୋଇଅଛି କି ଉକ୍ତ ପାଣ୍ଠି ସକାଶେ ଦେଢକୋଟି ଟଙ୍କା ପ୍ରତିବର୍ଷର ରାଜସ୍ୱ ମଧ୍ୟରୁ ପୃଥକ୍ ବାହାର କରି ଦିଆଯାଇ ତହିଁ ମଧ୍ୟରୁ ଯେଉଁବର୍ଷ ଯେଉଁ ଠାରେ ଦୁର୍ଭିକ୍ଷ ପଡିବ ତହିଁର ବ୍ୟୟ ନିର୍ବାହ ହେବ ଏବଂ ଅବଶିଷ୍ଟ ଟଙ୍କା ଅର୍ଦ୍ଧେ ଦୁର୍ଭିକ୍ଷ ନିବାରଣୋପଯୋଗୀ ପୂର୍ତ୍ତକାର୍ଯ୍ୟରେ ଏବଂ ଅର୍ଦ୍ଧେ ଋଣ ପରିଶୋଧରେ ନିୟୋଗ ହେବ । ଯେଉଁ ବର୍ଷ ଦୁର୍ଭିକ୍ଷ ନ ଥିବ ସେ ବର୍ଷ ସମସ୍ତ ଟଙ୍କା କେବଳ ପୂର୍ତ୍ତକାର୍ଯ୍ୟ ଏବଂ ଋଣ ପରିଶୋଧରେ ବ୍ୟୟ ହେବ । ପୂର୍ତ୍ତକାର୍ଯ୍ୟର ଭାର ସ୍ୱୟଂ ଗବର୍ଣ୍ଣମେଣ୍ଟ ଗ୍ରହଣ କରିବେ ଏବଂ ଋଣ ପରିଶୋଧର ଭାର ଏକ କମିଟୀ ହସ୍ତରେ ରହିବ । ଏହି କମିଟୀରେ ଜଣେ ସରକାରୀ କର୍ମଚାରୀ ଏବଂ ଦୁଇଜଣ ସ୍ୱାଧୀନଲୋକ ନିଯୁକ୍ତ ହେବେ । ବର୍ତ୍ତମାନ ଅନରେବଲ ସାହେବ ଏବଂ ବାବୁ ଦୁର୍ଗାଚରଣ-ଲା ଶେଷ ଲିଖିତ ପ୍ରକାର ମେମ୍ବର ନିଯୁକ୍ତ ହୋଇ ଅଛନ୍ତି । ଲର୍ଡଡଫରିନଙ୍କର ଏହି ବ୍ୟବସ୍ଥା ଉତ୍ତମ ହୋଇଅଛି ଏବଂ ଏଥିରୁ ଜଣାଯାଏ ଯେ ସେ ସରଳଭାବରେ କାର୍ଯ୍ୟ କରି ସାଧାରଣ ବିଶ୍ୱାସର ପାତ୍ର ହେବାକୁ ଏକାନ୍ତ ଇଚ୍ଛୁକ ।

———

ମାଇନର ଏବଂ ବର୍ଣ୍ଣ କ୍ୟୁଲର ପରୀକ୍ଷା ସମ୍ପର୍କରେ ଆଉ ଖଣ୍ଡିଏ ପତ୍ର ଅଦ୍ୟ ପ୍ରକାଶିତ ହେଲା । ଏହି ବିଷୟରେ ଅନେକ ଗୁଡିଏ ପତ୍ର ବାହାର କରି ଆମ୍ଭେମାନେ ଆପଣା ନିୟମ ଭଙ୍ଗ କରିଅଛୁଁ ଏବଂ ପାଠକମାନଙ୍କର ବିରକ୍ତିର କାରଣ ହୋଇଅଛୁଁ ବୋଲି ଭୟ ହେଉଅଛି । ମାତ୍ର ପୂର୍ବପତ୍ରରେ ମଧୁ ବାବୁଙ୍କ ସମ୍ପର୍କରେ କେତେ କଥା ଲେଖା ଥିବାରୁ ତାହାଙ୍କର ଉତ୍ତର ସର୍ବସାଧାରଣଙ୍କୁ ଜଣାଇବା ଆମ୍ଭମାନଙ୍କର କର୍ତ୍ତବ୍ୟ ହେଉଅଛି ବିଶେଷତଃ ଏ ପତ୍ରରେ ଅନ୍ୟର କେତେ ବିଷୟ ଅଛି ଯାହା ସ୍ୱୟଂ ରଘୁନାଥ ବାବୁଙ୍କର ଉତ୍ତର ବୋଲି ଗୃହୀତ ହେବ ।

ପରୀକ୍ଷା ସମ୍ପର୍କରେ ଏଥିରେ ଯାହା ଲେଖା ଅଛି ତହିଁରେ ଆମ୍ଭମାନଙ୍କର ମତ ପୂର୍ବରୁ ପ୍ରକାଶ କରିଅଛୁଁ । ସେ ବିଷୟରେ ଆଉ କିଛି ବୋଲିବାର ନାହିଁ । ପ୍ରବନ୍ଧମାଳାର ଯେଉଁ ସମାଲୋଚନା ସମ୍ପାଦକୀୟହିସାବରେ ବାହାରିଥିଲା ତାହା ସ୍ୱୟଂ ରଘୁନାଥ ବାବୁ ଲେଖିଥିଲେ । ଏଥିକୁ ପତ୍ରପ୍ରେରକ ବୋଲନ୍ତି କି ବାବୁ ମହାଶୟ ଆପଣା ପଦୋପଲକ୍ଷରେ ଉକ୍ତ କାର୍ଯ୍ୟ ନ କରି ଅନ୍ୟ ଲୋକ ପରି କରିଥିବାରୁ ତାହା ବଡ ଦୋଷର ବିଷୟ ନୁହଇ । ଆମ୍ଭେମାନେ ଏ ମତରେ ଐକ୍ୟ ହୋଇ ନ ପାରୁଁ ସେ ଯେତେ ସରଳ ଭାବରେ ଉକ୍ତ କାର୍ଯ୍ୟ କରିଥିଲେହେଁ ତାହା ସୁନ୍ଦର ହୋଇ ନାହିଁ ଏବଂ ପ୍ରତ୍ୟକ୍ଷ ଦେଖାଯାଏ ଯେ ତହିଁରୁ ବହୁତ ଅନର୍ଥ ଜାତ ହୋଇଅଛି । ତାହାଙ୍କୁ ଆପଣା ପଦୋପଲକ୍ଷରେ ଉକ୍ତ ପୁସ୍ତକପ୍ରତି ମତବ୍ୟକ୍ତ କରିବାର ସମ୍ପୂର୍ଣ୍ଣ ସୁଯୋଗ ଥିଲା ଏବଂ ସେପରି କରି ଅଛନ୍ତି । ଯେବେ ସେହି ମତ ସର୍ବସାଧାରଣଙ୍କୁ ଜଣାଇବାର ଆବଶ୍ୟକ ଥିଲା ତେବେ ତହିଁର ପ୍ରତିଲିପି ସମ୍ବାଦପତ୍ରକୁ ପଠାଇ ଦେଇଥିଲେ ଯଥେଷ୍ଟ ହୋଇ ଥାନ୍ତା ଅଥବା ବାହାକାରେ ପ୍ରକାଶିତ ସମାଲୋଚନାରେ ଆପଣା ନାମ ସଂଯୁକ୍ତ କରିଥାନ୍ତେ । ଯେସ୍ଥଳେ ସେ ଆପଣା ମତକୁ ବାହାରର ମତ ବୋଲି ପ୍ରଚାର କରାଇ ଦେଇ ଅଛନ୍ତି ସେସ୍ଥଳେ ତାହାଙ୍କର ବିବେଚନାର ତ୍ରୁଟି ହୋଇ ଅଛି ଅବଶ୍ୟ ସ୍ୱୀକାର କରିବାକୁ ହେବ ।

———

✓ ଏଠା ଜଏଣ୍ଟ ମେଜିଷ୍ଟ୍ରେଟଙ୍କର ଗୋଟିଏ ମକଦ୍ଦମାରେ ବଡ ଅବିଚାର ଓ କଠିନ ଦଣ୍ଡ ଦେଖି ଆଶ୍ଚର୍ଯ୍ୟ ହୋଇଅଛୁ । ତହିଁର ବୃତ୍ତାନ୍ତ ଏହି—ଏଠା ପଲ୍ଟନର ଜଣେ ସୁବେଦାର ନାଲିସ କଲା କି କମ୍ପୁ ମଧ୍ୟସ୍ଥ ଭରମଙ୍ଗା ମଠର ବାବାଜୀ ଓ ଜଣେ ସିପାହି ମଧ୍ୟରେ ସର୍ବଦା ବିବାଦ ହେବାରୁ ତୁହେଁ କମ୍ପୁମଧ୍ୟରେ ରହିବାକୁ ଅନୁପଯୁକ୍ତ ଥିବାରୁ ମୁଁ ରିପୋର୍ଟ କଲି ତହୁଁ ବାବାଜୀ ମେଜର ସାହେବଙ୍କ ସାକ୍ଷାତରେ ମୋତେ ଅପବାଦ ଦେଇ ଅନେକ କଥା କହିଲା ଓ କୋଠିରୁ ବାହାର ଆସି ମୋତେ ଅନେକ ଗାଳି ଦେଇ ଓ କୁପିତ ହୋଇ କହିଲା କେତେ ଦାଢମଙ୍କୁ ମାଷ୍ଟରେ ମିଳେଇ ଦେଇଅଛି ତୋତେ ଦେଖିବି । ଏଥିରୁ ମୋର ବିଶ୍ୱାସ ଓ ଭୟ ଏହି ଯେ ସେ ଜବରଦସ୍ତ ବାବାଜୀ ଯାକୁ ଢୋଣା କରି ଅଥବା ଅନ୍ୟ କୌଣସି ମତେ ମୋତେ ଗୃହ ଛଅ ମାସରେ ମାରି ପକାଇବ । ଦୁଇଜଣ ଗୃହସ୍ଥ ସାକ୍ଷିଙ୍କ ମଧ୍ୟରୁ ପ୍ରଥମ ସାକ୍ଷୀ କହେ ଯେ ବାବାଜୀ କହିଲା କି କେତେ ସୁବେଦାର ଜମାଦାର ଗୁଳିଗଲେଣି ତୁମେ କି ଗୃହ ପାଞ୍ଚ ମାସରେ ଗୁଳିଯିବ ନାହିଁ କି ମୋ ସାଙ୍ଗରେ ଲଗାଉଅଛ ସେ ଏପରି କହନ୍ତେ ମୁଁ ଦେଇ ତହିଁରେ ମୁଣ୍ଡର ବିଦ୍ୟା ଦେଖାଇବା ଅର୍ଥ ତାହାର କଲ ମାତ୍ର ତହିଁର ସେପରି ଅର୍ଥ ମୁଁ ବୁଝି ନାହିଁ । ଦ୍ୱିତୀୟ ସାକ୍ଷୀ କହେ ଯେ ବାବାଜୀ କହିଲା କେତେ ସୁବେଦାର ଜମାଦାରଙ୍କୁ ମାଷ୍ଟରେ ମିଳେଇ ଦେଇଛି ତୁମ୍ଭଙ୍କୁ ଗୃହ ପାଞ୍ଚ ମାସରେ ଦେଖିବି ।

ବାବାଜିମାନେ ରାଗାନ୍ୱିତ ହେଲେ ସର୍ବଦା ପ୍ରାୟ ଏହିପରି କହିଆନ୍ତି କିନ୍ତୁ ପ୍ରକୃତରେ ମାରି ପକାଇବାର ଅଭିପ୍ରାୟ ନ ଥାଏ ଓ ମୁଦାଇଙ୍କ ବାବାଜୀ କଥାର ଅର୍ଥ ଯେପରି ସୁବେଦାର ଓ ଜଏଣ୍ଟମେଜିଷ୍ଟ୍ରେଟ ବୁଝିଅଛନ୍ତି ସେପରି ଆମ୍ଭେମାନେ ବୁଝି ନାହୁଁ । ପୁଣି ତହିଁର ପ୍ରମାଣ ଏପରି ଦୁର୍ବଳ ଓ ଅମେଳ । ବାବାଜୀ ଜଣ ଉଠାଇଅଛି ତାକୁ ପଚରା ଯାଇ ନାହିଁ କିମ୍ବା ସେ କିଛି କହି ନାହିଁ ସେ ଅଭିଯୋଗ ଶୁଣି କହୁଅଛି ମୁଁ କିଂ ଦେଶୀ । ତଥାଚ ଜଏଣ୍ଟ ମେଜିଷ୍ଟ୍ରେଟ ତାକୁ ମୁଣ୍ଡର ବିଦ୍ୟା ଦେଖାଇବା ଅପରାଧରେ ତାହା ପ୍ରତି ଛଅ ମାସ କଠିନ ପରିଶ୍ରମ ସହିତ କାରାବାସ ଓ ଟ ୫୦ ଙ୍କା ଅର୍ଥଦଣ୍ଡ ବିଧାନ କରିଅଛନ୍ତି ବଡ ଅନ୍ୟାୟ ହୋଇଅଛି ।

———

### ମାଇନର ଓ ବର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତିର ନୂତନ ନିୟମ ।

ଏହି ନିୟମାବଳୀ ଗତ ସପ୍ତାହର କଲିକତା ଗେଜେଟରେ ବାହାର ଅଛି । ଏଥିର ସଂକ୍ଷେପ ବିଧାନ ଏହି କି ମଧ୍ୟଶ୍ରେଣୀର ବର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତି ମାସକୁ ଟ ୪୮ ଙ୍କା ଲେଖାଏ ନିମ୍ନ ଶ୍ରେଣୀର ଇଂରାଜୀ ସ୍କୁଲରେ ପଢିବା ନିମିତ୍ତ ଦୁଇବର୍ଷ ଏବଂ ପ୍ରଥମଶ୍ରେଣୀର ନର୍ମାଲସ୍କୁଲରେ ପଢିବା ସକାଶେ ତିନିବର୍ଷ ଦିଆଯିବ । ମଧ୍ୟମ ଶ୍ରେଣୀର ଇଂରାଜୀ ଛାତ୍ରବୃତ୍ତି ଟ ୫୮ ଙ୍କା ଲେଖାଏ ତିନିବର୍ଷ ପର୍ଯ୍ୟନ୍ତ ପ୍ରଥମ ଲେଖିତ ବିଦ୍ୟାଳୟରେ ଅଧ୍ୟୟନ ନିମିତ୍ତ ଦିଆଯିବ ବୃତ୍ତିର ସମୟ ଉତ୍ତାରୁ ବୃତ୍ତିଧାରୀମାନେ ସାଧାରଣ ୨ ବର୍ଷ ଓ

Digitized by srujanika@gmail.com

୧ ବର୍ଷ ବଳା ଚେଷ୍ଟାରେ ପଢି ପାରବେ । ବର୍ଣ୍ଣାକ୍ୟୁଲର ବୃତ୍ତି ନିମିତ୍ତ ଊର୍ଦ୍ଧ୍ୱ ବୟସ ୧୫ ବର୍ଷ ଏବଂ ଇଂରାଜୀ ବୃତ୍ତି ନିମିତ୍ତ ୧୬ ବର୍ଷ ଧାର୍ଯ୍ୟ ହୋଇଅଛି । ଉଭୟ ପରୀକ୍ଷାର ବିଷୟ ସମାନ ଅଟଇ କେବଳ ଇଂରାଜୀ ବୃତ୍ତି ସକାଶେ ଇଂରାଜୀ ଭାଷାରେ ନିର୍ଦ୍ଦିଷ୍ଟ ହେବା ଆବଶ୍ୟକ । ଇଂରାଜୀ ବୃତ୍ତିର ପ୍ରାର୍ଥୀ ଇଂରାଜୀ ଛଡା ଅନ୍ୟାନ୍ୟ ବିଷୟରେ କୃତକାର୍ଯ୍ୟ ହେଲେ ବର୍ଣ୍ଣାକ୍ୟୁଲର ବୃତ୍ତିର ଉପଯୁକ୍ତ ହେବେ । ପରୀକ୍ଷାର ବିଷୟ ଏବଂ ପାସ ହେବାର ନମ୍ବର ବର୍ତ୍ତମାନ ପ୍ରାୟ ସମାନ ଥିବାରୁ ତହିଁର ଉଲ୍ଲେଖ କରିବା ଅନାବଶ୍ୟକ । ଏ ନିୟମ ବଳୀରେ ବିଶେଷ ଏହିକି ଦେଖାଯାଏ ଯେ ପ୍ରତ୍ୟେକ ସର୍କଲ ଇନସ୍ପେକ୍ଟର ଆପଣା ସର୍କଲରେ ପରୀକ୍ଷା କାର୍ଯ୍ୟ ନିର୍ବାହ କରିବେ ମାତ୍ର ଏହା ପାଠ୍ୟପୁସ୍ତକ ସମସ୍ତ ସର୍କଲ ନିମିତ୍ତ ଧାର୍ଯ୍ୟ ହେବ ଏବଂ ଶ୍ରୀଯୁକ୍ତ ଡାଇରେକ୍ଟର ସାହେବ ପୂର୍ବବର୍ଷ ପର୍ଯ୍ୟନ୍ତ ତାହା ପ୍ରଚାର କରିବେ । ପାଠ୍ୟ ପୁସ୍ତକର ତାଲିକା ସେଣ୍ଟ୍ରାଲ ଟେକ୍ସ୍ଟ ବୁକ କମିଟୀ ପ୍ରସ୍ତୁତ କରିବେ ଏବଂ ଡାଇରେକ୍ଟର ସାହେବ ତାହା ମଞ୍ଜୁର କଲାରୁ ଇନସ୍ପେକ୍ଟରଙ୍କଦ୍ୱାରା ମଧ୍ୟମଶ୍ରେଣୀର ସ୍କୁଲ ସମସ୍ତଙ୍କୁ ଦିଆଯିବ । ସେହି ତାଲିକାରେ ଥିବା ପୁସ୍ତକ ମଧ୍ୟରୁ ମ୍ୟାନେଜରମାନେ ଆପଣା୨ ଇଚ୍ଛାନୁସାରେ କୌଣସି ପୁସ୍ତକ ମନୋନୀତ କରି ଆପଣା୨ ଅଧୀନସ୍ଥ ସ୍କୁଲରେ ଚଳାଇବେ । ଡଲ କ୍ଲାସ ନିମିତ୍ତ ଯେ ସମସ୍ତ ପୁସ୍ତକ ଉପଯୁକ୍ତ ହେବ ଉକ୍ତ କମିଟୀ ତାହାସବୁ ନିର୍ଣ୍ଣୟ କରିବେ ଏବଂ ସର୍କଲ ଇନସ୍ପେକ୍ଟର ଡେପୁଟି ଇନସ୍ପେକ୍ଟର ଓ ଆସିଷ୍ଟାଣ୍ଟ ଇନସ୍ପେକ୍ଟରମାନେ ବିଦ୍ୟାଳୟର ପାଠୋପଯୋଗୀ ପୁସ୍ତକ ଯେତେବେଳେ ଯାହା ବାହାରୁଥିବ ତହିଁର ସମ୍ବାଦ ଉକ୍ତ କମିଟୀକୁ ଦେଉଥିବେ ।)

ଉପରଲିଖିତ ନିୟମାବଳୀରୁ ଜଣାଯାଏ ଯେ ବଙ୍ଗଦେଶର ସମସ୍ତ ସ୍ଥାନର ଛାତ୍ରଙ୍କ ଯୋଗ୍ୟତା ଏକ ସମାନ ରଖିବାର ଅଧିକ ଚେଷ୍ଟା ହୋଇଅଛି ମାତ୍ର କେବଳ ପାଠ୍ୟପୁସ୍ତକ ଧାର୍ଯ୍ୟ କରିବାଦ୍ୱାରା ତାହା ସମ୍ୟକ୍ ପୂର୍ଣ୍ଣ ହେବା ନିଶ୍ଚୟ ହେଉ ନାହିଁ । ପରୀକ୍ଷାର ପ୍ରଶ୍ନମାନ ସବୁ ସର୍କଲ ସକାଶେ ଏକ ପ୍ରକାର ହେବାର ନିୟମ ହୋଇଥିଲେ ଅଧିକ ଭଲ ହୋଇଥାନ୍ତା ଏବଂ ଏଥିରେ ଯେ ବିଶେଷ ଅସୁବିଧା ଘଟି ପାରନ୍ତା ଆମ୍ଭେମାନେ ସ୍ଥିର କରି ପାରୁ ନାହୁଁ । ପାଠ୍ୟ ପୁସ୍ତକ ବିଷୟରେ ଓଡିଆର ବହିମାନ ଲେଖା ଅଧିକ ହେବାର ଆଶା ନାହିଁ । ଓଡିଆର ଭାଷା ସ୍ୱତନ୍ତ୍ର ସୁତରାଂ ସ୍ୱତନ୍ତ୍ର ପୁସ୍ତକ ଉପରେ ନିର୍ଭର କରିବାକୁ ହେବ ଏବଂ ଯେ ଭାବରେ ଏଠାରେ ପୁସ୍ତକ ନିର୍ବାଚନର କମିଟୀ ଗଠିତ ହୋଇଅଛି ଓ ପୁସ୍ତକ ବିଶେଷର ଆଦର ହେଉଅଛି ତହିଁରେ ବିଶେଷ ଉନ୍ନତିର ଆଶା ଅଳ୍ପ ଦେଖାଯାଏ ।

---

## ଆଇନ ଏବଂ ଦେଶୀୟ ସମ୍ବାଦପତ୍ରର କର୍ତ୍ତବ୍ୟ ।

ଫଉଜଦାରୀ ଅଦାଲତ ନିମିତ୍ତ ଯେମନ୍ତ ଏକ ଦଣ୍ଡବିଧିରେ ସମସ୍ତ ଅପରାଧର କଥା ରହିଅଛି ସେହିପରି ଦେୱାନୀ ଅଦାଲତ ନିମିତ୍ତ ଖଣ୍ଡିଏ ବିଧି ପୁସ୍ତକ କରିବା କାରଣ ଗବର୍ଣ୍ଣମେଣ୍ଟ ଅନେକ ଦିନରୁ ଚେଷ୍ଟା କରି ତହିଁର ଆରମ୍ଭ ସ୍ୱରୂପ କେତେଗୁଡିଏ ନୂତନ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରିଅଛନ୍ତି ତନ୍ମଧ୍ୟରେ ସମ୍ପତ୍ତି ହସ୍ତାନ୍ତର ବିଷୟକ ଆଇନର ପାଣ୍ଡୁଲିପି ଗୋଟିଏ ଅଟଇ । ଏହି ପାଣ୍ଡୁଲିପି ସନ ୧୮୭୭ ସାଲରେ ପ୍ରଥମେ ଗେଜେଟରେ ପ୍ରକାଶିତ ହୋଇ ଥିଲା । ତହିଁ ଉତ୍ତାରୁ ଏହାର ଅନୁବାଦ ଭାରତବର୍ଷର ନାନାଭାଷାରେ ପ୍ରସ୍ତୁତ ହୋଇ ଗତବର୍ଷ ଏହା ବ୍ୟବସ୍ଥାପକ ସଭାଙ୍କ ସମ୍ମୁଖରେ ରହିଅଛି ଏବଂ ଏଥିରେ ଅନେକ ପରିବର୍ତ୍ତନ ମଧ୍ୟ ହୋଇ ଅଛି । ଏହି ମାସରେ ଏ ଆଇନ ବିଧିବଦ୍ଧ ହେବାର ଥିଲା ମାତ୍ର ଏଥିର ବିଧାନମାନ ଭାରତବାସିଙ୍କର ମନୋନୀତ ହୋଇ ନାହିଁ ଏବଂ ଅନେକ ଲୋକଙ୍କର ଏଥିରେ ଆପତ୍ତି ଅଛି ସେ ସମସ୍ତ ଆପତ୍ତି ଦର୍ଶାଇବା କାରଣ ଲୋକଙ୍କୁ ସୁଯୋଗ ଦେବା କାରଣ ଏହି ଆଇନକୁ ଆଉ କେତେଦିନ ବିଚାରାଧୀନରେ ରଖିବାର ପ୍ରସ୍ତାବ ହେବାରୁ ସଭ୍ୟମାନେ ଛଅମାସ କାଳ ସମୟ ଦେଲେ ଏବଂ ଏହି ପ୍ରସ୍ତାବ ମଞ୍ଜୁର କରିବା ବେଳେ ମହାମାନ୍ୟ ପ୍ରତିନିଧି ସାହେବ କହିଲେ ଯେ ଯେଉଁସ୍ଥଳେ ଗତବର୍ଷ କାଳ ଏ ପାଣ୍ଡୁଲିପି ସର୍ବସାଧାରଣଙ୍କ ସାକ୍ଷାତରେ ରହି ଅଛି ଏବଂ କାହାର ମନ ତହିଁ ପ୍ରତି ଆକର୍ଷିତ ହୋଇ ନାହିଁ ସେସ୍ଥଳେ ଆଉ ଅଧିକକାଳ ଏହାକୁ ପକାଇ ରଖିବା ଅଗ୍ରାହ୍ୟ କରିବା ଉଚିତ ଅଟଇ । ଗବର୍ଣ୍ଣମେଣ୍ଟ ଯଥାସାଧ୍ୟ ଏ ଆଇନର ବିଧାନ ଭାରତବର୍ଷର ନାନାଦେଶୀୟ ଭାଷାର ଗେଜେଟରେ ପ୍ରକାଶ କରାଇ ଅଛନ୍ତି । ଦେଶୀୟ ସମ୍ବାଦପତ୍ରର ଉଚିତ ଯେ ଗେଜେଟରେ ଯାହା ପ୍ରକାଶ ହେବ ସେମାନେ ଅବିଲମ୍ବେ ତାହା ପ୍ରଚାର କରିବେ ଏବଂ ସାଧାରଣ ମତାମତ ଜଣାଇବେ ଯେବେ ସମ୍ପାଦକମାନେ ତାହା ନ କରନ୍ତି ତେବେ ସେମାନେ ଆପଣା କର୍ତ୍ତବ୍ୟକର୍ମରେ ତ୍ରୁଟି କଲେ ବୋଲିବାକୁ ହେବ ଏବଂ ଏ ପ୍ରକାର ତ୍ରୁଟି ହେଲେ ଗବର୍ଣ୍ଣମେଣ୍ଟ ହିତକର ଅନୁଷ୍ଠାନମାନଙ୍କରେ ବିଳମ୍ବ କରି ନ ପାରନ୍ତି । ଆମ୍ଭେମାନେ ସ୍ୱୀକାର କରୁଁ ଯେ ମହାମାନ୍ୟ ପ୍ରତିନିଧି ସାହେବ ଦେଶୀୟ ସମ୍ବାଦପତ୍ରର କର୍ତ୍ତବ୍ୟତା ବିଷୟରେ ଯାହା କହି ଅଛନ୍ତି ତାହା ସତ୍ୟ ଅଟଇ । ଗବର୍ଣ୍ଣମେଣ୍ଟଙ୍କ ବ୍ୟବସ୍ଥା ସମ୍ପର୍କରେ ଯଥା ସମୟରେ ମତାମତ ପ୍ରକାଶ କରିବା ଦେଶୀୟ ସମ୍ବାଦପତ୍ରର ମହତ କାର୍ଯ୍ୟ ହେଉଅଛି । କିନ୍ତୁ ଯେଉଁସ୍ଥଳେ ସମ୍ପତ୍ତି ହସ୍ତାନ୍ତରରୂପ ଜଟିଳ ବିଷୟ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ବ୍ୟବସ୍ଥା କରିବାକୁ ସଂକଳ୍ପ କରି ଆପଣା ପ୍ରସ୍ତାବମାନ ପୁନଃ୨ ପରିବର୍ତ୍ତନ କରିବାରେ ବ୍ୟସ୍ତ ହୁଅନ୍ତି ଓ ପ୍ରତିଥର ପାଣ୍ଡୁଲିପିଟି ନୂତନ ପ୍ରାୟ ହୋଇ ଯାଏ ସେସ୍ଥଳେ ସମ୍ପାଦକମାନେ ସାଧାରଣ ମତ ପ୍ରକାଶ କରିବାକୁ ଅଳ୍ପ ଆବଶ୍ୟକ ଜ୍ଞାନ କରନ୍ତି । ପ୍ରତିଥର ବ୍ୟବସ୍ଥା ଦେଖି ମନେ ହୁଅଇ ଯେ ଗବର୍ଣ୍ଣମେଣ୍ଟଙ୍କର ସ୍ଥିର ସିଦ୍ଧାନ୍ତ ଅବଧି ହୋଇ ନାହିଁ ଏବଂ ହିନ୍ଦୁଶାସ୍ତ୍ରର ବ୍ୟବସ୍ଥା ଭଳି ସାମାନ୍ୟ କଥା ନୁହଇ ଯେ ଅଳ୍ପ କଥାରେ ତହିଁର ବ୍ୟାଖ୍ୟା ହୋଇଯିବ । ଇଦାନୀଂ ଗବର୍ଣ୍ଣମେଣ୍ଟ ନୂତନ୨ ଆଇନ କରିବାକୁ ଏତେ ତତ୍ପର ଯେ ଲୋକମାନେ ବ୍ୟବସ୍ଥାପକ ସଭା ସହିତ ଦୌଡିବାକୁ ସମ୍ପୂର୍ଣ୍ଣରୂପେ ଅକ୍ଷମ ହୋଇ ଅଛନ୍ତି । ଏପ୍ରକାର ବିଷୟରେ ବ୍ୟବସ୍ଥାପକ ସଭା ରହି ସମ୍ଭାଳି କାର୍ଯ୍ୟ କଲେ କିଛି ବିଶେଷ କ୍ଷତି ଦେଖାଯାଏ ନାହିଁ ତେବେ ଏତେ ଚଞ୍ଚଳ କାହିଁକି । ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଁ ଯେ ବ୍ୟବସ୍ଥାପକ ସଭାର ବେଗ ସମ୍ବରଣ କରନ୍ତୁ ଏବଂ ଗୋଟିଏ୨ ବୃହତ ବିଷୟ ଯେତେ ଲିଖିତ ହୋଇ ଅଧିକକାଳ ଚଳନ୍ତା କରନ୍ତୁ ତାହା ହେଲେ ସର୍ବସାଧାରଣ ତାହାଙ୍କ ସଙ୍ଗେ ଯୋଗ ଦେଇ ପାରିବେ ।

---

ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା;—

ଅମ୍ଭମାନଙ୍କ ଜଏଣ୍ଟ ମେଜିଷ୍ଟ୍ରେଟ ଶ୍ରୀଯୁତ ବାର୍ଣ୍ଣେ ସାହେବ ମୁଙ୍ଗେର ଜିଲ୍ଲାକୁ ବଦଳି ହେଉଥିବାରୁ ଏଠାର ସମସ୍ତ ଲୋକ ଦୁଃଖିତ ଅଛନ୍ତି ସାହେବ ମହୋଦୟ ପୂର୍ବବର୍ଷରୁ ଅଧିକକାଳ ଏ ସବଡିଭିଜନ ଭାର ଗ୍ରହଣ କରି ଏପ୍ରକାର ଦୃଢ଼ଗ୍ରହ ଦବ

# ଅତିରିକ୍ତ

ଉତ୍କଳଦୀପିକା ତା ୧୮ ଇଶ ଫେବୃଏରୀ ସନ ୧୮୮୬ ମସିହା ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ,

ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ନିମ୍ନଲିଖିତ କତିପୟ ପଂକ୍ତିକୁ ସ୍ଥାନ ଦାନ କରି ବାଧିତ କରିବାହେବେ ।

କେନ୍ଦ୍ରାପଡ଼ା ଇଂରେଜୀସ୍କୁଲ ଗୃହ ଅତି ସଙ୍କୀର୍ଣ୍ଣ ଥିବାରୁ ଗତ ପରବର୍ଷେ ଗୋଟିଏ ନୂତନ ଗୃହ ନିର୍ମାଣ ନିମନ୍ତେ ସ୍କୁଲକମିଟୀ ଉତ୍ସାହିତ ହୋଇ ଗତସନ ଫିସେର ମାସରୁ ଚନ୍ଦା ଆଦାୟରେ ତତ୍ପର ଅଛନ୍ତି । ଅଦ୍ୟପର୍ଯ୍ୟନ୍ତ ଟ ୧୬୫୦୲ ଙ୍କା ନିମ୍ନଲିଖିତ ମହାନୁଭବ ବ୍ୟକ୍ତିମାନଙ୍କଠାରୁ ଆଦାୟ ଓ ଅଙ୍ଗୀକୃତ ହୋଇଅଛି । ଏଥିନିମିତ୍ତ କମିଟୀ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛନ୍ତି । ଏମାନଙ୍କ ମଧ୍ୟରୁ ମାନ୍ୟବର ଶ୍ରୀଲଶ୍ରୀଯୁକ୍ତ ବର୍ଦ୍ଧମାନ ମହାରାଜାଙ୍କ ଏକ ସହସ୍ର ମୁଦ୍ରା ( ୧୦୦୦୲ ଙ୍କା ) ସର୍ବୋପଯୋଗୀ ଦାନ ହୋଇଅଛି । ଅନ୍ୟାନ୍ୟ ମାନଙ୍କ ମଧ୍ୟରୁ କାସିମ୍‌ବଜାରନିବାସିନୀ ଶ୍ରୀମତୀ ମହାରାଣୀ ସ୍ୱର୍ଣ୍ଣମୟୀଙ୍କର କୌଣସି ଏଲାକା ଏ ସବ୍‌ଡିଭିଜନରେ ନ ଥିଲେହେଁ ଆପଣାର ଦାନଶୀଳତା ଓ ଦେଶହିତୈଷିତା ଗୁଣଯୋଗୁଁ ଏକଶତ ମୁଦ୍ରା ( ଟ ୧୦୦୲ ଙ୍କା ) ଦାନ କରିଅଛନ୍ତି ।

ଅମ୍ଭମାନଙ୍କର ଆହୁରି ଟ ୮୦୦୲ ଙ୍କା ନିଅଣ୍ଟ । ଶ୍ରୀଯୁକ୍ତ ରାଜା ଶ୍ୟାମାନନ୍ଦଦେ ଓ ମହାରାଜା ନାରାୟଣଦେଓଙ୍କ ନିକଟକୁ ଏବଂ ଏ ସବ୍‌ଡିଭିଜନରେ ସ୍ଥିତଥିବା ଅନ୍ୟାନ୍ୟ ସୁବିଖ୍ୟାତ ଭଦ୍ରଲୋକଙ୍କ ନିକଟକୁ ପ୍ରାର୍ଥନାପତ୍ର ପ୍ରେରିତ ହୋଇଅଛି ଓ କମିଟୀ ଭରସାକରନ୍ତି କି ସେମାନେ ମଧ୍ୟ ଏହିପରି ସାହାଯ୍ୟ ଦାନେ କୁଣ୍ଠିତ ନ ହେବେ ।

ଶ୍ରୀଯୁକ୍ତ ବାବୁ ଜଗନ୍ନାଥଭ୍ରମରବର ରାୟ ଓ ଶ୍ରୀଯୁକ୍ତ ବାବୁ ରାମଗୋବିନ୍ଦ ଜଗଦେବଙ୍କ ନାମ ଉଲ୍ଲେଖ କରିବା ବାହୁଲ୍ୟ ଯେହେତୁ ସେମାନେ ଏଠାର ପ୍ରଧାନ ବ୍ୟକ୍ତି ଅଟନ୍ତି ଅତଏବ କମିଟୀଙ୍କର ପ୍ରାର୍ଥିତ ଆଶା ସେମାନଙ୍କଠାରେ ବିଫଳ ହେବ ନାହିଁ ।

ଚନ୍ଦାଦାୟୀ ହୋଇଥିବା ତାଲିକା ।

| | |
|---|---|
| ଶ୍ରୀମତୀ ମହାରାଣୀ ସ୍ୱର୍ଣ୍ଣମୟୀ .. | ଟ ୧୦୦୲ |
| ଶ୍ରୀଲଶ୍ରୀଯୁକ୍ତ ମହାରାଜା ବର୍ଦ୍ଧମାନ | ଟ ୧୦୦୦୲ |
| ଶ୍ରୀଯୁକ୍ତ ବାବୁ ରାମନାଥ ରାୟ ଚଉଧୁରୀ | ଟ ୨୦୦୲ |
| ଶ୍ରୀଲଶ୍ରୀଯୁକ୍ତ ରାଜା ପଦ୍ମନାଭଦେବ | ଟ ୧୦୦୲ |
| „ „ ରାଜା । କ । ନନ୍ଦା | ଟ ୧୦୦୲ |
| „ „ ରାଜା ଦଗମ୍ବର ମିତ୍ର | ଟ ୧୦୦୲ |
| ଶ୍ରୀଯୁକ୍ତ ବାବୁ ଲକ୍ଷ୍ମୀନାରାୟଣ ରାୟ ଚଉଧୁରୀ | ଟ ୫୦୲ |

କେନ୍ଦ୍ରାପଡ଼ା
ତା ୧୪ ଇଶଫିବ୍ରୁଏରୀ ୧୮୮୬ } ବଶମ୍ବଦ
ଶ୍ରୀଲକ୍ଷ୍ମୀନାରାୟଣ ଦାସ ବି
ଏ ; ହେଡମାଷ୍ଟର

☞ ଏଥିରୁ ଜଣାଯାଏ ଯେ ବର୍ଦ୍ଧମାନର ମହାରାଜା ସ୍କୁଲ ଗୃହ ନିର୍ମାଣ ନିମିତ୍ତ ନିଅଣ୍ଟ ଥିବା ସମସ୍ତଟଙ୍କା ଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଗତ ସପ୍ତାହରେ ଯେଉଁ ପ୍ରେରିତପତ୍ର ଅମ୍ଭେମାନେ ପ୍ରକାଶ କରିଥିଲୁଁ ତାହା ଅମୂଳକ ଅଟଇ ।—ସମ୍ପାଦକ

---

To the Editor of Utkal Dipika,

Sir,

I beg to request the favor of your publishing the following remarks of mine on a letter which appeared in the last issue of the Dipika from the pen of a gentleman who calls himself *Pro Bono Publico.*

I shall begin by stating that the letter under comment contains two statements which are grossly false. The first is the statement that grace marks are lavishly awarded by the Joint Inspector according to his discretion. I challenge your correspondent to show proofs. I have the authority of the Joint Inspector to say that far from awarding grace-marks lavishly, he has not even in a single instance exercised his discretion in giving grace-marks. The second statement is that 'A literary work, the outcome of a Joint agency received ( was reviewed ? ) eulogistically in the Balasore Bahika by the Joint and awarded subsequently with a Government reward uncontested by the same Joint in his official capacity." I heartily detest the enigmatic obscurity, so favorable for stabbing people in the dark, with which *Pro Bono* seeks to undermine public confidence in the character of the Joint Inspector and of the person whom he describes as the "ostensible author" of the literary work. I may tell your correspondent and his informant on my own authority ( in this case the highest authority, I myself being the author of the book in question ) that their ingenious attempt to plaster together

Split by PDF Splitter


the true and false, in order to produce something plausible for acceptance of the public, shall prove to be a pitiful failure. The second statement resolves itself into two distinct accusations; viz., that Babu Radhanath, being the Joint Inspector, reviewed the work in the Bahika and that the work was the production of the conjoint efforts of Babu Radhanath and myself, but that the former gentleman did not put his name to it as his official capacity prevented his publicly claiming any share of the reward. I do not wish to dwell upon the miscreantlike {impudence of the above assertion. It is true that Babu Radha nath criticised the work in the Bahika in his private capacity of a critic but I believe no sensible man can ever discover the cogent reasons which have induced *Pro Bono* to consider this act of the Joint Inspector as a grievous sin. As regards the second accusation, I solemnly affirm that it is a lie, pure and simple. I challenge your correspondent and his informant to show that any passage in the book was written or even dictated by Babu Radanath or any other man save and except myself

As regards the selection of text-books by the Joint Inspector, I may inform your correspondent that Babu Radhanath consults gentlemen whom he ought to consult. The very fact that his selections are approved by the Director who compares them with similar lists from elsewhere as also the existence of a text-book Committee appointed by Government to chose appropriate text-books ought to set the question at rest.

It is not true that the examiners appointed by the Joint Inspector are mostly his subordinates, for of the six examiners appointed last year, as many as four hold respectable situations which are in no sense under his control.

The fact that outsiders are not appointed examiners is not peculiar to Orissa. There are many difficulties in the way which *Pro Bono* may not have the candour to admit but which he cannot inwardly ignore. In the first place the remuneration offered is not sufficiently attractive. Unlike officers of the Education Department, outsiders hardly possess leisure enough for doing extra-work. Besides, it is difficult for them, however well-educated they may be, to realize the standard prescribed for the different examinations. *Pro Bono* cites the example of the Calcutta University but he must have known that almost invariably the examiners appointed by the syndicate are members of the Education Department.

It is not unlikely that either the present Joint Inspector or his predecessor might occasionally have thought it necessary to request an examiner to alter or modify an unusually difficult paper. Is not the same thing done by the moderators of the Calcutta University? Why then does your correspondent fall foul with the Joint Inspector for doing what is quite necessary in the interests of fairness?

Every right-minded man will admit that your correspondent has failed to show that there is any thing peculiarly wrong in the procedings of the Joint Inspector, any thing which is not common to other educational circles. If the system has any defects, the defects are common to the whole Presidency. The Jt. Inspector never claimed any share of praise for the results except in what the advancing tide of the times would inevitably lead to. Any one who has read his reports will admit this.

CUTTACK }
9—2—82 }

I remain
yours faithfully
MADHUSUDAN RAO

## NOTICE.

Gentlemen willing to contribute towards the maintenance of the Cuttack Academy, founded by the late lamented Babu Peary Mohan Acharjea, are hereby requested to send their donations or subscriptions either to the undersigned, or to Babu Bhuvan Mohan Acharjea Secretary to the managing Committee or to the Editor of the Utkal Depica.

CUTTACK }
16—2—82. }

S. C. NAIK
*Assist. Secretary to the Managing Committee.*

## ବିଜ୍ଞାପନ ।

ମୃତ ବାବୁ ପ୍ୟାରୀମୋହନ ଅଚାର୍ଯ୍ୟଙ୍କଦ୍ୱାରା ସ୍ଥାପିତ ସ୍କୁଲ ( କଟକ ଏକେଡେମି ) ର ସ୍ଥାୟିତ୍ୱ ପକ୍ଷେ ଯେଉଁ ମହାଶୟମାନେ ମାସିକ ଚାନ୍ଦା କିମ୍ବା ଏକକାଳୀନ ଦାନ ଦେବାକୁ ଇଚ୍ଛା କରନ୍ତି ସେମାନଙ୍କୁ ପ୍ରାର୍ଥନା ଯେ ସେମାନେ ସ୍ୱ ସ୍ୱ ଦେୟ ଅର୍ଥ ନିକଟକୁ ଅଥବା ସ୍କୁଲର ମେନେଜିଂ କମିଟିର ସମ୍ପାଦକ ଶ୍ରୀ ବାବୁ ଭୁବନମୋହନ ଅଚାର୍ଯ୍ୟଙ୍କ ନିକଟକୁ ଅଥବା ଉତ୍କଳଦୀପିକା ସମ୍ପାଦକ ମହାଶୟଙ୍କ ନିକଟକୁ ପଠାଇବେ ।

କଟକ }
୧୬।୨।୮୨ }

ଶ୍ରୀ ସୁଦାମଚରଣ ନାୟକ
ସହକାରୀ ସମ୍ପାଦକ ମେନେଜିଂ କମିଟି

## ଫିଟନ ଗାଡି ବିକ୍ରୟ ।

ଏକଖଣ୍ଡ ଯୋଡ ଘୋଡାର ଉତ୍ତମ ଫିଟନ ବିକ୍ରୟ କରିବୁ ଅଛୁ । ଏହା ପ୍ରକୃତରେ ନୂତନ ନ ହେଲେହେଁ ସଂପୂର୍ଣ୍ଣରୂପେ ମରାମତ ଓ ନୂତନ ପ୍ରାୟ ହୋଇ ଅଛି ଏବଂ ଅଳ୍ପ ମଜବୁତ ଅଛି ଯାହାଙ୍କର କିଣିବାକୁ ଇଚ୍ଛା ହେବ ସହର କଟକ ରୌଶୁସ ବଜାର ନିବାସୀ ମୃତ ପଦ୍ମଲୋଚନ ଦତ୍ତ ମଲ୍ଲିକ ଅଭ ବାବୁ କହ୍ନାଇ ଦାସଙ୍କଠାରୁ ମୂଲ୍ୟ ଇତ୍ୟାଦି ସମସ୍ତ ବୃତ୍ତାନ୍ତ ଜାଣି ପାରିବେ । ତା ୧୬ ରଖ ଫେବ୍ରୁଏରୀ ସନ ୧୮୮୨ ସାଲ ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରବେଗରେ କୁଇନାଇନର ପରିବର୍ତ୍ତେ ଉତ୍କୃଷ୍ଟ ଔଷଧ ବୋଲି ଜଣାଯାଇଅଛି । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟ ନିକଟରେ ନିମ୍ନଲିଖିତ ଦରରେ ମିଳିପାରିବ ଯଥା—

ଭାଲ୍ୟୁପେବଲ ପତ୍ର * ଅଧପାଉଣ୍ଡ ଟେକ୍ସ ୨ ୮ [illegible]
ଟ ୧୧ ଣା । ୧୫ ଅଉନ୍ସର ଟ ୬।୦ ମୂଲ୍ୟ ୦୬୦ ।

[illegible] ମୂଲ୍ୟଅଗ୍ର ଦେୟ ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୭ ଶ
ସଂ ୮ ସଂଖ୍ୟା
ତା ୨୪ ଇଙ୍ଗ ମାହେ ଫିବ୍ରୁଏରୀ ସନ ୧୮୮୨ ମସିହା । ମୁ । ଫାଲଗୁନ ଦ ୧୨ଙ୍କ ସନ ୧୨୮୯ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୧
ମଫସଲପାଇଁ ଡାକମାସୁଲ ଟ ୧୷/

ଜଏଣ୍ଟ ମାଜିଷ୍ଟ୍ରେଟମାନେ ଦେଓ୍ୱାନୀ ମୋକଦମା ବୁଝିବାର ନୂତନ ବିଧି ଏ ଜିଲାରେ ଏହି ମାସରୁ ଆରମ୍ଭ ହେଲା । ସମ୍ପ୍ରତି କେବଳ କଟକର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମାନଷ୍ଟୀ ସାହେବଙ୍କ ପ୍ରତି ସପ୍ତାହରେ ଦୁଇଟା ଲେଖାଏ ମୋକଦମା ସୁପର୍ଦ୍ଦ ହେବାର ବିଧି ହୋଇଅଛି । କେନ୍ଦ୍ରାପଡ଼ାର ଜଏଣ୍ଟମାଜିଷ୍ଟ୍ରେଟଙ୍କୁ ବର୍ତ୍ତମାନ ମୋକଦମା ସୁପର୍ଦ୍ଦ କରିବାର ସୁବିଧା ହେଉ ନାହିଁ କାରଣ ସେଠାରେ ଉକିଲ ନାହାନ୍ତି ଏବଂ ଯେଉଁ ମୁକ୍ତା[illegible]ଙ୍କ କ୍ଷମତା ଦିଆଯାଇ ପାରେ ତାହାଙ୍କର ସଂଖ୍ୟା [illegible] ଅଧିକ ନାହିଁ । ଫଳେ ଗବର୍ଣ୍ଣମେଣ୍ଟଙ୍କର ଏ ବିଷୟର ବଡ଼ ଭଲ ହୋଇ ନାହିଁ । ଏଥିରେ କାର୍ଯ୍ୟର ଅସୁବିଧା ଏବଂ ନୂତନ ଶିକ୍ଷାଳଙ୍କ ହାତରେ ମାମଲତକାରଙ୍କର ଦୁର୍ଦ୍ଦଶା ଭିନ୍ନ ଆଉ କିଛି ଫଳ ଦେଖା ଯାଉ ନାହିଁ ।

---

ବେହାର ପ୍ରଦେଶରେ ବଙ୍ଗାଳମାନଙ୍କୁ ସରକାରିକର୍ମ ଦେବା ବିରୁଦ୍ଧରେ ଆମ୍ଭମାନଙ୍କ ଲେଟ ଲାଟ୍‌ସାହେବ କେତେଦିନହେଲା ଯେଉଁ ଆଜ୍ଞା ପ୍ରଚାର କରିଥିଲେ ତଦ୍ୱାରା ବେହାରରେ ବାସ କରିଥିବା ବଙ୍ଗାଳିଙ୍କ ପ୍ରତି ବିଶେଷ ଅନ୍ୟାୟ ହେବାରୁ ମାନ୍ୟବର ସର ଆସଲି ଇଡେନ ସମ୍ପ୍ରତି ଏହିମର୍ମରେ ଏକ ଆଜ୍ଞା ଜାରି କରିଅଛନ୍ତି ଯେ ସରକାରିକର୍ମରେ ନିଯୁକ୍ତ କରିବା ସକାଶେ ବେହାର ପ୍ରଦେଶରେ ଚିରକାଳ ବାସକରିଥିବା ବଙ୍ଗାଳିଙ୍କର ସନ୍ତାନମାନଙ୍କୁ ବେହାର ଦେଶୀୟ ଲୋକବୋଲି ଗଣ୍ୟ କରିବାକୁ ହେବ କିନ୍ତୁ ଯେଉଁ ବଙ୍ଗାଳମାନେ ଚିରସ୍ଥାୟୀମତେ ସେଠାରେ ବାସ ନ କରି କେବଳ ସରକାରୀ କାର୍ଯ୍ୟ ଗ୍ରହଣ କରିଅଛନ୍ତି ତାହାଙ୍କର ସନ୍ତାନମାନେ ଯେମନ୍ତ ଏ ନିୟମର ଫଳଭୋଗକର ନ ପାରନ୍ତି ଏପକ୍ଷରେ ସାବଧାନ ରହିବାକୁ ହେବ । ଓଡ଼ିଶାବାସି ବଙ୍ଗାଳମାନେ ଶ୍ରୀଯୁକ୍ତ ରେବନସା ସାହେବ କମିଶ୍ନରଙ୍କ ଅମଳରେ ଏହିପରି ହରବରରେ ପଡ଼ିଥିଲେ, ବର୍ତ୍ତମାନ ହାକିମଙ୍କର ସେ ଭାବ ନାହିଁ ଓ ଭବିଷ୍ୟତରେ ଉଦୟ ହେଲେ ମଧ୍ୟ ଉପରଲିଖିତବିଧି ସେମାନଙ୍କ ପ୍ରତି ଏକ ନଜିର ହେବ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇ ଲେଖୁଅଛୁଁ କି ଏନଗରର ଜଣେ ସବଡେପୁଟୀ ବାବୁ କ୍ଷେତ୍ରମୋହନ ମୁଖୁର୍ଯ୍ୟା ଗତ ମଙ୍ଗଳବାର ରାତ୍ରି ଘ ୯ ଟା ସମୟରେ ମାନବଲୀଳା ସମ୍ବରଣ କଲେ । ମୃତ୍ୟୁର ପ୍ରାୟ ଏକସପ୍ତାହ ପୂର୍ବରୁ ଏହାଙ୍କର ଏକଶିରା ବୃଦ୍ଧି ହୋଇ ବାତଜ୍ୱର ହୋଇଥିଲା । ଏଥିମଧ୍ୟରେ ଏକଶିରା ପାଚିଗଲା ଏବଂ ଡାକ୍ତର ଚିକିତ୍ସା କରୁଥିଲେ ମଧ୍ୟ ସେ ସ୍ୱୟଂ ନସ୍ତର କରାଇବାକୁ ପୂର୍ବରୁ ସମ୍ମତ ହୋଇ ନ ଥିଲେ । ଅବଶେଷରେ ମୃତ୍ୟୁର ଦୁଇଘଣ୍ଟା ପୂର୍ବରୁ ନସ୍ତର କରାଇବାକୁ ସମ୍ମତ ହେବାରେ ଇଚ୍ଛାନୁସାରେ କାର୍ଯ୍ୟ ହେଲା ଏବଂ ବସ୍ତର ପନ୍ଥପୂଜ ବାହାରିଲା କିନ୍ତୁ ସେ ସମୟକୁ ତାହାଙ୍କର ଶେଷଦଶା ଉପସ୍ଥିତ ହୋଇଥିଲା ସୁତରାଂ କିନ୍ତୁ ଯହିରେ ସୁଦ୍ଧା ଦୁଇଘଣ୍ଟାରୁ ଅଧିକ ବଞ୍ଚି ପାରିଲେ ନାହିଁ । କ୍ଷେତ୍ର ବାବୁଙ୍କ ବୟସ ବ ୩୫ ବର୍ଷ ମାତ୍ର ଏବଂ ତାହାଙ୍କ ମାତା ସ୍ତ୍ରୀ ଓ ପାଞ୍ଚୋଟି ପିଲା ବର୍ତ୍ତମାନ ଏମାନଙ୍କୁ ସେ ଘୋରଦୁଃଖରେ ପକାଇ ଚାଲିଗଲେ । କ୍ଷେତ୍ରବାବୁଙ୍କ ସକାଶେ ଏ ନଗରବାସୀ ଛଡ଼ା ମାମଲତକାର ଏବଂ ଅପରଲୋକେ ସୁଦ୍ଧା ଅତ୍ୟନ୍ତ ଶୋକ କରୁଅଛନ୍ତି । ସେ ଜଣେ ଯଥାର୍ଥ ନୈଷ୍ଠିକ ହିନ୍ଦୁ ଏବଂ ଅତ୍ୟନ୍ତ ବିନୟୀ ଓ ଶାନ୍ତପ୍ରକୃତିର ଲୋକଥିଲେ ଦୟା ଓ ସୁବିଚାର ଗୁଣରେ ଜନଲୋକର ଭୂଷଣ ହୋଇଥିଲେ ଏଥିପାଇଁ ମାମଲତକାରମାନେ ଅତ୍ୟନ୍ତ ଦୁଃଖିତ । ଓଡ଼ିଶାର ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲିବାକୁ ହେବ ଯେ ଗତ ଛମାସମଧ୍ୟରେ ଦୁଇଜଣ ଯୋଗ୍ୟ ଲୋକ ଅକାଳେ କାଳଗ୍ରାସରେ ପତିତ ହେଲେ !

---

ଆଜିକାଲି ଏଠା ଜଏଣ୍ଟ ମେଜିଷ୍ଟ୍ରେଟ ମିଉନିସପଲ ଆଇନ ଓ ନିୟମ ଏ ନଗରରେ କଡ଼ା ଜାରି କରିଅଛନ୍ତି । ପ୍ରାୟ ପ୍ରତ୍ୟହ କେତେକ ଲୋକ ମଇଳା କରିବା ଇତ୍ୟାଦି ଅପରାଧରେ ଧରା ହୋଇ ଫଉଜଦାରୀକୁ ଯାଉଅଛନ୍ତି ଓ କିଛି କିଛି ଅର୍ଥଦଣ୍ଡ ଦେଇ ଖଲାସ ପାଉଅଛନ୍ତି । ଏପରି କାର୍ଯ୍ୟ ନଗର ପରିଷ୍କାର ପକ୍ଷରେ ବଡ଼ କାର୍ଯ୍ୟକର ଅଟେ ଓ ବାସ୍ତବରେ ପୂର୍ବାପେକ୍ଷା

Digitized by srujanika@gmail.com

ବର୍ତ୍ତମାନ ନଗର କିଛି ଅଧିକ ପରିଷ୍କାର ଦେଖାଯାଏ କିନ୍ତୁ ଏ ନିୟମମାନ କିଛି କଠିନରୂପେ ପ୍ରଚଳ କରାଯାଉଅଛି ଓ ସୂକ୍ଷ୍ମ ବିଚାର ହେଉ ନାହିଁ । ଯଥା;— ଘରୁ ମଇଲାପାଣି ସଡ଼କ ବା ନାଳକୁ ବୋହି ଆସିଲେ ଗୃହସ୍ୱାମୀଙ୍କୁ ସନ ୧୮୭୬ ସାଲ ୫ ଆଇନର ଧା ୨୩୭ ଅନୁସାରେ ଅଭିଯୁକ୍ତ କରାଯାଉଅଛି ଅଥଚ ସେ ପାଣି ବାହାର ଯିବାର ସୁବିଧା କରି ଦିଆ ହେଉ ନାହିଁ । ଆଗେ ଏଥିର ସୁବିଧା ଓ ସୁଯୋଗ କରି ଦିଆ ଯାଉ ପଛେ ତହିଁର ବିପକ୍ଷରେ କେହି ମଇଲାପାଣି ସଡ଼କ ଉପରକୁ ଛାଡ଼ିଲେ ତାକୁ ଧରି ଯଥୋଚିତ ଦଣ୍ଡ ଦିଆ ଯାଉ ଏହା ହେଲେ କାହାର କିଛି ଆପତ୍ତି ବା ମନୋଦୁଃଖର କାରଣ ନ ରହିବ । ନିକଟରେ ଏଠାର ଭଦ୍ରଜଣ ବନ୍ତ ଓ ଖୋଲ ସଡ଼କକୁ ମଇଲାପାଣି ଛାଡ଼ିବାର ଅଭିଯୁକ୍ତ ହେବାରୁ ଉପରୋକ୍ତ ହେତୁ ବାଦରେ ସେମାନେ ପ୍ରତିବାଦ କରିବାକୁ ପ୍ରସ୍ତୁତ ଥିଲେ ମାତ୍ର ଅଭିଯୋଗକାରୀ ମିଉନିସିପଲ ଓଭରସିୟର ନିରୂପିତ ଦିବସରେ ଫଉଜଦାରୀ ଅଦାଲତରେ ଅନୁପସ୍ଥିତ ହେବାରୁ ତୁଷ୍ଟ ପ୍ରଯୁକ୍ତ ସେ ମୋକଦ୍ଦମାମାନ ଡିସମିସ ହୋଇ ଗଲା । ଏଣୁ କରି ଦୋଷାଦୋଷର ମୀମାଂସା ହୋଇ ନ ପାରିଲା । ମୋକଦ୍ଦମା ତଳ ପାଇବ ନାହିଁ ବୋଲି ଅଭିଯୋଗକାରୀ ଲୁଚି ରହିଲେ କି ? ତେବେ ସେ କି ସକାଶେ ଅନର୍ଥକ ଭଦ୍ର ବ୍ୟକ୍ତିମାନଙ୍କୁ ହରବର କଲେ । ସେ ଯାହା ହେଉ ତାଙ୍କୁ ମଇଲାପାଣି ଆସିବାର ଦୂଷଣୀୟ ଓ ତାହା ବୋହି ଯିବା ସକାଶେ ସଡ଼କ ଦୁଇପାର୍ଶ୍ୱରେ ପକ୍କାନାଳ କରିବାର ମିଉନିସିପଲଟିଙ୍କର କର୍ତ୍ତବ୍ୟ । ଅତଏବ ଆମ୍ଭେମାନେ ଅନୁରୋଧ କରୁଁ ଯେ ଜଏଣ୍ଟ ମେଜିଷ୍ଟ୍ରେଟ ଓ ମିଉନିସିପଲ କମିଶନରମାନେ ଏଥିର ବ୍ୟବସ୍ଥା କରନ୍ତୁ ।

---

## ଖ୍ରୀଷ୍ଟିୟାନ ଗିର୍ଜାର ବ୍ୟୟ ।

ବିଲାତର ପାର୍ଲିମେଣ୍ଟ ସଭାର ଜଣେ ସଭ୍ୟ ମହାମାନ୍ୟ ଡବ୍ଲ୍ୟୁ, ଇ, ବକଷ୍ଟର ସାହେବ ଭାରତବର୍ଷର ନାନା ସ୍ଥାନ ଭ୍ରମଣ କରି ସମ୍ପ୍ରତି କଲିକତାରେ ଅଛନ୍ତି । ଏହି ମାସରେ ସେ ବିଲାତକୁ ଯାତ୍ରା କରିବେ ଗତ ମାସ ଶେଷ ଭାଗରେ କଲିକତା ନଗରବାସୀ କେତେ ଜଣ ପାଦ୍ରି ଏବଂ ଅପର ଭଦ୍ରଲୋକ ତାହାଙ୍କ ସମୀପକୁ ଯାଇ ଭାରତବର୍ଷୀୟ ଗିର୍ଜାର ବ୍ୟୟ ବିଷୟରେ ଆବେଦନ କରିଥିଲେ । ସାହେବ ମହୋଦୟ ସେମାନଙ୍କ କଥା ଶୁଣି ତଳଲିଖିତ ପ୍ରଶ୍ନମାନ କଲେ ଯଥା;— ୧ ମ ହିନ୍ଦୁ ଓ ମୁସଲମାନଙ୍କଠାରୁ ଟାକ୍ସରୂପେ ଯେଉଁ ଟଙ୍କା ଗୃହୀତ ହେଉଅଛି ତହିଁରୁ ଗବର୍ଣ୍ଣମେଣ୍ଟ ସରକାର ପାଦ୍ରିମାନଙ୍କ ବେତନ ଦେଉଅଛନ୍ତି କି ନା ? ୨ ୟ ଏହି ଟଙ୍କାରୁ ଗିର୍ଜାଘର ମରାମତି ଏବଂ ସଜ୍ଜିତ କରିବା ବ୍ୟୟ ଦିଆଯାଏ କି ନା ? ଏବଂ ୩ ୟ ଦେଶୀୟ ଶିକ୍ଷିତଲୋକମାନେ ଏ ବିଷୟରେ ଆପତ୍ତି କରିଅଛନ୍ତି କି ନା ? ଏହି ତିନ ପ୍ରଶ୍ନର ସ୍ୱୀକାର ଉତ୍ତର ପାଇ ଏବଂ ଅନ୍ୟାନ୍ୟ କେତେ କଥା ଶୁଣି ସେ କହିଲେ ଯେ ହିନ୍ଦୁ ଓ ମୁସଲମାନଙ୍କଠାରୁ କର ଆଦାୟ କରି ତହିଁରେ ଖ୍ରୀଷ୍ଟିୟାନ ଧର୍ମ ପୋଷଣ କରିବା ଅତ୍ୟନ୍ତ ଅନ୍ୟାୟ ଅଟଇ ସେ ଏଥି ପୂର୍ବେ ଏ ପ୍ରସଙ୍ଗ ପାର୍ଲିମେଣ୍ଟ ସଭାରେ ଉତ୍ଥାପନ କରିଥିଲେ ଏବଂ ତଦନୁସାରେ ଏକ ତାଲିକା ପ୍ରସ୍ତୁତ ହୋଇଅଛି ମାତ୍ର ତହିଁରୁ ପ୍ରକୃତ କଥା ସ୍ପଷ୍ଟରୂପେ ଜଣାପଡ଼ୁ ନାହିଁ । ଯାହା ହେଉ ବିଲାତର ରକ୍ଷଣଶୀଳ ଏବଂ ଉଦାରନୀତି ଉଭୟ ଦଳ ଏ ବ୍ୟାପାରର ବିରୋଧୀ ଅଟନ୍ତି ଅଫଗାନ ଯୁଦ୍ଧ ହେତୁରୁ ବିଲାତି ଲୋକଙ୍କର ଭାରତବର୍ଷ ପ୍ରତି ଅଧିକ ଦୃଷ୍ଟି ପଡ଼ିଅଛି ଏବଂ ଏଠାରେ କୌଣସି ଅନ୍ୟାୟ କାର୍ଯ୍ୟ ଦେଖିବା ସେମାନଙ୍କର ଇଚ୍ଛା ନୁହଇ । ଯଦ୍ୟପି ଖ୍ରୀଷ୍ଟିୟାନ ଧର୍ମ ସମ୍ପର୍କରେ ଗବର୍ଣ୍ଣମେଣ୍ଟଙ୍କର ବ୍ୟୟ ସାମାନ୍ୟ ଅଟଇ ମାତ୍ର ଏହା ବୋଲି ତୁଚ୍ଛ କରିବାର ବିଷୟ ନୁହଇ । କାରଣ ସାମାନ୍ୟ ବିଷୟରେ ମଧ୍ୟ ଲୋକଙ୍କଠାରେ ସରଳଭାବ ଦେଖାଇବାର ଉଚିତ । ସେ ବିଲାତକୁ ଯାଇ ଭାରତବର୍ଷୀୟ ସେକ୍ରେଟରିଙ୍କୁ ଏ ସମସ୍ତ କଥା ଜଣାଇବେ ଏବଂ ତହିଁରେ ଯେବେ ଫଳ ନ ହେବ ତେବେ ପୁନର୍ବାର ପାର୍ଲିମେଣ୍ଟରେ ଏଥିର ଆନ୍ଦୋଳନ କରିବେ । ଆମ୍ଭେମାନେ ଆଶା କରୁଁ କି ଏହି ମହୋଦୟଙ୍କ ଯୋଗେ ଗୋଟିଏ କଳଙ୍କ ଦୂରୀଭୂତ ହେବ । ସାଧାରଣ ଭଣ୍ଡାରରୁ ଧର୍ମ ବିଶେଷର ବ୍ୟୟ ନିର୍ବାହ କରିବା ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କର ଉଦାର ନୀତିର ସମ୍ପୂର୍ଣ୍ଣ ବିରୋଧୀ ଅଟଇ ଏବଂ ଏହା ଯେତେ ଶୀଘ୍ର ଉଠିଯିବ ତେତେ ସୁଖର ବିଷୟ ହେବ ।

---

## ସାର୍ପ ସାହେବଙ୍କ ମୋକଦ୍ଦମା ।

ବଗୁଡ଼ାର ଜଏଣ୍ଟମାଜିଷ୍ଟ୍ରେଟ ସାର୍ପ ସାହେବଙ୍କର ଗୋଟିଏ ଅଭ୍ୟାଗତର ବନ୍ଧୁତ ହେବାରୁ ସମ୍ବାଦପତ୍ରମାନଙ୍କର ଆଲୋଚନାର ବିଷୟ ହୋଇ ଅଛି । ଅଭ୍ୟାଗତର ବୃତ୍ତାନ୍ତ ଏହିକି ବଗୁଡ଼ାନିବାସୀ କେତେକ ଦେଶୀୟ ଭଦ୍ରଲୋକ ଓ ତହିଁ ମଧ୍ୟରେ କେହି୨ ଡେପୁଟୀ ମାଜିଷ୍ଟ୍ରେଟ ଓ ମୁନସଫ ପ୍ରଭୃ[illegible]ର ପଦସ୍ଥ ବ୍ୟକ୍ତି ଥିଲେ କଥିମତ ପୁଲିସରୁ ପାସ ନେଇ ଗତ ନବେମ୍ବର ମାସ ତା ୧୧ ରିଖରେ ସମବେତ ହୋଇ ନଗର କୀର୍ତ୍ତନ କରି ବୁଲୁ ଥିଲେ । ସାର୍ପ ସାହେବଙ୍କର କୋଠି ନିକଟରେ ଏମାନେ ପହଞ୍ଚନ୍ତେ ସାର୍ପ ସାହେବ ବସେ ବଡ଼ ସାହେବଙ୍କ ଅନୁପସ୍ଥିତିରେ ମାଜିଷ୍ଟ୍ରେଟଙ୍କ ଭାର ବହନ କରୁ ଥିଲେ । ବୋଧ ହୁଏ ଗୀତ ବାଦ୍ୟରେ ବିରକ୍ତ ହୋଇ ପୁଲିସ ସବ୍ଇନସ୍ପେକ୍ଟରଙ୍କୁ ଡକାଇ ଆଣି ସଙ୍କୀର୍ତ୍ତନ ବନ୍ଦ କରି ଓ ତଡ଼ାଇ ଦେବାକୁ ଆଜ୍ଞା ଦେଲେ ପୁଲିସ କର୍ମଚାରୀ ଆଜ୍ଞା ଅନୁସାରେ ସମସ୍ତ ସଙ୍କୀର୍ତ୍ତନୀୟଙ୍କୁ ଗିରଫ୍ତାର କରି ସାର୍ପ ସାହେବଙ୍କ କଚେରିକୁ ନେଇ ଗଲା । ତଦାରକରେ ଜଣା ଗଲା କି ଏ ସମାରୋହଟି ଧର୍ମ ସମ୍ବନ୍ଧୀୟ ଅଟଇ ଏବଂ ଏଥି ନିମନ୍ତେ ପୁଲିସ ପାସ ଗୃହୀତ ହୋଇ ଅଛି । ଭଦ୍ରଲୋକମାନେ ଆଇନାନୁସାରେ କାର୍ଯ୍ୟ କରି ଏପ୍ରକାର ଅପମାନ ଭୋଗିବାରୁ ସେମାନଙ୍କ ଦଳପତି ବାବୁ ଶ୍ୟାମଲ-ଗୃହସ୍ୱାମୀ ମାନଙ୍କର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ନିକଟରେ ଦରଖାସ୍ତ କଲେ ଏବଂ ସ୍ୱତନ୍ତ୍ର ଏକ ବ୍ୟକ୍ତି ସାର୍ପ ସାହେବଙ୍କ ନାମରେ ଟ ୧୦୦୦ ଙ୍କା କ୍ଷତି ପୂରଣ ମୋକଦ୍ଦମା କରିବାକୁ ଅନୁମତି ପ୍ରାର୍ଥନା କଲେ । ତହୁଁ ମାନ୍ୟବ[illegible] ଲାଟ ସାହେବ କମିସନରଙ୍କୁ ଅନୁସନ୍ଧାନ [illegible] ରିପୋର୍ଟ କରିବାକୁ ଆଜ୍ଞା ଦେଲେ । ଉକ୍ତ ରିପୋର୍ଟ ପାଇ ମାନ୍ୟବର ଲାଟ ସାହେବ ସ୍ଥିର କଲେ କି ସଙ୍କୀର୍ତ୍ତନୀୟମାନେ କେବଳ ଅଳ୍ପ କାଳ ଅଟକରେ ରହିବା ଭିନ୍ନ ଆଉ କୌଣସି କଷ୍ଟ ବା ଅପମାନ ସହ୍ୟ କରି ନାହାନ୍ତି ଅତଏବ ସେ ସାର୍ପ ସାହେବଙ୍କ ନାମରେ ଫଉଜଦାରୀ ମୋକଦ୍ଦମା ଉପସ୍ଥିତ କରିବା ମଞ୍ଜୁର କଲେ ନାହିଁ ଏବଂ ଅନ୍ତର ଆଜ୍ଞା ଦେଲେ କି ଯେବେ ଉକ୍ତ ସାହେବଙ୍କ ନାମରେ କ୍ଷତି ପୂରଣ ମୋକଦ୍ଦମା ହେବ ତେବେ ଗବର୍ଣ୍ଣମେଣ୍ଟଙ୍କ ଖର୍ଚ୍ଚରେ ତହିଁର ପ୍ରତିବାଦ କରାଯିବ । ଆମ୍ଭେମାନେ ସର ଆସଲି ଇଡ଼ନଙ୍କର ଏ ବିଚାରରେ ଦୁଃଖିତ ହୋଇ ଅଛୁ । ଭଦ୍ରଲୋକମାନେ ଆଇନାନୁସାରେ କାର୍ଯ୍ୟ କରି ବୃଥା କାହାର ଲୋକଙ୍କ ସମ୍ମୁଖରେ ଅପଦସ୍ଥ ହୋଇ ଅକାରଣ ପୁଲିସର

Digitized by srujanika@gmail.com

ନଗର ବନ୍ଦରେ ରହି ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ବଙ୍ଗଳା ଏବଂ ପୁଲିସ ଲାଇନ ମଧ୍ୟରେ ଟେଣାଟେଣି ହେଲେ ଏବଂ ଅତ୍ୟନ୍ତ ଉତ୍ସାହ ସହିତ ଯେଉଁ ଧର୍ମ କାର୍ଯ୍ୟରେ ମତ୍ତ ଥିଲେ ତାହା ନିର୍ବିଘ୍ନରେ ନିର୍ବାହ କରି ପାରିଲେ ନାହିଁ । ଏହା ଯେବେ ଅତ୍ୟନ୍ତ ମନଃପୀଡ଼ା ଓ ଅପମାନର ବିଷୟ ନୁହଇ ତେବେ ଆଉ କେଉଁ ସ୍ଥଳରେ ସେ ଅପରାଧମାନ ଘଟନା ହେବ ଆମ୍ଭେମାନେ ବୁଝି ପାରୁ ନାହୁଁ । ବାସ୍ତବରେ ମାନ୍ୟବର ଛୋଟ ଲାଟସାହେବ କେବଳ ଜଣେ ଇଂରାଜହାକିମଙ୍କୁ ରକ୍ଷା କରିବା କାରଣ ଏପରି ଅଯୌକ୍ତିକ କଥା କହି ଅଛନ୍ତି ଏପରି ମତ ନ ହେଲ ଯେବେ କହି ଥାନ୍ତେ କି ହାକିମ ଯାହା କରେ ତାହା ଭଲ ତହିଁ ବିରୁଦ୍ଧରେ ପ୍ରତିବାଦ କରିବା କୌଣସି ପ୍ରଜାର ଅଧିକାର ନାହିଁ ଅତଏବ ଆବେଦନକାରୀମାନେ ଆପଣାକୁ ଅପମାନିତ ମନେ କରିବା ଅନ୍ୟାୟ ତେବେ ତାହାଙ୍କର ମତ ଅନ୍ତତଃ ଅଧିକଯୁକ୍ତିଯୁକ୍ତ ହୋଇ ଥାନ୍ତା । ଉଚ୍ଚପଦସ୍ଥ କର୍ମଚାରୀଙ୍କର ଏହି ପ୍ରକାର କାର୍ଯ୍ୟ ହେତୁ ସିନା ଇଂରାଜ ଶାସନ ପ୍ରଣାଳୀ ପ୍ରତି ପ୍ରଜାଙ୍କର ଅଶ୍ରଦ୍ଧା ଜାତ ହୁଅଇ କିନ୍ତୁ ଶାସନକର୍ତ୍ତାମାନେ ତହିଁର ପ୍ରତୀକାର କରିବା ଦୂରେ ଥାଉ ବର୍ତ୍ତମାନ ମୋକଦ୍ଦମାପରି ବିଚାର ଦ୍ୱାରା ସେ କାର୍ଯ୍ୟରେ ଉତ୍ସାହଦାନ କରନ୍ତି । ମାନ୍ୟବର ଇଡେନ ସାହେବ ଆପଣା ରାଜତ୍ୱର ଶେଷ କାଳରେ ଏପ୍ରକାର କଳଙ୍କ ରଖି ଯାଉଅଛନ୍ତି ବଡ଼ ଦୁଃଖର ବିଷୟ ଅଟଇ । ସାର୍ପ ସାହେବଙ୍କୁ ଉଚିତ ଦଣ୍ଡ ଦେବା ତାହାଙ୍କର ନିତାନ୍ତ କର୍ତ୍ତବ୍ୟ ଥିଲା ଏହା ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଅଟଇ ।

---

## ସମାଲୋଚନା ।

ଆମ୍ଭେମାନେ ଉତ୍କଳ ହିତୈଷିଣୀ ଯନ୍ତ୍ରରେ ମୁଦ୍ରିତ ହେବା ତଳଲିଖିତ ପୁସ୍ତକମାନ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ।

ସ୍ୱାସ୍ଥ୍ୟରକ୍ଷା, ବାବୁ ଉମାପ୍ରସାଦ ଦେ କୃତ—ଏ ପୁସ୍ତକ ଖଣ୍ଡିକ ବହୁକାଳରୁ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ପ୍ରଚଳିତ ଅଛି ସୁତରାଂ ତହିଁର ଅଧିକ ପରିଚୟର ପ୍ରୟୋଜନ ନାହିଁ ତେବେ ବର୍ତ୍ତମାନ ସଂସ୍କରଣରେ ଏହା ଅନେକ ପରିମାଣରେ ପରିବର୍ଦ୍ଧିତ ହୋଇଅଛି ଏବଂ ପାକସ୍ଥଳୀ ଓ ରକ୍ତସଞ୍ଚାଳନ କ୍ରିୟା ଇତ୍ୟାଦି ବୁଝିବା କାରଣ କେତେଗୁଡ଼ିଏ ଉତ୍ତମ ଚିତ୍ର ଏଥିରେ ସନ୍ନିବେଶିତ ହୋଇ ଥିବାରୁ ବାଳକଙ୍କର ଅଧିକ ସୁବିଧା ହୋଇଅଛି । ଚିତ୍ର ଗୁଡ଼ିକ ଏହିଠାରେ ପ୍ରସ୍ତୁତ ହେବା ବଡ଼ ସୁଖର ବିଷୟ ଅଟଇ । ଏ ଦେଶରେ ସଚରାଚର ଘଟୁଥିବା କେତେଗୁଡ଼ିଏ ରୋଗର ଅତି ସରଳ ଔଷଧମାନ ପୁସ୍ତକରେ ପ୍ରକାଶ କରି ଗ୍ରନ୍ଥକର୍ତ୍ତା ମୋଫସଲବାସୀଙ୍କର ବଡ଼ ଉପକାର କରିଅଛନ୍ତି ।

ବୈଷୟିକ ଦୀପିକା—ଏ ଖଣ୍ଡିଏ ବିଚିତ୍ର ଗ୍ରନ୍ଥ ଅଟଇ । ଏଥିରେ ଭୂଗୋଳ, ଇତିହାସ, ଅର୍ଥବ୍ୟବହାର କୃଷିତତ୍ତ୍ୱ ଆଇନ ରେଭିନ୍ୟୁ ବୋର୍ଡର ବିଧି ଇତ୍ୟାଦି ସକଳ ବିଷୟର କିଛି୨ ଉଲ୍ଲେଖ ଅଛି ଏବଂ ବହୁ ବ୍ୟବସାୟୀ ଯେମନ୍ତ କୌଣସି ଏକ ବିଷୟରେ ନିପୁଣତା ଲାଭ କରି ପାରଇ ନାହିଁ ତେମନ୍ତ ଏହାର ଦଶା ଘଟିଅଛି ତାହା ପଢ଼ିଲା ମାତ୍ରକେ ପାଠକମାନେ ଜାଣି ପାରିବେ । ଗ୍ରନ୍ଥକର୍ତ୍ତା ବାବୁ କାଳୀପଦ ବାନ୍ର୍ଯ୍ୟା କି ସେ ଏ ପୁସ୍ତକ ସମ୍ପର୍କରେ ବିଶେଷରେ ଆପଣାକୁ ଜିଲ୍ଲା ଶିକ୍ଷା କମିଟିର ଜଣେ ମେମ୍ବର ବୋଲି ପରିଚୟ ଦେଇଅଛନ୍ତି ପ୍ରକାଶ୍ୟରେ ଏହାକୁ ବିଦ୍ୟାଳୟର ବ୍ୟବହାର ନିମିତ୍ତ ରଚନା କରି ନାହାନ୍ତି ଯେହେତୁ ଏହାର ନାମର ଅର୍ଥ ବିଷୟୀ ବା ମାମଲତକାରି ବ୍ୟକ୍ତିର ହସ୍ତ ପୁସ୍ତକ ବୋଲି ସ୍ୱୟଂ ଗ୍ରନ୍ଥକାର କହିଅଛନ୍ତି ସୁତରାଂ ବିଚିତ୍ର ହେବା କେତେ କ୍ଷତିର କଥା ନୁହଇ । ମାତ୍ର ବିଜ୍ଞାପନରେ ଗ୍ରନ୍ଥକାର ଲେଖିଅଛନ୍ତି କି "ଜମିଦାରୀ ଏବଂ ମହାଜନୀ ବିଷୟକ ଅନେକ ପୁସ୍ତକ ବଙ୍ଗ ଓ ଉତ୍କଳ ଭାଷାରେ ପ୍ରଚଳିତ ଥିଲେ ହେଁ ସେମାନଙ୍କରେ ସମସ୍ତ ଅଭାବମାନ ପୂର୍ଣ୍ଣ ହୋଇ ନାହିଁ ପୁଣି ତାହା ଅକୁଶଳୀ ଶିଳ୍ପୀର କାର୍ଯ୍ୟ ନ୍ୟାୟ ସମ୍ପାଦିତ ହୋଇଅଛି, ଏହି ହେତୁରୁ କଟକ ଜିଲାର ଡେପୁଟୀ ଇନସ୍ପେକ୍ଟର ଶ୍ରୀ ବାବୁ ଉମାପ୍ରସାଦ ଦେଙ୍କ ଅନୁରୋଧରେ ଆମ୍ଭେ ଏହି ବୈଷୟିକ ଦୀପିକାର ପ୍ରଥମଭାଗ ପ୍ରଣୟନ କଲୁଁ" । ଅତଏବ ପ୍ରଚଳିତ ଜମିଦାରୀ ସିରସ୍ତା ପରିବର୍ତ୍ତରେ ଏହି ପୁସ୍ତକକୁ ବିଦ୍ୟାଳୟମାନଙ୍କରେ ଚଳାଇବା ଗ୍ରନ୍ଥକାରଙ୍କର ମୋଖ୍ୟ ଉଦ୍ଦେଶ୍ୟ ଅଟଇ ଏବଂ ଏଥିପାଇଁ କମିଟୀର ମେମ୍ବର ଏବଂ ଡେପୁଟି ଇନସ୍ପେକ୍ଟରର ଗୁଣ ଦେବାକୁ ତ୍ରୁଟି କରି ନାହାନ୍ତି ଏବଂ ଏ ଜିଲାର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଫସି ସାହେବଙ୍କୁ ଏ ପୁସ୍ତକ ଉପହାର ଦେଇଅଛନ୍ତି ଏଥିରୁ ପ୍ରଶ୍ନ ଏହି ଅନ୍ୟାନ୍ୟ ଜମିଦାରୀ ସିରସ୍ତାଠାରୁ ଏହା କି ଉତ୍କୃଷ୍ଟ ହୋଇଅଛି ? ଆମ୍ଭେମାନେ ବାବୁ ନିମାଇଚରଣ ବୋଷ ଏବଂ କୁମାର ବୈକୁଣ୍ଠନାଥ ଦେଙ୍କ ଜମିଦାରୀ ସିରସ୍ତାମାନ ଦେଖିଅଛୁଁ ବୋଷଜାଙ୍କ ଗ୍ରନ୍ଥ ଅଧିକ ବାହୁଲ୍ୟ ଏବଂ କୁମାରଙ୍କ ଗ୍ରନ୍ଥ ସଂକ୍ଷେପ ହେଲେହେଁ ଉଭୟରେ ଜମିଦାରୀ କାଗଜ ପତ୍ର ପ୍ରସ୍ତୁତ କରିବାର ନିୟମମାନ ଉତ୍ତମରୂପେ ବର୍ଣ୍ଣିତ ହୋଇଅଛି । ସମାଲୋଚିତ ଗ୍ରନ୍ଥ ଅନ୍ୟାନ୍ୟ ଅସାର ବିଷୟରେ ପରିପୂର୍ଣ୍ଣ ହୋଇ ଗ୍ରନ୍ଥର ପ୍ରକୃତ ଉଦ୍ଦେଶ୍ୟ ପରିଶିଷ୍ଟରୂପରେ ଏମନ୍ତ ସଂକ୍ଷେପରେ ଲେଖା ଅଛି ଯେ ତହିଁରୁ ବାଳକମାନଙ୍କର କୌଣସି ଉପକାର ହେବା ଅତ୍ୟନ୍ତ କଠିନ । ପୁଣି ଏହାର ଭାଷା ସ୍ଥାନେ୨ ଏମନ୍ତ ମନ୍ଦ ହୋଇଅଛି ଯେ ବାଳକଙ୍କ ପକ୍ଷରେ ପଢ଼ିବା ସହଜ ନୁହଇ ।

ଏ ପୁସ୍ତକ ଖଣ୍ଡିକ ଟୀକା ଏବଂ ମନ୍ତବ୍ୟରେ ପରିପୂର୍ଣ୍ଣ ଏବଂ ସେ ସମସ୍ତ ଅନେକ ସ୍ଥଳରେ ଭ୍ରମାତ୍ମକ ଓ ଅସମ୍ପୂର୍ଣ୍ଣ ଥିବାର ଲକ୍ଷିତ ହୁଅଇ ପୁସ୍ତକର ଆରମ୍ଭରେ 'ସ୍ଥାବର ବା ଭୂସମ୍ପତ୍ତି'ର ଏହିପରି ଟୀକା ହୋଇଅଛି କି 'ଧନ ଧାନ୍ୟ ଧର୍ମ ଏହି ତିନି ପଦାର୍ଥ ଓ ଏଥିର ବିନିମୟରେ ଯେଉଁ ପଦାର୍ଥ ଲାଭ କରାଯାଏ ତାହାକୁ ସମ୍ପତ୍ତି କହି' ଏ ବ୍ୟାଖ୍ୟା କେତେଦୂର ସଙ୍ଗତ ହେଲା ପାଠକମାନେ ଅନାୟାସରେ ବୁଝି ପାରିବେ । ଏଥି ଉପରୁ ସ୍ୱୀକାର ଅର୍ଥ ଏହିପରି ହୋଇଅଛି କି 'ଦେଶର ଅଧିକାରୀକ ରାଜା କହି' ଏକଥା ସମାଲୋଚିତ ଗ୍ରନ୍ଥରେ ଲେଖିବାର କୌଣସି ପ୍ରୟୋଜନ ନାହିଁ ପୁଣି ଏଥିରେ ୨ ଧାଡ଼ିର ଏକ ଟିକା ସଂଯୁକ୍ତ ହୋଇଅଛି ଏବଂ ତାହା ଅତ୍ୟନ୍ତ ଅପ୍ରାସଙ୍ଗିକ । ଏହିପରି ଅନେକ କୌତୁକ ଏ ଗ୍ରନ୍ଥରେ ଅଛି ପ୍ରସ୍ତାବ ବାହୁଲ୍ୟ ଭୟରେ ତହିଁର ଉଲ୍ଲେଖରୁ କ୍ଷାନ୍ତ ହେଲୁଁ । କୌତୁକପ୍ରିୟ ପାଠକମାନେ ଏ ଗ୍ରନ୍ଥ ଥରେ ପାଠ କଲେ ବିଫଳ ଶ୍ରମ ହେବ ନାହିଁ ।

---

# ସାପ୍ତାହିକସଂବାଦ ।

ଆମମାନଙ୍କର କଲେକ୍ଟର ନିକଟରେ କନିକା ଯାଇଥିଲେ ସେଠାରେ ପନ୍ଦର ଦିନ ରହି ଗତ ମଙ୍ଗଳବାର ଏଠାକୁ ଫେରି ଆସିଲେ । କନିକାର ମାନେଜର ବାବୁ ଶ୍ରୀନାଥ ଚକ୍ରବର୍ତ୍ତୀ ଆପଣା ବ୍ୟୟରେ ରେଶମ ବାସ ଇତ୍ୟାଦି ପ୍ରକାରରେ ସାହେବଙ୍କର ସ୍ୱାଗତ କରିଥିଲେ ତନ୍ନିମିତ୍ତ ସାମାନ୍ୟ ତେଲ ଖେଷଣ ହୋଇଥିଲା । ସାହେବ ଆସାମୀ ମାସ ତା ୪ ଦିନରେ ବଡ଼ସର ଶିକାର କଥା ଅଛି ।

ଟ୍ରେଞ୍ଚ ନୂତନ ଅଭିଷେକ ଏଠାକୁ ଆସିବାର ଗତ ସପ୍ତା-

Digitized by srujanika@gmail.com

